କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର ପ୍ରାପ୍ତ

ମୋହନ ଦାସ

ଉଦୟ ପ୍ରକାଶ



ଅନୁବାଦ

ମନୁ ଦାଶ

Digitized by PPRACHIN, SOA

ସମକାଳୀନ ଭାରତୀୟ କଥା ସାହିତ୍ୟର ଅନ୍ୟତମ ଶ୍ରଦ୍ଧେୟ ଉଚ୍ଚାରଣ ଉଦୟ ପ୍ରକାଶ। ତାଙ୍କ କାହାଣୀ କହିବାର ଠାଣି ନିଆରା, ହୁଏତ କବିତା ପରି ସେ ଯେମିତି କାହାଣୀକୁ ଶୁଣାନ୍ତି, ଲେଖନ୍ତିନି ବା ନିର୍ମାଣ କରନ୍ତିନି । ଉଦୟ ପ୍ରକାଶଙ୍କ ଚରିତ୍ର ସବୁ ବି ସେମିତି ସ୍ୱତନ୍ତ୍ର । ଭିଡ ଭିତରେ ବାରିହୋଇଯାଉଥିବା ସେହି ଚରିତ୍ରମାନେ ଲାଗନ୍ତି ଯେମିତି ଏଭଳି ଜଣେ କାହାକୁ ଆମେ ଜାଣିଚୁ ଅଥବା ଚିହ୍ନିଚୁ, ହୁଏତ ଏଭଳି କିଏ ଜଣେ ଆମ ଆଖପାଖରେ ଥିଲା ବା ଏବେବି ରହୁଚି । ଉଦୟ ପ୍ରକାଶଙ୍କ ଏକ ବୈଶିଷ୍ଟ୍ୟ, ସେ କାବ୍ୟମୟତା ବଜାୟ ରଖି ବେଶ୍ ଲମ୍ୱା କାହାଣୀ କହିପାରନ୍ତି । କେବଳ କଥା ବା କାହାଣୀ ନୁହେଁ, କବିତା ରଚନାରେ ବି ତାଙ୍କର ରହିଛି ଅସାମାନ୍ୟ ଦକ୍ଷତା, ଏଥିପାଇଁ ବି ତାଙ୍କୁ ମିଳିଛି ଅନେକ ସ୍ୱୀକୃତି । 'ତିରିଛ୍', 'ଔର୍ ଅନ୍ତ ମେଁ ପ୍ରାର୍ଥନା', 'ପଲ ଗୋମରା କା ସ୍କୁଟର୍', 'ପୀଲି ଛତ୍ରୀ ୱାଲୀ ଲଡ୍କୀ', 'ଦତ୍ତାତ୍ରେୟ କେ ଦୁଃଖ୍', 'ମୋହନ ଦାସ', 'ଅରେବା ପରେବା' ଭଳି କହୁ କଥା ସଂଗ୍ରହ ଓ କବିତା ସଂଗ୍ରହର ସ୍ରଷ୍ଟା ଉଦୟ ପ୍ରକାଶଙ୍କୁ ଓଡିଆରେ ଭେଟି ଦେଇ ଆମେ ଆନନ୍ଦିତ ।

..ବନୋଜ ତ୍ରିପାଠୀ

Digitized by PPRACHIN, SOA

ମୋହନ ଦାସ

Digitized by PPRACHIN, SOA

Digitized by PPRACHIN, SOA

ମୋହନ ଦାସ

ମୂଳ ହିନ୍ଦି : ଉଦୟ ପ୍ରକାଶ
ଅନୁବାଦ : ମନୁ ଦାଶ

ପକ୍ଷୀଘର ପ୍ରକାଶନୀ

Digitized by PPRACHIN, SOA

ମୋହନ ଦାସ (ଉପନ୍ୟାସ)
ମୂଳ ହିନ୍ଦି : ଉଦୟ ପ୍ରକାଶ
ଅନୁବାଦ : ମନୁ ଦାଶ

ପ୍ରକାଶକ : ପକ୍ଷୀଘର ପ୍ରକାଶନୀ

ଦ୍ୱିତୀୟ ସଂସ୍କରଣ : ୨୦୧୩
ମୂଲ୍ୟ : ୭୦ ଟଙ୍କା

MOHAN DAS
A Novel by : Udya Prakash
Oriya translation by : Manu Dash

Publisher : Pakshighar Prakashanee
Plot No. 271, 2nd Floor, Gouri Nagar,
Bhubaneswar-14, Odisha, India.
Ph. 9438559778, e_mail : pakshighara1@gmail.com

Cover : Ramakanta Samantray

Second Edition : 2013
Price : ₹70/-

Digitized by PPRACHIN, SOA

ବିଶିଷ୍ଟ ଔପନ୍ୟାସିକା
ନମିତା ଗୋଖଲେଙ୍କ ହାତରେ...
ଯିଏ ଉଦୟ ପ୍ରକାଶଙ୍କର
ମଧ୍ୟ ଜଣେ ପ୍ରଶଂସକ ।

- ମନୁ ଦାଶ

Digitized by PPRACHIN, SOA

Digitized by PPRACHIN, SOA

ସମକାଳୀନ ଭାରତୀୟ କଥାପ୍ରସ୍ଥର ଏକ ଯୁଗାନ୍ତକାରୀ ସୃଷ୍ଟି 'ମୋହନ ଦାସ' । ବହୁସ୍ତରୀୟ ଭାରତୀୟ ସମାଜ ବ୍ୟବସ୍ଥା ଓ ରାଜନୀତିକୁ ଏକ କାବ୍ୟିକ ଓ କ୍ରାନ୍ତୀୟ ଦୃଷ୍ଟିରେ ପରିପ୍ରକାଶ କରି ଏକ ଉଚ୍ଚତର ସ୍ତରରେ ଅଧିଷ୍ଠିତ କରାଇଛନ୍ତି ଉଦୟ ପ୍ରକାଶ, ଏହି ରଚନାରେ । ସଂରକ୍ଷଣ ରାଜନୀତି ଓ ଏଥିରେ ପେଶି ହୋଇଯାଉଥିବା ସାଧାରଣ ମଣିଷର ଏ କାହାଣୀ ଆମକୁ ଆଉ ଏକ ଅନୁଭବ ଆଣିଦେବାରେ ଯଥେଷ୍ଟ । ଜଣେ ନିରପେକ୍ଷ ଓ ସ୍ୱତନ୍ତ୍ର କାହାଣୀକାର ଭାବେ ଭାରତୀୟ କଥା ଜଗତରେ ଚର୍ଚ୍ଚାର କେନ୍ଦ୍ର ଥିବା ଉଦୟ ପ୍ରକାଶଙ୍କ ମୋହନ ଦାସ ଚରିତ୍ରକୁ ହୁଏତ ଆମେ ଭେଟିଛୁ, ଅଥବା ସେ ହୁଏତ ବର୍ଷ ବର୍ଷ ଧରି ଆମ ସାମାଜିକ ଓ ରାଜନୀତିକ ବ୍ୟବସ୍ଥାର ଶିକାର ହୋଇ ଚାଲିଛି ।

ଭାରତୀୟ ସମାଜ ଓ ରାଜନୀତିରେ ମୋହନ ଦାସର ଅନ୍ତ ନାହିଁ । ସେ କେଉଁଠି ନା କେଉଁଠି, କେଉଁ ରୂପରେ ବିଦ୍ୟମାନ ।

..ବନୋଜ ତ୍ରିପାଠୀ

Digitized by PPRACHIN, SOA

Digitized by PPRACHIN, SOA

ଭୟର ରଙ୍ଗ କ'ଣ ? ଧୂଳି ନା ସିଲଟ, ହଳଦିଆ ନା ପାଣିଆ କାଳିର ରଂଗ, ନା' ଯିମିତି ପାଉଁଶର ବର୍ଣ୍ଣ ? ଯେଉଁ ପାଉଁଶର ଶେଷ ହୋଇ ଆସୁଥିବା ଧୂଆଁ ଜୀବନର ଚମକକୁ ଧରି ରଖିଥାଏ... ନା ଏଇଟା ନୀରବତାର ରଂଗ ? ଯେଉଁ ନୀରବତା ଗୋଟେ ଫଟା କାନ୍ଥ, ଯାହାର ଫାଙ୍କ ଭିତରୁ ଜଣେ କେହି ଗୁମୁରି ଗୁମୁରି କାନ୍ଦୁଥିବା ତୁମେ ଦେଖିପାରିବ ? ଲହରୀରେ ଭାସି ଆସି କୂଳରେ ଲାଗିଥିବା ମାଛକୁ ଦେଖିଛ କି ? ମଲା ଆଖି, ଢେଗା ଢେଗା ଆଉ ବିସ୍ଫାରିତ ? ସେଇ ଆଖିମାନଙ୍କ ପରି ହେଇଛି ଭୟର ରଂଗ ।

ଗୋଟେ ଭୟଭୀତ ଲୋକର ବାସ୍ତବ ଜୀବନରେ ତା'ର ଆଖି ଆଉ ଚେହେରାରେ ଯେଉଁ ରଂଗ ବସା ବାନ୍ଧିଥାଏ, ଜଣେ ଈଶ୍ୱରଦତ୍ତ ସିନେମା ଅଭିନେତା ବି ସେ ଭାବପ୍ରବଣତାକୁ ପ୍ରକାଶ କରିପାରିବ ନାହିଁ । ଦିନ ଯାକର କାମ ସାରି ଲୋକଟି ଘରକୁ ଫେରୁଛି, ହାତରେ ଶସ୍ତା ମିଠେଇ ପୁଡ଼ିଆଟେ, ତା ସାଙ୍ଗକୁ ପିଲାଙ୍କ ପାଇଁ ଖେଳନା, ସ୍ତ୍ରୀ ପାଇଁ କାଶ ଔଷଧ । ଗୋଟେ ସାଧାରଣ ଲୋକ ସେ, ଯିମିତି ରାସ୍ତା ମୁଣ୍ଡରେ ବାଟ ଭାଙ୍ଗିଛି, ସାମ୍ନାରେ ଗୋଟାଏ ଶୂନ୍ୟ ଗଳି । ଦଂଗା ଉପଦ୍ରବକାରୀମାନେ ତା' ପାଖକୁ ମାଡ଼ି ଆସୁଛନ୍ତି । ତାକୁ ଘେରି ଯାଉଛନ୍ତି ଅବିଳମ୍ବେ । ତା'ର ସବୁଠୁ ବଡ଼ ଦୁର୍ଭାଗ୍ୟ ଯେ ତାକୁ ଘେରି ଯାଉଥିବା ଲୋକଗୁଡ଼ାକ ତା' ଜାତିର ନୁହଁନ୍ତି ।

ଏବଂ ସେଇ ମୁହୂର୍ତ୍ତରେ ତା'ର ଅନ୍ତ ହେବାର କ୍ଷଣିକ ଆଗରୁ, ତୁମେ ସେ ଲୋକର ଆଖି, ମୁହଁ ଆଉ ଦେହରେ ମୃତ୍ୟୁର ଚିହ୍ନ ସ୍ପଷ୍ଟ ହେବା ଆଗରୁ ଭୟର ରଂଗକୁ ପୁରାପୁରି ଦେଖି ପାରିବ, ସେଦିନ ମୋହନ ଦାସର ଆଖିରେ ମୁଁ ସେଇପରିକା ରଂଗ ଦେଖିଥିଲି ।

'ସିଣ୍ଡଲର୍‌ସ ଲିଷ୍ଟ' ଅଥବା ସେଇ ଜାତୀୟ ଚଳଚ୍ଚିତ୍ରରେ ଆପଣ ସେଇ ଦୃଶ୍ୟ ଦେଖିଥିବେ, ଯେଉଁଥିରେ ଗୋଟେ ନାଜି ରେଳଗାଡ଼ିରେ କେଉଁ ଏକ ଦୂରବର୍ତ୍ତୀ

Digitized by PPRACHIN, SOA

ଇଲାକା ଆଡ଼କୁ ମୁହାଁଇଛି ଦ୍ରୁତଗତିରେ ଓ ସେଥିରେ ଥିବା ଇହୁଦି ପିଲା, ସ୍ତ୍ରୀ ଲୋକ ଓ ବୃଦ୍ଧମାନେ ବନ୍ଦ ଡବାର ଝରକା ଫାଙ୍କରୁ ବାହାର ଦୁନିଆକୁ ଚାହିଁ ରହିଛନ୍ତି, ଅଥବା ଏଇ ଅଳ୍ପଦିନ ତଳେ ଆପଣ ହୁଏତ ଦେଖିଥିବେ କୌଣସି ସହରରେ ଅଥବା ଗୁଜରାଟ୍‌ର କୌଣସି ଝରକା ଫାଙ୍କରୁ ଅଥବା ଛାତ ଉପରୁ ଚାହିଁ ରହିଥିବା ସେଇ ଆର୍ତ୍ତ ମୁହଁମାନଙ୍କର ଛବି ।

ଭୟର ରଂଗ ବୋଧହୁଏ ଠିକ୍ ସେଇପରି । ମୋହନ ଦାସ ମୋ ସାମ୍ନାରେ ଠିଆ ହୁଏ ଏବଂ କ୍ଷୀଣ ତଥା ଥରଥର୍ କଣ୍ଠରେ କହିଚାଲେ: "କକା, ମୋତେ ବଞ୍ଚାନ୍ତୁ! ମୁଁ ତୁମକୁ ନେହୁରା ହଉଚି, ମୋତେ ରକ୍ଷା କର । ଯକ୍ଷ୍ମା ରୋଗରେ ମୋର ବାପା ମରିବାକୁ ଯାଉଛି। ଯଦି ତୁମେ ଚାହଁ, ତେବେ ମୁଁ ତୁମ ସାଂଗରେ ଅଦାଲତକୁ ଯିବି । ଆଉ 'ମୁଁ ମୋହନ ଦାସ' ନୁହେଁ ବୋଲି ଘୋଷଣା ପତ୍ରରେ ଦସ୍ତଖତ କରିଦେବି। ଏକଥା ବି କହିବି ଯେ ମୁଁ ସେପରି ନାମଧାରୀ କୌଣସି ଲୋକକୁ ଜାଣେନା । ହୁଏତ ମୋହନ ଦାସ ନାଁରେ ଆଉ କେହି ଥିବ ଯିମିତି ହେଲେ ମତେ ବଞ୍ଚାଅ, କକା ।"

ଯଦି ଆପଣ ମୋହନ ଦାସକୁ ଦେଖନ୍ତି, ତା' ପ୍ରତି ଆପଣଙ୍କର ଦୟା ଆସିବ । ପରେ ପରେ 'ଦୟା' 'ଭୟ'ରେ ରୂପାନ୍ତରିତ ହେବ । ଆଜିକାଲିର ସମୟ ଭୟର ସମୟ । ଦିନକୁ ଦିନ ଯେ ଭୟ ବଢ଼ିବାରେ ଲାଗିଛି ।

ମୋହନ ଦାସ ପରିବାରର ପୂର୍ବ ପୁରୁଷର ଅନେକଙ୍କୁ ମୁଁ ଜାଣେ । ଗାଁ ମାନଙ୍କରେ ପ୍ରାୟତଃ ଏପରି ସଂଭବ ହୋଇଥାଏ। ଏଗୁଡ଼ିକ ସବୁ ଭୟଭୀତ ହେବା ସମୟ ଓ ଦିନକୁ ଦିନ ଏ ଭୟ ପ୍ରଚଣ୍ଡ ରୂପ ଧାରଣ କରୁଛି । ଦେଖିଲେ ଆଦୌ ଲାଗିବନି ଯେ ଏଇ ଜିଲ୍ଲାର ଏମ୍.ଜି. ଡିଗ୍ରୀ କଲେଜରୁ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ସ୍ନାତକଟିଏ ସେ । ଦଶ ବର୍ଷ ତଳେ ବିଶ୍ୱବିଦ୍ୟାଳୟର ସର୍ବଶ୍ରେଷ୍ଠ ଛାତ୍ରଙ୍କ ତାଲିକାରେ ତା ନାଁ ଦ୍ୱିତୀୟରେ ଥିଲା । ତାର ଚେହେରାହିଁ ତାର ଇତିହାସକୁ ପ୍ରତାରିତ କରି ଆସିଛି । ସେ ଏବେ ଗୋଟେ ଫିକା, ତାଳିପକା ଓ ରଫୁକରା ପ୍ୟାଣ୍ଟ ଓ କାନ୍ଧପାଖରୁ ଚିରିଯାଇଥିବା ଟେରିକଟନ୍ ସାର୍ଟ ପିନ୍ଧିଛି । ଯାହା ଗୋଟେ ସମ୍ଭ୍ରାନ୍ତ ଚଳଣିର ଅବଶିଷ୍ଟାଂଶ ହିଁ ଥିଲା । ଯା ସାଂଗକୁ ଶସ୍ତା ବର୍ଷାଦିନିଆର ରବର ଯୋତା ସେ ପିନ୍ଧିଥିଲା, ଯାହା ଧୂଳି, ପାଣି, ସମୟ,ଖରା ଓ ଦାରିଦ୍ର୍ୟର କଷାଘାତରେ ରବର ଅଥବା କାଦୁଅ ରଂଗ ପାଲଟି ଯାଇଥିଲା ।

ମୋହନ ଦାସକୁ ଏବେ ପଇଁତ୍ରିଶ କିମ୍ବା ସଇଁତ୍ରିଶ ବର୍ଷ ହେବ । ମାତ୍ର ସେ ଏବେ ମୋ ବୟସ ଅଥବା ତା'ଠାରୁ ଅଧିକ ବର୍ଷ ପରି ଲାଗୁଥିଲା । ମୁଁ ତାକୁ

Digitized by PPRACHIN, SOA

ସବୁବେଳେ ବିଚଳିତ ତଥା ତରବରିଆ ଢ଼ଂଗର ହିଁ ଦେଖୁଥିଲି । କୋଉଠି ଟିକେ ବସିବା, ଗପିବା କି ତାସ୍ ଖେଳିବା, ହସିବା, ମଜା କରିବା କିମ୍ବା ଟି.ଭି. ଦେଖିବା ଅବସ୍ଥାରେ କେହି କେବେ ଦେଖିନି ତାକୁ । ସବୁବେଳେ ଧାଁ ଦଉଡ଼ କରିବାରେ ଲାଗିଥିଲା । ଟିକେ ଅବସର ବିନୋଦନ ଯେମିତି ତା ଭାଗ୍ୟରେ ନାହିଁ । ଥଟ୍ଟାରେ ଲୋକେ କୁହାକୁହି ହୁଅନ୍ତି - ପାଣି ପିଇବା ପାଇଁ ତାକୁ କୂଅଟେ ଖୋଳିବାକୁ ପଡୁଚି, ଆଉ ଦି'ମୁଠା ଖାଇବା ଲାଗି ତାକୁ ଜମିରେ ଫସଲ ଫଳେଇବାକୁ ପଡୁଛି । ପାଂଚୁଟା ପାଟି ଓ ପାଂଚୁଟା ପେଟକୁ ଦାନା ଯୋଗାଡ଼ କରିବାକୁ ପଡୁଛି ତାକୁ । ଆଠ ବର୍ଷ ହେଲା ତା'ର ବାପା କାବା ଦାସ ଯକ୍ଷ୍ମା ରୋଗରେ ପଡ଼ିଛି, ତାର ମାଆ ପୁତ୍‌ଲିବାଈ ଗୋଟେ ମାଗଣା ଚକ୍ଷୁ ଚିକିତ୍ସା ଶିବିରରେ ପରଳ ପାଇଁ ଅସ୍ତ୍ରୋପଚାର ପରେ ଅନ୍ଧୁଣୀ ହେଇ ବସିଛି । ସ୍ତ୍ରୀ କସ୍ତୁରୀବାଈ ସ୍ୱାମୀର ପାଖେପାଖେ ଛାଇ ପରି ଥାଏ । ଗାଁ ଲୋକେ କହନ୍ତି, କେହି କେବେ ଦୁହିଁଙ୍କୁ କଳି କରିବା ଦେଖି ନାହାନ୍ତି । ଏକଥା ସତ ଯେ ଦୁର୍ଦ୍ଦିନ ଓ ବିପଦ ପୁରୁଷ ଆଉ ନାରୀ ଭିତରେ ଥିବା ସମ୍ବନ୍ଧକୁ ସୁଦୃଢ଼ କରେ ।

ଅନ୍ୟ ଦୁଇ ପ୍ରାଣୀ ହେଲେ 'ଦେବଦାସ' ଆଉ 'ଶାରଦା', ମୋହନ ଦାସ ଓ କସ୍ତୁରୀବାଇଙ୍କ ପିଲାପିଲି । ଦେବଦାସକୁ ଆଠ ବର୍ଷ ଆଉ ଶାରଦାକୁ ଛ' ବର୍ଷ ଏଇନେ । ଦେବଦାସ ଗାଁ ପ୍ରାଥମିକ ବିଦ୍ୟାଳୟକୁ ଯାଏ । ପଢ଼ା ସମୟ ପରେ, ଗାଁ ମୁଣ୍ଡରେ ଥିବା 'ଦୁର୍ଗା ଅଟୋ ୱାର୍କ୍ସ'ରେ ଟାୟାରରେ ପବନ ଭରେ, ଟାୟାର କଣା ହୋଇଥିଲେ ତାକୁ ଠିକ୍ କରେ, ଆଉ ସ୍କୁଟର କିମ୍ବା ମୋଟର ସାଇକେଲ ସଜଡ଼ା ବେଳେ ସାହାଯ୍ୟ ବି କରେ । ଏ ବାବଦରେ ମାସକୁ ଶହେ ଟଙ୍କା ପାଏ । ସ୍କୁଲରେ ପଢୁଥିବାବେଳେ ତାକୁ ଲାଗେ ଯେ ତାକୁ ଚାହିଁ ତା' ରୋଜଗାର ଠିକ୍ ଅଛି । ଯେତେବେଳେ ମୋହନ ଦାସ ଏକଥା ଶୁଣେ ତା'ର ମନ ଫିକା ପଡ଼ିଯାଏ, ଆଖିର ଆଲୁଅ ନିଷ୍ପ୍ରଭ ହୋଇଯାଏ । ହେଇପାରେ, ମଝିରାସ୍ତା ତାକୁ କ'ଣ ଗୋଟାଏ ଦେଖାଯାଏ, ମୁହଁର ମାଂସପେଶୀ ଗୁଡ଼ାକ ଥରି ଉଠେ । କ୍ଷୀଣ ସ୍ୱରରେ ସେ ନିଜକୁ କହେ: 'ମୁଁ ବି ତ ପ୍ରଥମ ଶ୍ରେଣୀରେ ବି.ଏ. ପାଶ୍ କଲି... ଦିନ ରାତି ଖଟିଲି, ହେଲେ କ'ଣ ମିଳିଲା ?

ପୁଣି ତା' ଆଖିରେ ସ୍ଫୁରଣ ଆସେ ଆଉ ଫଟା ଓଠ ଫାଙ୍କରେ ହସ ଉକୁଟେ । ଏବେ ତ ମୁଁ କମ୍ପ୍ୟୁଟର ପାଠ ପଢୁଛି । ବସ୍‌ଷ୍ଟାଣ୍ଡ ପାଖରେ ଥିବା 'ଷ୍ଟାର କମ୍ପ୍ୟୁଟର ସେଣ୍ଟର'କୁ ଯାଉଛି । ଲୁହା ଦୋକାନୀ ମହମ୍ମଦ ଇମ୍ରାନ୍‌ର ପୁଅ ଶକିଲ୍ ସେ ସଂସ୍ଥା ଚଳାଏ । ଶକିଲ୍ କହେ ଦାଦା, ତୁମେ ଯଦି ଟାଇପ୍, କମ୍ପୋଜ ଆଉ ପ୍ରିଣ୍ଟ କରିବା

Digitized by PPRACHIN, SOA

ଶିଖିଯିବ, ତେବେ ମୁଁ ତୁମକୁ ମାସକୁ ଛ'ଶହ ଟଙ୍କାରୁ ଅଧିକ ଦେବି । ଏ ମାସରେ ମୁଁ ପ୍ରତି ମିନିଟ୍ ପିଛା ତିରିଶ ଶବ୍ଦ ଟାଇପ୍ କଲି । ଖୁବ୍ କମ୍ କାମ ପାଇଲି, ତଥାପି ମୋତେ ଅନେକ ଟାଇପ୍ କରିବାକୁ ପଡ଼ିଲା । ଠିକ୍ ଭାବେ କରିବାକୁ ବହୁତ ସମୟ ଦେବାକୁ ପଡୁଛି ।

ଏ ସବୁ କିନ୍ତୁ ବହୁଦିନ ତଳର ଘଟଣା । ଆଜି କାଲି ସେ ବହୁତ ଅସୁବିଧାରେ ରହୁଛି ଏବଂ କହୁଛି: ମୋ ନାଁ ମୋହନଦାସ ନୁହେଁ । ମୁଁ ଅଦାଲତରେ ସତ୍ୟପାଠ କରିବାକୁ ପ୍ରସ୍ତୁତ ଅଛି । ଯିଏ ମୋହନ ଦାସ ହବାକୁ ଚାହୁଁଚି ହଉ । ଦୟାକରି ମୋତେ ଯେମିତି ହେଲେ ବଂଚାଅ ।

କେଉଁ ଆସନ୍ନ ବିପଦ ପାଇଁ ତା'ର ଏ ପ୍ରକାର ଉଦ୍‌ବିଗ୍ନତା ? ଏ କଥା କହିବା ଆଗରୁ, ମୁଁ ଶାରଦା ସହ ଆପଣଙ୍କୁ ପରିଚୟ କରାଇଦିଏ । ମୋହନ ଦାସର ଛ'ବର୍ଷର ଝିଅ ହେଉଛି ଶାରଦା । ସରକାରୀ ସ୍କୁଲ୍‌ରେ ପଢ଼େ । ପଢ଼ା ସରିବାପରେ ଅଢ଼େଇ କି.ମି. ଦୂରରେ ଥିବା ବିଛିଆଟୋଲା ଗାଁକୁ ସେ ଯାଏ । ସେଠି ସେ ବିଷନାଥ ପ୍ରସାଦର ବର୍ଷକର ପିଲାର ଯତ୍ନ ନିଏ, ଘର କାମରେ ସାହାଯ୍ୟ କରେ । ସେଥିଲାଗି ତାକୁ ରାତିରେ ଖାଇବା ସହ ମାସକୁ ତିରିଶ ଟଙ୍କା ମିଳେ । ରାତି ନଅ କି ଦଶଟା ବେଳକୁ ଘରକୁ ଫେରେ ।

ବିଛିଆଟୋଲା ଗାଁର ନଗେନ୍ଦ୍ରନାଥ ହେଉଚି ଜଣେ ପଇସାବାଲା ଚାଷୀ ଏବଂ ଜୀବନ ବୀମା ନିଗମର ପ୍ରତିନିଧି । ଜିଲ୍ଲାପାଳଙ୍କଠୁ ଆରମ୍ଭ କରି ମନ୍ତ୍ରୀଙ୍କ ଯାଏଁ ତାର ପହଂଚ । ଦୁଇ ଦୁଇ ଥର ଗାଁର ମୁଖିଆ ରହିଚି । ତା' ସାଂଗକୁ ପୁଣି ଜିଲ୍ଲା ସ୍ତରରେ ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଛି । ବିଷନାଥ ପ୍ରସାଦ, ଯାହାର ପୁଅର ଯତ୍ନ ଶାରଦା ନିଏ, ତା'ର ପାଂଚ ପୁଅ ଭିତରୁ ଜଣେ । ତା'ର ଅସଲ ନାଁ ହେଉଚି ବିଶ୍ୱନାଥ । କିନ୍ତୁ ଗାଉଁଲିଆ ଭାଷାରେ ଲୋକେ ତାକୁ ବିଷନାଥ, ହଳାହଳର ଦେବତା, ତା' ପଛରେ ବି ଲୋକେ କୁହାକୁହି ହୁଅନ୍ତି – ସତରେ ଏଇଟା 'ବିଷନାଥ' । ବାପ ତ ଯାର 'ନାଗନାଥ', ସାପଙ୍କ ଦେବତା । ପୁଅ ହେଉଛି ସାପଙ୍କ ଠାକୁର । ଯଦି କେବେ ସେ ତୁମ ସାମ୍ନାରେ ହସିଦିଏ କିମ୍ବା ମିଠା କଥା କହେ, ଜାଣିରଖ ନିଶ୍ଚୟ ସେ ନାହୁଡ଼ରେ ଦଂଶିବ ।

ବିଷନାଥର ସବୁ ଅଛି, କେବଳ ଭଗବାନଙ୍କ ଛଡ଼ା । ସବୁବେଳେ ସେ ମଦ ପିଇ ଚୁର୍ ରହୁଥିଲା ଓ ତା' ଚାରିକଡ଼େ ବେଢ଼ିରହୁଥିବା ଲୋକଙ୍କ ପ୍ରତି ମୁହଁରୁ ଭଲ ଶବ୍ଦଟିଏ ବାହାରୁ ନଥିଲା ।

Digitized by PPRACHIN, SOA

ବିଷନାଥର ଜନ୍ମ ଉଚ୍ଚ କୁଳରେ । ମୋହନ ଦାସର ଜନ୍ମ ନୀଚ କୁଳରେ, ତନ୍ତୀ ପରିବାରରେ । ତା' ସଂପ୍ରଦାୟର ଅନେକ ଲୋକ ଏବେବି ଶତରଞ୍ଜି, କମ୍ବଳ, ମସିଣା ଆଉ ବେତ ପାଛିଆ ବୁଣି ଚଳନ୍ତି । ଏ ଅଂଚଳର ସବୁ ଗାଁ ଭିତରୁ ତା' ଜାତିର ମୋହନ ଦାସ ହେଉଛି ପ୍ରଥମ ଲୋକ ବି.ଏ. ପାଶ୍ କରିବାରେ । ସେ ପ୍ରଥମ ଶ୍ରେଣୀରେ ପାଶ୍ କରିଛି ଆଉ ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନ ପାଇଛି ।

ଏଇଠି ରୁହ । ଏବେ ମତେ କୁହ, ମୁଁ କୌଣସି ଜଟିଳ କାହାଣୀଟିଏ ଶୁଣାଉଛି ବୋଲି ତୁମ ମନରେ ସନ୍ଦେହ ହେଉନି ତ ? ମୋ' ଗଳ୍ପର ନାୟକର ନାଁ ହେଉଛି ମୋହନ ଦାସ । ତା' ସ୍ତ୍ରୀର ନାଁ କସ୍ତୁରୀବାଇ, ତା' ମାଆର ନାଁ ପୁତ୍‌ଲିବାଇ ଏବଂ ପୁଅର ନାଁ ହେଲା ଦେବଦାସ । କସ୍ତୁରୀବାଇର ନାଁ ଶୁଣିବା କ୍ଷଣି କସ୍ତୁରବା'ଙ୍କ ନାଁ ମନକୁ ଆସିଯାଉଛି । ତା' ଛଡ଼ା ମୋହନ ଦାସ ନାଁ ନିଜେ ହିଁ ନିଜର ଉଦାହରଣ । ତୁମେ ଯଦି ମହାତ୍ମା ଗାନ୍ଧୀଙ୍କ 'ସତ୍ୟ ସହିତ ମୋର ପରୀକ୍ଷା ନିରୀକ୍ଷା କଥା' ପଢ଼ିବ ସେଥିରୁ ତାଙ୍କ ପିତା କରମଚାନ୍ଦ ଗାନ୍ଧୀଙ୍କ ନାଁ 'କାବା' ଥିବା ମଧ୍ୟ ଜାଣିପାରିବ । ପୁତ୍‌ଲିବାଇ ହେଉଚି ତାଙ୍କ ମାଆଙ୍କ ନାଁ ଆଉ ପୁଅ ଦେବଦାସ ସଂପର୍କରେ କିଏ ନ ଜାଣେ ?

ମୋହନ ଦାସର ଚେହେରାରେ ବି ଏକ ଆଶ୍ଚର୍ଯ୍ୟଜନକ ସାଦୃଶ୍ୟ ରହିଚି । ମାତ୍ର ଏଇ ମୋହନଦାସର ପୋରବନ୍ଦର, କାଠିଆବାଡ଼, ରାଜକୋଟ୍, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ତଥା ବଜାଜ ତଥା ବିରଳାଙ୍କ କୋଠି ସହିତ କିଛି ସଂପର୍କ ନାହିଁ । ଏ ମୋହନ ଦାସ ହେଉଚି ବଣ ମୂଳକର, ଗିରିପଥର, ଛତିଶଗଡ଼ ଭୂଇଁର, ବିନ୍ଧ୍ୟ ପର୍ବତାଞ୍ଚଳର । ଡହଡହ ଖରାରେ ପେଟର ଓଦାକନା ଦେଇ, ଝାଳନାଳ ଏକାଠି କରି, ରୋଗରେ ସଢ଼ି, ଅବିଚାର ଓ ଅପମାନକୁ ଗଳାର ମାଳି କରି ବଡ଼ ହେଇଛି । ଏସବୁ ଭିତରେ ଦୁଇ ମୋହନ ଦାସଙ୍କ ଭିତରେ ରହିଛି ଅନେକ ସାମଞ୍ଜସ୍ୟ ।

ଏଇଠି ମୁଁ ତୁମକୁ ଅଟକେଇଛି କେବଳ ଏତିକି କହିବା ପାଇଁ ଯେ ଏଇ ଦୁହିଁଙ୍କ ଚେହେରା ଆଉ ନାଁ ଭିତରେ ସାମଞ୍ଜସ୍ୟ ରହିଛି । ଯେତେବେଳେ ମୁଁ ଏ କାହାଣୀ ଲେଖିବା ଆରମ୍ଭ କଲି, ମୋର ଆଦୌ ଧାରଣା ନଥିଲା ଯେ ଆମ ଗାଁର ମୋହନ ଦାସ ଓ ତା'ର ପରିବାରର ନାଁ ଇତିହାସରେ ପ୍ରତିଧ୍ୱନିତ ହେବ । ମତେ ବିଶ୍ୱାସ କର, ଏହା କୌଣସି ପ୍ରତୀକ କାହାଣୀ ନୁହେଁ କିମ୍ବା ଜଟିଳ ଉପକଥା ବି ନୁହେଁ । ଗୋଟାଏ ସିଧାସିଧା ଗଳ୍ପ । ସତ କହିବାକୁ ଗଲେ, ଏ ଗଳ୍ପ ଏକଦମ୍ ସିଧା

Digitized by PPRACHIN, SOA

ବି ନୁହେଁ, କାରଣ ଗୋଟେ କାହାଣୀର ଆବରଣ ଭିତରେ ମୁଁ ଆମ ସମୟର କଥା କହିବାକୁ ଯାଉଛି । ମୋହନ ଦାସ ଏକ ବାସ୍ତବ ମଣିଷ ଏବଂ ଏବେ ତା' ଜୀବନ ଖୁବ୍ ବିପଦଗ୍ରସ୍ତ । ଅବଶ୍ୟ ପୂର୍ବପରି, ସତ୍ୟ ସହିତ ମୁଁ ଟିକେ ସାଲିସ୍ କରିଛି ।

ମାତ୍ର ମୁଁ କଥା ଦେଉଚି ଯେ ହାତୀ ଉପରେ ରୁମାଲଟେ ଘୋଡ଼ାଇ ତାକୁ ମୁଁ ଲୁଚାଇବାକୁ ଚାହିଁନି । ତୁମେ ମୋ' ସହ ଏକମତ ହେବ । ସତ୍ୟ ହେଉଛି ଗୋଟେ ହାତୀ ସଦୃଶ । ଯେତେବେଳେ ଜଣେ କବି ଅଥବା ଲେଖକ ଗୋଟେ ରୁମାଲ୍ ତା' ଉପରେ ରଖେ ଓ ତୁମ ସାମ୍ନାରେ ଡାକେ, ପ୍ରକୃତ ଜୀବନ ପୋଡ଼ି ଛାରଖାର ହେଇଯାଏ – ତାକୁ ପୂର୍ବାବସ୍ଥାକୁ ଫେରାଇ ଆଣିବା ଲାଗି ଯେତେସବୁ ପୋଲ ଅଥବା ଡଙ୍ଗାର ସାହାରା ନେଲେ ବି ।

ଅତଏ   ବ ମୋହନ ଦାସ ହେଉଚି ଏକ ବାସ୍ତବିକତା । ତା'ର ଉପସ୍ଥିତି ସଂପର୍କରେ ଜାଣିବା ଲାଗି ତୁମକୁ ମୋ' ଗାଆଁକୁ ଯିବା ଦରକାର ପଡ଼ିବନି । ତୁମେ ଏ ଦେଶର ଯେକୌଣସି ଗାଁର ଅଧିବାସୀକୁ ପଚାରି ପାର ।

ଯେତେବେଳେ ମୋହନ ଦାସ ବି.ଏ. ପାଶ୍ କଲା, ତା'ର ବାପା ମା' ନିଶ୍ଚିତ ଥିଲେ ଯେ ଖୁବ୍ ଶୀଘ୍ର ସେ ଭଲ ଚାକିରିଟେ ପାଇବ । ମାତ୍ର ପନ୍ଦର ବର୍ଷ ବୟସରେ ଖୁବ୍ ସୁନ୍ଦରୀ କସ୍ତୁରୀକୁ ସେ ବାହା ହେଇଥିଲା । କସ୍ତୁରୀ ବି ଥିଲା ଖୁବ୍ କାମିକା ଝିଅ । ବାହାଘର ପରେପରେ ସେ ଯାବତୀୟ କାମ ହାତକୁ ନେବା ସଂଗେସଂଗେ ପଡ଼ୋଶୀ କ୍ଷେତରେ ବି ଖଟୁଥିଲା । ଯାହାଫଳରେ ମୋହନ ଦାସ ସୁରୁଖୁରୁରେ କଲେଜ ପଢ଼ା ଖର୍ଚ୍ଚ ତୁଲାଇ ପାରିବ ।

ତା' ଜାତିର ସବୁ ଲୋକଙ୍କ ଆଖି ପ୍ରଥମ ଶିକ୍ଷିତ ମୋହନ ଦାସ ଉପରେ ଥିଲା, ଯେଉଁଦିନ ସେ ବି.ଏ. ପାଶ୍ କଲା, ସେଦିନ ତା' ଫଟୋ ଖବରକାଗଜରେ ବାହାରିଥିଲା । ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ସେ ତା' ନାଁ ପଞ୍ଜିକୃତ କରିଥିଲା ଏବଂ 'ଏମ୍ପ୍ଲୟମେଣ୍ଟ ନିଉଜ୍'ରେ ବାହାରୁଥିବା ଚାକିରିମାନଙ୍କ ପାଇଁ ଆବେଦନ ବି କରୁଥିଲା । ସବୁଠି ସେ ତା' ଭାଗ୍ୟ ପରୀକ୍ଷା କରୁଥିଲା । ଲିଖିତ ପରୀକ୍ଷାରେ ସେ ସର୍ବୋଚ୍ଚ ତାଲିକାରେ ରହୁଥିଲା, ମାତ୍ର ମୌଖିକ ପରୀକ୍ଷାରେ ତା' ନାଁ କଟି ଯାଉଥିଲା । ଯେଉଁମାନେ ଦ୍ୱିତୀୟ କିମ୍ବା ତୃତୀୟ ଶ୍ରେଣୀରେ ପାଶ୍ କରିଥିଲେ ଅଥବା ପାଠପଢ଼ା ସାରିନଥିଲେ, ତା' ଜାଗାରେ ସେମାନଙ୍କୁ ଚାକିରି ମିଳୁଥିଲା । ସେମାନଙ୍କ ହାତରେ ସୁପାରିଶ ପତ୍ରମାନ ଥିଲା । ପ୍ରଭାବଶାଳୀ ଲୋକମାନଙ୍କର ସେମାନେ ଥିଲେ ପୁଅ,

Digitized by PPRACHIN, SOA

ପୁତୁରା, ଜ୍ୱାଇଁ ଅଥବା ବୋଲକରା । ସବୁଥର ମୋହନ ଦାସ ଘରକୁ ଖାଲି ହାତରେ ଫେରୁଥିଲା । ହେଲେ ନିଜ ଉପରୁ ଭରସା ତୁଟାଇ ନଥିଲା । ସେ ଜାଣିଥିଲା ଯଦିଓ ଭାରତରେ ବହୁପ୍ରକାର ଦୁର୍ନୀତି ଚାଲିଛି, ତେବେ ଶତକଡ଼ା ଦଶରୁ କୋଡ଼ିଏ ଭାଗ ଲୋକେ ନିଜ ଯୋଗ୍ୟତା ବଳରେ ଚାକିରି ପାଆନ୍ତି ।

ସମୟାନୁକ୍ରମେ, ସରକାରୀ ସ୍ତରରେ କେତେକ ଚାକିରି ନିଲାମ କରାଯାଏ ବୋଲି ସେ ଜାଣିପାରିଲା । ଯଦି ତା' ବାପା ପାଖରେ ଲକ୍ଷେ କିମ୍ୱା ପଚାଶ ହଜାର ଟଙ୍କା ଥାନ୍ତା, ତା' ହାତ ପାଆନ୍ତାରୁ ଯାଇଥିବା ତିନି ତିନିଟା ଚାକିରିକୁ ସେ ହାତେଇ ଥାନ୍ତା ।

ସମୟ ଗଡ଼ି ଚାଲିଲା। ସରକାରୀ ଚାକିରିର ବୟସ ସୀମା ପାଖରେ ସେ ପହଂଚିଗଲା । ତଥାପି ତାର ସ୍ତ୍ରୀ କସ୍ତୁରୀ ଆଶା ଛାଡ଼ି ନଥାଏ । ବ୍ୟସ୍ତ ହୁଅନି, ସେ କହିଲା, ବେସରକାରୀ ଚାକିରି ଅଛି ନଚେତ୍ ବ୍ୟବସାୟ କରିବ । ଆଜିକାଲି ଶିକ୍ଷିତ ବେକାରଙ୍କୁ ସରକାର ଆର୍ଥିକ ସାହାଯ୍ୟ ବି ଦଉଛନ୍ତି । ଆମେ କୁକୁଡ଼ା ଚାଷ କରିବା । ଆଜିକାଲି ଅଣ୍ଡା ବ୍ୟବସାୟରେ ଭଲ ଲାଭ ଅଛି । ନହେଲେ ଧୂପ କିମ୍ୱା ମହମବତୀ ଅଥବା ଅଟାକଳ ବସାଇବା ।

ଥରେ, ମୋହନ ଦାସ ଅସ୍ଥାୟୀ ଶିକ୍ଷକ ଚାକିରିଟେ ପାଇଥାନ୍ତା । ହେଲେ ପରେ ଜାଣିଲା ଯେଉଁ ଅଫିସର ସେ ଦାୟିତ୍ୱରେ ଥିଲେ ସେ ତାଙ୍କ ନିଜ ଜାତିର ଜଣକୁ ଏଥିରେ ଭର୍ତ୍ତି କରିବାକୁ ଚେଷ୍ଟା କରୁଛନ୍ତି । ଅଥବା ଗୋଟେ ଦୁଇଟା ରାଜନୈତିକ ଦଳ ସହ ସଂଶ୍ଳିଷ୍ଟ ଥିବା ଲୋକକୁ ରଖୁଛନ୍ତି । ମୋହନ ଦାସ ନୀଚ ଜାତିର ଥିଲା ଏବଂ ତା'ର କୌଣସି ରାଜନୈତିକ ଦଳ ସହ ସଂପୃକ୍ତି ନଥିଲା । ସ୍ପଷ୍ଟବାଦୀ, ନୀତିବାଦୀ ଆଉ ସମ୍ମାନିତ ଲୋକ ଥିଲା ମୋହନ ଦାସ ।

ସେଇ ଲୋକମାନଙ୍କ ଭିତରେ ମୋହନ ଦାସ ନ'ଥିଲା ଯିଏ ଚାକିରି ପାଇଁ ଲୋକଙ୍କ ରକ୍ତ ଶୋଷଣର ଶିକାର ହବ ଓ ପରେ ସେମାନଙ୍କ ମନୋରଂଜନ କରିବ । ସେ ଅନୁଭବ କଲା ଯେ ଶିକ୍ଷାୟତନ ବାହାରେ ଜୀବନ ଗୋଟେ ଖେଳପରି । ସେ ଖେଳରେ ଜିତିବାକୁ ହେଲେ ଆରପଟର ଖେଳାଳିଙ୍କୁ ହରାଇବାକୁ ପଡ଼ିବ ଏବଂ ସେ ସାମର୍ଥ୍ୟ ହାସଲ ପାଇଁ ବଡ଼ ଲୋକଙ୍କ ସହ ସଂପର୍କ, ସୁପାରିଶ, ଲାଞ୍ଚ, ଜାଲିଆତି ଆଦି ବେନିୟମ ଉପାୟକୁ ଆପଣେଇବାକୁ ପଡ଼ିବ । ମାତ୍ର ଏସବୁ ଥିଲା ତା' ସାମର୍ଥ୍ୟ ବାହାରେ ।

ମୋହନ ଦାସ ଦିନେ ଗୋଟେ ବଡ଼ ସରକାରୀ ଚାକିରିଆ ହବ, ଏ ଆଶା ତା ପରିବାର ଛାଡ଼ି ସାରିଥିଲା, ଏବେ ତ ସେମାନେ ବହୁତ ଖୁସି ହେବେ ଯଦି ଘରେ

Digitized by PPRACHIN, SOA

ଅନ୍ତତଃ ଠିକ୍ ସମୟରେ ଭାତ ମିଳିଯିବ । ସେଇ ସମୟରେ କାବା ଦାସର କଫରେ ରକ୍ତ ପଡ଼ିଲା, ତାକୁ ହେଇଗଲା ଯକ୍ଷ୍ମା । ତା' ପରେପରେ ପୁତ୍‌ଲିବାଇ ଗୋଟେ ମାଗଣା ଚକ୍ଷୁ ଚିକିତ୍ସା ଶିବିରକୁ ଗଲା ଓ ନିଜ ଆଖି ବତ ହରାଇଲା । ଏଇ କସ୍ତୁରୀବାଇକୁ ସେବାଯତ୍ନ କରିବାକୁ ହବ, ଘର ଚଳେଇବାକୁ ହବ, ପୁଣି ବାହାରେ କାମ ବି କରିବାକୁ ହେବ । ଯେଉଁ ସମୟରେ ତା'ର ପୂର୍ଣ୍ଣ ବିଶ୍ରାମ କରିବା କଥା, ସେତେବେଳକୁ ତା' ପେଟରେ ଦେବଦାସ ।

ମୋହନ ଦାସ ରୋଗିଣା ଦେଖା ଯାଉଥିଲା । ଗାଁ ଲୋକଙ୍କ ନଜରରୁ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରୁଥିଲା । ସେମାନେ ସମସ୍ତେ ତାକୁ ପଚାରୁଥିଲେ: କଣ କରୁଛୁ ? କିଛି ବ୍ୟବସ୍ଥା କଲୁ କି ? ଗାଁ ପାଖ ଦେଇ ବହି ଯାଉଥିଲା 'କଠିନା' ନଦୀ । ଖରାଦିନେ, ସମସ୍ତଙ୍କ ପରି ମୋହନ ଦାସ ମଧ୍ୟ ନଦୀଶଯ୍ୟାରେ କଖାରୁ, କାକୁଡ଼ି, ଖରବୁଜ ଓ ତରବୁଜ ଲଗେଇଲା । ସାରା ପରିବାର ତାକୁ ଏଥିରେ ସାହାଯ୍ୟ କଲେ, ପଟାଳିରେ ପାଣି ଦେଲେ, ରାତିସାରା ଜଗି ରହିଲେ । ସେ ବର୍ଷ ଆଠରୁ ଦଶ ହଜାର ଟଙ୍କା ରୋଜଗାର ହେଲା । ମାତ୍ର ଦୁଇଥର ଅଦିନିଆ ବର୍ଷା ହୋଇ ତୋଳା ହବା ଫସଲକୁ ଧୋଇ ଦେଲା ।

ଧୀରେ ଧୀରେ ତା' ହୃଦୟର ନିଭୃତ କୋଣରେ ଅସହାୟବୋଧ ତଥା ପରାଜୟର ଗ୍ଲାନି ବସା ବାନ୍ଧିବାକୁ ଆରମ୍ଭ କରିଥିଲା । ଯେଉଁଦିନ ରାତିରେ କସ୍ତୁରୀର ଗର୍ଭରୁ ଦେବଦାସର ଜନ୍ମ ହେଲା, ସେଦିନ ରାତିରେ ଘରକୁ ଆସି ନଥିଲା ମୋହନ ଦାସ । ନଈ ପଠାରେ ବାଲି ଉପରେ ଶୋଇ ସେ ଶୂନ୍ୟ ଆକାଶ ତଥା ଜହ୍ନହୀନ ରାତିକୁ ଦେଖିବାକୁ ଲାଗିଲା । ଏଣେ ଘରେ କସ୍ତୁରୀର ସାଂଘାତିକ ଅବସ୍ଥା । ଛୁଆ ବେକରେ ଗୁଡ଼େଇ ହେଇ ଯାଇଛି ପେଟ ଭିତରେ ନାଡ଼ି । କସ୍ତୁରୀ ଅଚେତ ହେଇଯିବା ପରେ ଗାଁର ଧାଈ ଭୟରେ ସେ ମରିଗଲା ବୋଲି କହିଦେଲା । ମୋହନ ଦାସର ବାପା ମା' ତାକୁ ସବୁଆଡ଼େ ଖୋଜିଲେ, ମାତ୍ର ପାଇଲେନି । କଠିନା ନଦୀର ବାଲି ଶେଯରେ ଶୋଇଶୋଇ ଅନ୍ଧାରି ଆକାଶକୁ ମଲା ଲୋକର ଆଖିପରି ଚାହିଁ ରହିଥାଏ, ତା' ଭିତରୁ ଜୀବନକୁ ଖୋଜୁଥାଏ । ତା'ର ଧମନୀରେ ରାତିର ରକ୍ତ ପରିବର୍ତ୍ତେ ଜହ୍ନହୀନ ରାତିର ଅନ୍ଧାର ପ୍ରବାହିତ ହେଉଥିଲା । ନିର୍ବାପିତ ମନ ଭିତରେ ତାର ନିଦ ନଥିଲା, ଥିଲା ଦୁଃସ୍ୱପ୍ନ, ଯାହା ଜନ୍ମ ନେଇଥିଲା ଏକ ଉଜୁଡ଼ି ଯାଇଥିବା ସଂସାରର ଜରାୟୁରୁ ।

ସେଦିନ ରାତିରେ ସେ ବୋଧହୁଏ ଅଚେତ ଥିଲା । ସେଇଥିଲାଗି ବୋଧେ ବାପା ମା'ଙ୍କ କାନ୍ଦ, କସ୍ତୁରୀର ଚିତ୍କାର ଅଥବା ରାତି ଚାରିଟାବେଳକୁ ଜନ୍ମ ହୋଇଥିବା

Digitized by PPRACHIN, SOA

ଛୁଆର କୁଆଁ ରଡ଼ି ସେ ଶୁଣି ପାରିନଥିଲା । ନିଦ ଅଥବା ଅଚେତ ଅବସ୍ଥାରୁ ମୋହନ ଦାସ ଉଠିବା ବେଳକୁ ସୂର୍ଯ୍ୟ ଆକାଶର ଅନେକ ଉପରକୁ ଉଠି ସାରିଥିଲେ ଓ ଗରମ ବି ପଡ଼ିସାରିଥିଲା । ସେ ଯେମିତି ପଡ଼ି ରହିଥିଲା ଅନେକ ବେଳ ଯାଏଁ ବାଲି ତତଲା ହେବା ପର୍ଯ୍ୟନ୍ତ । ତା'ର ଶରୀର ହେଇଯାଇଥିଲା ସ୍ନାୟୁହୀନ ଏବଂ ସ୍ମୃତି ହୋଇଯାଇଥିଲା ଲୋପ । ଅନେକ ସମୟ ପରେ ସେ ଜାଣି ପାରିଲା ଯେ ସେ ଏବେ ନଦୀ ପଠାରେ, ଯେଉଁ ସର୍ବଗ୍ରାସୀ ତଥା ବଢ଼ନ୍ତା ନଦୀ କିଛି ଦିନ ପୂର୍ବରୁ ତା'ର ଫସଲ ସବୁ ଧୋଇ ନେଇଥିଲା ।

ଯେତେବେଳେ ସେ ଘରେ ପହଂଚିଲା, ଦଳେ ସ୍ତ୍ରୀଲୋକ ଘେରି ଠିଆ ହୋଇଥିବା ସେ ଦେଖିଲା । ସେ ଭାବିଲା ସେମାନେ ତା' ବିଷୟରେ କଥାବାର୍ତ୍ତା ହେଉଛନ୍ତି, ତାକୁ ଦେଖିବା ପରେ ଚୁପ୍ ହୋଇଗଲେ ଓ ତରବରରେ ସେଠୁ ପଳେଇଲେ ।

'ଭଗବାନଙ୍କ ଦୟାରୁ ପିଲାଟା ବଂଚିଗଲା' ଆଖିରୁ ଲୁହ ପୋଛି ପୁତ୍‌ଲିବାଈ କହିଲା । ଗଂଗାଜଳ ନେଇ ଗାଁ ଲୋକେ ଆସିଥିଲେ ଶେଷ କର୍ମ ପାଇଁ । ଯା ତାକୁ ଟିକେ ଦେଖିଦେ । ତୋର ଠାକୁରଙ୍କ ପରି ହସୁଛି ।'

ମୋହନ ଦାସ ସେଇ ଘରକୁ ଗଲା, ଯେଉଁଠି ମାତ୍ର ଘଣ୍ଟାକ ଆଗରୁ ମୃତ୍ୟୁର ଶିକାର ହେଇ କସ୍ତୁରୀ ପଡ଼ି ରହିଥିଲା । ତା' ପାର୍ଶ୍ୱରେ ସଦ୍ୟ ଜନ୍ମିତ ଶିଶୁଟି । ଗୋଟେ କଂସା ଗିନାରେ କିଛି ନିମ୍ବ ପତ୍ର ଓ ଝୁଣା ଜାଳିଲା ପରେ ସାରାଟା ଘର ଧୂଆଁରେ ଭର୍ତ୍ତି ହୋଇଯାଇଥିଲା । ତା' ଚାହାଣୀରେ ଏତେ ପରିମାଣର ହତାଶ ଓ ଅସହାୟବୋଧ ଭରି ରହିଥିଲା - ଯେ ଏଇନେ ଯେମିତି ତା' ଛାତି ଫାଟିଯିବ । ଆଜି ପୁଣି ଆଉ ଗୋଟେ ପେଟ ଏ ଘରେ ଜନ୍ମ ନେଲା । ଛଅମାସ ଯାଏଁ ଦିନକୁ ଅନ୍ତତଃ ଅଧ ଲିଟର ଲେଖା ଦୁଧ ଦରକାର । ମାସେ କାଳ ଯାଏଁ କସ୍ତୁରୀ ପାଇଁ ଦରକାର ପଡ଼ିବ ଭାତ ସାଂଗକୁ ରସୁଣ ଭଜା, ଗୁଡ଼, ହଳଦୀ । ପୁଣି କୁଟୁମ୍ବର ସମସ୍ତଙ୍କୁ ଭୋଜି ଦେବାକୁ ପଡ଼ିବ ।

ଠିକ୍ ଏଇ ସମୟରେ ମୋହନ ଦାସର ଆଖି ପିଲାଟା ଉପରେ ପଡ଼ିଲା । ଗୁଲୁଗୁଲିଆ ଓ ନିରୀହ ଛୁଆଟି ମା' ପାଖକୁ ଲାଗି ଶୋଇଛି ଚୁପ୍ ଚାପ୍, ଯିମିତି ଭଗବାନଙ୍କ ବରଦାନ ସେ । ପ୍ରଥମଥର ପାଇଁ ମୋହନ ଦାସ ଅନୁଭବ କଲା ବାପା ହେବାର ଅନୁଭୂତି । ତା' ଆଖି ପିଲାଟା ଉପରେ ଲାଖି ରହିଥିଲା ଯିମତି । ହଠାତ୍ ତା' ବାପାର ଡାକ ସେ ଶୁଣିଲା: ଡାକବାଲା ସୀତାରାମ ଚିଠି ନେଇ ଆସିଛି ।

ଜିଲ୍ଲାର ସବୁଠୁ ବଡ଼ କୋଇଲା ଖଣି ସଂସ୍ଥାରେ ସାକ୍ଷାତ୍‌କାର ଦେବାକୁ ଡକରା ଆସିଥିଲା । ମାସକ ଆଗରୁ ଏମିତିକା ଚିଠି ଆସିବା ବନ୍ଦ ହୋଇ ଯାଇଥିଲା ।

Digitized by PPRACHIN, SOA

କଠିନା ନଈ ପଠାରେ ଥିବାବେଳେ ସେ ଏକଥା ଭାବୁଥିଲା । ବୋଧହୁଏ କୋଉ ତରା ଅଥବା ନକ୍ଷତ୍ର ମଣ୍ଡଳରେ ତା'ର ଏ ସ୍ୱର ପ୍ରତିଧ୍ୱନିତ ହୋଇଥିଲା । କୌଣସି ଈଶ୍ୱର ବୋଧେ ତା'ର ଦୁଃଖ ଓ ଯନ୍ତ୍ରଣା ବୁଝି ପାରିଥିଲେ କି ? କସ୍ତୁରୀ ଜନ୍ମ ଦେଇଥିବା ସଦ୍ୟ ଶିଶୁଟି କ'ଣ ଈଶ୍ୱରଙ୍କ ଦୂତ ଯିଏ ତା' ପରିବାର ପାଇଁ ଏକ ନୂଆ ଜୀବନ ସଂଚାର କରିବା ଲାଗି ବଦ୍ଧପରିକର ?

'ଓରିୟେଣ୍ଟାଲ୍ କୋଲ୍ ମାଇନ୍‌ସ' ତରଫରୁ ସେଇ ଇଣ୍ଟରଭ୍ୟୁ ପାଇଁ ଡକରା ଆସିଥିବା କାଗଜ ଭିତରୁ ଏକ ଝିଲ୍‌ମିଲ୍ ସକାଳର ସନ୍ଧାନ ପାଇଥିଲା ମୋହନ ଦାସ। ଅନେକ ଦିନ ପରେ କଅଁଳ ଦୁବ ଘାସ ପରି ତା' ହୃଦୟରେ ଆଶା କଅଁଳିବା ଆରମ୍ଭ କଲା । ସେଦିନ ରାତିରେ ସେ ଠିକ୍ ଭାବେ ଶୋଇ ପାରିଲାନି । ତା' ଜୀବନ ବୃକ୍ଷ, ଯୋଉଟା ମରିଗଲା ବୋଲି ସେ ଭାବୁଥିଲା, ପୁଣି ଥରେ ପତ୍ରର ଗହଳରେ ଭରିଗଲା । ଗୋଟାଏ ଘଣ୍ଟା ଆଗରୁ ସେ କୋଲିୟାରୀରେ ପହଂଚି ଗଲା । ଓଠରେ ଘରର ପୀଠ ଦେବୀ ମଳାୟା ମାଇ ଓ ଗୁରୁ କବୀର ଦାସଙ୍କ ନାମୋଚ୍ଚାରଣ ଫଳରେ ତା' ଭିତରେ ଆସି ଯାଇଥିଲା ଆତ୍ମବିଶ୍ୱାସ ପୂର୍ବପେକ୍ଷା ପ୍ରବଳ ଭାବରେ । ସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ତାକୁ ଏ ଚାକିରି କରିବାକୁ ପଡ଼ିବ । ଘଣ୍ଟାକର ପରୀକ୍ଷାକୁ ସେ ଅଧଘଣ୍ଟାରେ ସାରି ଦେଇଥିଲା । ସେଇଟା ଥିଲା ସବୁଠୁ ସହଜିଆ ପ୍ରଶ୍ନ ପତ୍ର । ଯା'ପରେ ଆରମ୍ଭ ହେଲା ଦୁଇ ଘଣ୍ଟା ଧରି ଶାରୀରିକ ସମ୍ବନ୍ଧୀୟ ପରୀକ୍ଷା - ୧୫୦୦ ୟାର୍ଡ଼ ଦୌଡ଼, ଭାର ବହନ, ପଡ଼ିଆ ଚାରିପାଖେ ପାଞ୍ଚ ଘେରା ଦୌଡ଼ିବା, ଆଣ୍ଠୁ ଆଉ କହୁଣୀରେ ଭରା ଦେଇ ଗୁରୁଣ୍ଡିବା, ଆଖି ପରୀକ୍ଷା କରିବା ଆଦି ତାକୁ ଦେବାକୁ ପଡ଼ିଲା । ସନ୍ଧ୍ୟା ଚାରିଟା ବେଳକୁ ପାଞ୍ଚଶହ ଆଶାୟୀ ପ୍ରାର୍ଥୀଙ୍କ ଭିତରୁ ପାଞ୍ଚ ଜଣଙ୍କ ନାଁ ପରୀକ୍ଷା ନିଆ ଯାଉଥିବା ଅଫିସ୍ ସାମ୍ନାରେ ଡକାଗଲା । ସେମାନଙ୍କ ଭିତରେ ମୋହନ ଦାସର ନାଁ ପ୍ରଥମ ଥିଲା ।

ତା' ଛାତି ଧଡ଼କିନା ହୋଇଗଲା । ଅସମ୍ଭବ ହଠାତ୍ ସମ୍ଭବ ହେବାକୁ ଯାଉଛି । ଆଉ ବେଶୀକାଳ ତା' ଜୀବନରେ ଅନିଶ୍ଚିତତା ରହିବନି । ପ୍ରତିମାସରେ ତାକୁ ଦରମା ମିଳିବ । ପ୍ରତିଦିନ ରୋଷେଇ ଘରେ ଅନ୍ତଃତଃ ଚୁଲି ଜଳିବ । ତା' ବାପା ମା'ଙ୍କ ପାଇଁ ମିଳିବ ଔଷଧ ପତ୍ର । ଦେବଦାସର ଠିକ୍ ଯତ୍ନ ନେବା ସାଂଗକୁ ଉପଯୁକ୍ତ ଶିକ୍ଷା ବି ମିଳିବ । ଏଣିକି କସ୍ତୁରୀକୁ ବାହାରେ କାମ କରିବାଲାଗି ଯିବାକୁ ପଡ଼ିବନି ?

ଜଣେ ବାବୁ ତା'ର ସମସ୍ତ ପ୍ରମାଣ ପତ୍ର ଓ ମାର୍କଲିଷ୍ଟ ଦବା ପାଇଁ କହିଲେ । ତା' କଲେଜ ମାର୍କସିଟ୍ ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ । 'ଏଯାଏଁ ତମେ ଚାକିରି

Digitized by PPRACHIN, SOA

କାହିଁକି ପାଇନାହଁ ? – ସେ ପଚାରିଲେ । 'ଏମିତିକା କୃତକାର୍ଯ୍ୟ ହେଇ, ତମେ ଟିକିଏ ଚେଷ୍ଟା କରିଥିଲେ ଯାଠୁଁ ଅନ୍ତତଃ ଭଲ ଚାକିରିଟେ ପାଇଥାନ୍ତ ।'

: 'ମୁଁ କେବେ କାମରେ ଜଏନ୍ କରିବି ?' ମୋହନ ଦାସ ପଚାରିଲା ।

: 'ଧରିନିଅ ତୁମେ କାମରେ ଜଏନ୍ କଲ ବୋଲି' ବାବୁ କହିଲେ । ଏଇ ସପ୍ତାହରେ କାଗଜପତ୍ର କାମ ସବୁ ସରିଯିବ । ଆଉ ସପ୍ତାହକୁ ତୁମେ ନିଯୁକ୍ତିପତ୍ର ବି ପାଇଯିବ, ମାନେ ପନ୍ଦରଦିନ ଭିତରେ...।

ମୋହନ ଦାସ ଘରେ ଗୋଟେ ନୂଆ ଯୁଗ ଆରମ୍ଭ ହେଲା । ସେମାନେ ଡାକଘରେ ଦୁଇହଜାର ଟଙ୍କା ସଂଚୟ କରି ରଖିଥିଲେ । ମୋହନ ଦାସ ଗୋଟେ ନୂଆ ମଶାରୀ କିଣିଲା, ତାହା ସହ ଏକ କିଲୋ ଘିଅ, ଗୁଡ଼, ଶୁଖିଲା ଉଖୁଡ଼ା, ରୋଷେଇ ଘର ପାଇଁ ସାଜ ସଂରଜାମ ଏବଂ ପୁଅ ଓ ସ୍ତ୍ରୀ ପାଇଁ ନୂଆ କପଡ଼ା ବି କିଣିଲା । ତା' ନିଜ ପାଇଁ ବି ସେ କିଣିଲା ନୀଳ ରଂଗର ପାଣ୍ଟ ଓ ଚେକ୍ ସାର୍ଟ, ତିରିଶି ଟଙ୍କିଆ ମନିପର୍ସ, ପାଂଚ ଟଙ୍କିଆ ଦୁଇଟା ରୁମାଲ୍ । ସବୁଦିନ ସକାଳେ ଅଧ ଲିଟର କ୍ଷୀର ଘରେ ପହଂଚିବାର ବ୍ୟବସ୍ଥା କଲା ।

ଗାଁ ସାରା କଥାଟା ଚହଟି ଗଲା: ଶେଷରେ ମୋହନ ଦାସ ଭଲ ଚାକିରିଟେ ପାଇଲା । ଯେଉଁ ଲୋକେ ତା' ଆଡୁ ମୁହଁ ଫେରାଇ ନେଇଥିଲେ, ସେମାନେ ବି ତାଙ୍କ ଧାରଣା ବଦଳେଇବାକୁ ଲାଗିଲେ । ଯେଉଁମାନେ ତା' ପାଠପଢ଼ା ଓ କାମ ଧନ୍ଦାକୁ ନେଇ ଥଟ୍ଟା ପରିହାସ କରୁଥିଲେ ସେମାନେ ତାଙ୍କ ସ୍ୱର ବଦଳେଇଲେ । ଏତେ ପାଠ ପଢ଼ିବା ପରେ ଆଉ କେତେ ଦିନ ସେ ବେକାର ରହିଥାନ୍ତା – ସେମାନେ କହିବା ଆରମ୍ଭ କଲେଣି । କେତେଜଣ ସେ କଥାରେ ଯୋଡ଼ି ଦେଲେଣି: ପ୍ରକୃତ କଥା ହେଉଛି, ସଂରକ୍ଷଣ ତାଲିକାରେ ତା' ଜାତିର ନାଁ ଏବେ ଯୋଡ଼ି ଦିଆ ଯାଇଛି । ସଂରକ୍ଷଣ ଯୋଗୁଁ ସେ ଚାକିରି ପାଇଲା, କାରଣ ତା' ଜାତିର ଆଉ କେହି ଗ୍ରାଜୁଏଟ୍ ନଥିଲେ ।'

ସେଇ ସପ୍ତାହରେ ମୋହନ ଦାସର ଘରେ କ୍ଷୀରି ହେଲା, ତା' ସାଂଗକୁ ଆଉ ଥରେ ଆଳୁ ଓ ମଟର ତରକାରୀ ରନ୍ଧାହେଲା । ଅନ୍ଧୁଣୀ ହେବା ସତ୍ତ୍ୱେ ବି ତା' ମାଆ ବଣା ଭିତରୁ ଧାନ କାଢ଼ି ନିଜେ ସଫା କଲା । ଆଚାର ବି ସେ ନିଜେ ତିଆରି କଲା । ତା'ର କାବା ଦାସ ମାଙ୍ଗାଲୋରର ଗଣେଶ ମାର୍କା ବିଡ଼ି କଠାଏ ଓ ଜାହାଜ ମାର୍କା ଦିଆସିଲି କିଣିଲା । ଦିଆସିଲିରେ କାଠି ସାମାନ୍ୟ ଘଷିବା ମାତ୍ରେ ଚାଉଁକିନା

Digitized by PPRACHIN, SOA

ନିଆଁ ଧରୁଥିଲା । ବାରଣ୍ଡାରେ ବସି ସେ ବିଡ଼ି ଟାଣିଲା ଓ ଅନେକ ରାତିରେ କବୀରଙ୍କ ଦୋହା ଗାଇବାରେ ଲାଗିଲା । ତା' କଫରେ ଆଦୌ ରକ୍ତ ପଡ଼ିଲା ନାହିଁ ।

ଦିନେ ଅନ୍ଧୁଣୀ ପୁତ୍‌ଲିବାଇ ଅଗଣାରେ ନାଚିନାଚି ଗୀତ ଗାଇବାକୁ ଲାଗିଲା: କଞ୍ଚନାର ମଇନା ତୋ' ପୁଅ ଘରେ ବସା ବାନ୍ଧିଲାଣି । ସେ ଆସିବା ପରେ ସବୁ ଯନ୍ତ୍ରଣା ଉଭେଇ ଗଲା । ସୌଭାଗ୍ୟ ଚେଇଁଲାଣି ଆଉ ଦୁଃଖ ଦଉଡ଼ି ପଳେଇଲାଣି । ମା' ମଲାଇୟାଙ୍କର ଜୟ ହେଉ ।

ଘରର ସମସ୍ତେ ସତକୁ ସତ ଦେଖିଲେ ଯେ କସ୍ତୁରୀ ଆଉ ଦେବଦାସର କୋଠରୀରେ ମଇନା ବସା ବାନ୍ଧିଛି, ଯାହା ପୁତ୍‌ଲୀବାଇର ଅନ୍ଧୁଣୀ ଆଖି ଦେଖିଥିଲା ।

ସପ୍ତାହେ କାଳ ମୋହନ ଦାସ କୋଲିୟାରୀରୁ ଆସିବା ଚିଠିକୁ ଅପେକ୍ଷା କଲା । ମାତ୍ର ଡାକ ପିଅନ ଆସିଲାନି । ଆଉଗୋଟେ ସପ୍ତାହ ବି ବିତିଗଲା । ମୋହନ ଦାସକୁ ଖବର ମିଳିଲା ଯେ କଂସାକୋଡ଼ାର କଂଚନ କୁମାର ଶର୍ମାଙ୍କ ପୁଅ ସନ୍ତୋଷ କୁମାର ଶର୍ମା ଯା ଭିତରେ ଚିଠି ପାଇ ଚାକିରିରେ ଦାଖଲ ହୋଇ ସାରିଲାଣି । ସେ କୋଲିୟାରୀକୁ ଯାଉଥିବା ଦୂରଗାମୀ ବସ୍‌ରେ ଚଢ଼ିଲା । ସେଇ ବଡ଼ ବାବୁଙ୍କୁ ଯାଇ ପଚାରିଲା । ବଡ଼ ବାବୁ କହିଲେ, ଏବେସୁଦ୍ଧା ଚିଠି ପଠାଯାଇନି । କାରଣ ତିନିଟା ପଦବୀ ଖାଲି ଥିବାବେଳେ ପାଂଚ ଜଣଙ୍କୁ ନିଯୁକ୍ତି ପାଇଁ ସ୍ଥିର କରାଯାଇଛି । ଯଦି ଆଉ ଦୁଇଟା ପଦବୀ ସୃଷ୍ଟି କରାନଯାଏ, ତେବେ ପ୍ରସ୍ତୁତ ତାଲିକାରୁ ଦୁଇ ଜଣଙ୍କ ନାଁ ହଟାଇବାକୁ ପଡ଼ିବ । ମାତ୍ର ଏତିକିବେଳେ ମୋହନ ଦାସର ମୁହଁ ଓହଳି ପଡ଼ିବା ଦେଖି ବଡ଼ବାବୁ ସଂଗେସଂଗେ ତାକୁ ଆଶ୍ୱାସନା ଦେଲେ ଯେ ତା' ନାଁ ଆଦୌ କଟିବନି । କାରଣ ତା' ନାଁ ତାଲିକାର ପ୍ରଥମ ସ୍ଥାନରେ ଅଛି ।

ମୋହନ ଦାସ ଘରକୁ ଫେରି ଆସିଲା । ବଡ଼ବାବୁଙ୍କ ଆଶ୍ୱାସନା ଅର୍ଥାତ୍ ମାତ୍ର ମାସେ କାଳ ଅପେକ୍ଷା କରିବାକୁ ହବ ବୋଲି ଶୁଣିବା ପରେ ବି ତା' ଭିତରେ କିଛି ଗୋଟେ ମରିବା ଆରମ୍ଭ କରିଥିଲା । ଦୁଇ ଦିନ ଭିତରେ ତାକୁ ମାସକ ଯାକ ଆଣିଥିବା ଦୁଧର ପଇସା ଦବାକୁ ହବ, ଯା ଭିତରେ ସେ କିଛି ଉଧାର ମଧ୍ୟ କରିଦେଇଛି । କସ୍ତୁରୀ ତାକୁ ଖୁସି ରଖିବା ଲାଗି ସବୁ ପ୍ରକାର ଚେଷ୍ଟା କରିଛି ଏବଂ ତା'ର ମାଆ ମଧ୍ୟ ମଲାୟା ଠାକୁରାଣୀଙ୍କ ପାଖରେ ମାନସିକ କରିଛି, ରାତିରେ ଆଉ ଗୀତ ଗାଉନି । ବେଳେବେଳେ କାଶ ଉଠୁଛି ତା'ର ।

ଦେଢ଼ମାସ ପରେ ମୋହନ ପୁଣି ଥରେ 'ଓରିଏଣ୍ଟାଲ କୋଲ୍ ମାଇନ୍‌ସ' ଅଫିସ୍‌କୁ ଗଲା । ନିଯୁକ୍ତି ଦିଆ ଯାଉଥିବା ଅଫିସ୍ ବାହାରେ ବହୁ ସମୟ ଧରି ସେ

Digitized by PPRACHIN, SOA

ବଡ଼ବାବୁଙ୍କୁ ଭେଟିବା ପାଇଁ ଅପେକ୍ଷା କରି ରହିଲା । କିଛି ସମୟ ପରେ ସେ ତାକୁ ଧୈର୍ଯ୍ୟ ଧରିବା ପାଇଁ ଉପଦେଶ ଦେଲେ । ମାତ୍ର ଏଥର କେତେଦିନ ଯାଏ ଏମିତି ଧୈର୍ଯ୍ୟ ଧରି ରହିବାକୁ ପଡ଼ିବ ସେ କଥା କହିଲେ ନାହିଁ । ବଡ଼ବାବୁ ତା'ର ଦୂରର ଚିହ୍ନା ସଂପର୍କୀୟ । ଯେତେବେଳେ ମୋହନ ଦାସ ଆଉ ଦେଢ଼ ମାସ ପରେ ଆସିବ କି ବୋଲି ପ୍ରଶ୍ନ କଲା, ସେ ଏଥର ବେଢ଼ଙ୍ଗିଆ ଭାବରେ କହିବାକୁ ଲାଗିଲେ: କ'ଣ ପାଇବାକୁ ଆଉ ଆସିବ ? ତୁମେ ଯେବେ ହାତରେ ଚିଠି ପାଇବ ତେବେ ଯାଇ ସବୁ ପାଇଲ ବୋଲି ଜାଣିବ । ତା'ପରେ ପୁଣି ସେ କହିଲେ: ପ୍ରକୃତ କଥା ହେଉଛି, କୋଲ୍ ଇଣ୍ଡିଆର ଯେଉଁ ଅଫିସର ଏଇ ନିଯୁକ୍ତି କାମ ଦେଖିବାକୁ ଆସିଥିଲେ, ସେ ତାଙ୍କ ଜ୍ୱାଇଁଙ୍କୁ ଏଇ ଚାକିରିରେ ଭର୍ତ୍ତି କରାଇ ଦେଇଛନ୍ତି । ଉପର ଅଫିସରଙ୍କର ଏଇଟା ହେଉଛି ଚାଲ୍ । ମୋହନ ଦାସ ଆଖି ସାମ୍ନାରେ ଅନ୍ଧାର ନାଚିଗଲା ଯେମିତି ।

ମାତ୍ର ମାସକ ପରେ ପୁଣି ସେ ଅଫିସ୍‌କୁ ଗଲା । ସକାଳ ଦଶଟାରୁ ଉପରବେଳା ସାଢ଼େ ତିନିଟା ଯାଏ ତାକୁ ସେଇ ଅଫିସ୍ ସାମ୍ନାରେ ଅପେକ୍ଷା କରିବାକୁ ପଡ଼ିଲା । ଯେତେବେଳେ ସେ ଅଫିସ୍ ଭିତରକୁ ଗଲା, ଦେଖିଲା ବଡ଼ବାବୁ ଛୁଟିରେ ଅଛନ୍ତି । ବାହାରେ ଠିଆ ହୋଇଥିବା ମୋଟା ଲୋକଟିର ତା' ବିଷୟରେ କିଛି ଜଣା ନଥିଲା । ଏଇ ଅଫିସ୍‌ରେ ଦେଇଥିବା କାଗଜପତ୍ରର ନିରାପତ୍ତା ନେଇ ମୋହନ ଦାସର ଆଶଙ୍କା ବଢ଼ିବାକୁ ଲାଗିଲା । ମୋଟା ଲୋକଟି ତାକୁ କହିଲା: ତମ କାଗଜପତ୍ର ନେଇ ମୁଁ କ'ଣ କରିବି ? ଯଦି ତୁମେ ଚାକିରି ନପାଅ, ସେ କାଗଜପତ୍ର ସବୁ ଡାକ ଯୋଗେ ତୁମେ ପାଇଯିବ । ନଚେତ୍ ଆରଥରକୁ ଆସିଲା ବେଳକୁ ସେ ସବୁ ନେଇଯିବ । ମୋହନ ଦାସ ଘରକୁ ଫେରିଲା । ତା'ର ହୃଦ୍‌ବୋଧ ହେଲା ଯେ ଜୀବନର ମଳାଗଛରେ ଯେଉଁ ନବ କିଶଳୟଟି ଅଙ୍କୁରିତ ହୋଇଥିଲା; ତା'ର ଦୁର୍ଦ୍ଦିନରେ ଈଶ୍ୱର ଯେଉଁ କରୁଣାର ବିନ୍ଦୁ ତା' ଉପରେ ଢାଳିଥିଲେ, ଦୁର୍ଭାଗ୍ୟ ଓ ଦୁର୍ନୀତିର ଉତ୍ତପ୍ତ ମରୁଝଡ଼ ଯୋଗୁଁ ତାହା ନିଶ୍ଚିହ୍ନ ହୋଇଯାଇଛି । ବର୍ତ୍ତମାନ ଆଉ କୌଣସି ଆଶା ନାହିଁ । ଗୁପ୍ତରେ ଜଣେ ମଧ୍ୟସ୍ଥିକୁ ଧରି ଉପର ହାକିମକୁ ଲାଞ୍ଚ ଦେଇଥିଲେ ହୁଏତ ତା'କୁ ଚାକିରିଟା ମିଳି ଯାଇଥାନ୍ତା ।

ପଇସା ଥିଲାବାଲାଏ ତ' ଅବସ୍ଥା ସଂପର୍କରେ ଜାଣି ସାରିଥିଲେ, ତେଣୁ ତା'ର ଶିକ୍ଷାଗତ ଯୋଗ୍ୟତା ନେଇ ଥଟ୍ଟା ପରିହାସ କରୁଥିଲେ । ସବୁଠାରୁ ବେଶି ଲାଞ୍ଛିତ ମନେ କରିଥିଲା ନିଜକୁ ସେ, ଯେଉଁଦିନ ଛତ୍ରଧର ତିୱାରୀର ପୁଅ ବିଜୟ ତିୱାରୀ ପୋଲିସ୍ ସବ୍ ଇନ୍‌ସପେକ୍ଟର ଚାକିରିରେ ଭର୍ତ୍ତି ହେଲା । ସେ ତାର ସହପାଠୀ ଥିଲା ଏବଂ

Digitized by PPRACHIN, SOA

କୌଣସି ପ୍ରକାରେ ତୃତୀୟ ଶ୍ରେଣୀରେ ପାଶ୍ କରିଥିଲା । ତା' ବାପାର ହାତ ବହୁତ ଲମ୍ବା ଥିଲା । ସେ କହିଲା: ମୋହନା, ସରକାରୀ ଯୋଜନାରେ ଏବେ ମୁଁ ଦଶଟା ମଇଁଷି କିଣିଛି । ଯଦି ଠିକ୍ ଭାବୁଛୁ, ତୁ ଆଉ କସ୍ତୁରୀ ତାଙ୍କର ଯତ୍ନ ନେଉନ କିଆଁ ? ମୁଁ ତତେ ମାସକୁ ମାସ ଦରମା ଦେବି ଆଉ ତୋ' ଘରକୁ ଇନ୍ଦିରା ଆବାସ ଯୋଜନାରେ ଯୋଡ଼ିଦେବି । ଭାବୁଚି, ମୋ' ଗୁହାଳରେ କାମ କରିବାକୁ ତୋ' ସ୍ତ୍ରୀ ଭଲ ପାଇବ ।

'ଏ ବିଷୟରେ ମୁଁ ଚିନ୍ତା କରିନି ।' ନିଜ ମୁହଁରେ ଉଠୁଥିବା ଉପହାସର ଭାବକୁ ଲୁଚାଇବାକୁ ଚେଷ୍ଟା କରି, ପଛକୁ ବୁଲିପଡ଼ି ମୋହନ ଦାସ କହିଲା । ବିଜୟ ତିୱାରୀ ଓଠରେ କସ୍ତୁରୀର ନାଁ... । ତା' ଭିତରେ ଗୋଟେ ଅସହାୟବୋଧ ସଂଚରି ଗଲା ଏବଂ ମନର ଏକ ନିଭୃତ କୋଣରେ ଜନ୍ମନେଲା ଗୋଟେ କିଛି ବ୍ୟବସ୍ଥା କରିବାକୁ ପଡ଼ିବ । ଅନ୍ତତଃ ତା' ପରିବାର ଛାରଖାର ହୋଇଯିବା ଆଗରୁ । ତା' ନିଜ ଭିତରେ ଗୋଟେ କିଛି କରିବା ଭଳି ଶକ୍ତି ଅନ୍ତତଃ ଥିଲା ତା'ର । ଯେଉଁଥିପାଇଁ ଅନ୍ୟର ସାହାଯ୍ୟ ତା'ର ଦରକାର ହିଁ ନଥିଲା । ବାରମ୍ବାର କସ୍ତୁରୀର ସୁନ୍ଦର ମୁହଁ ସାଂଗକୁ ବିଜୟ ତିୱାରୀର ତୀକ୍ଷ୍ଣ ଆଖି ତା'ର ଦୃଷ୍ଟି ପଥରେ ଭାସି ଯାଉଥିଲା ।

ସେଦିନ ସେ ସ୍ଥିର କଲା ଯେ ଆଉ କେବେ ସେ ଓରିଏଣ୍ଟାଲ୍ କୋଲ୍ ମାଇନ୍‌ସକୁ ଆସିବନି ଅନ୍ତତଃ ପ୍ରମାଣପତ୍ର ଏବଂ ମାର୍କସିଟ୍ ମାଗିବା ପାଇଁ । ଚାକିରି ଓ ସରକାରୀ ଯୋଜନା ସବୁ ଅନ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ, ତା' ପରି ଲୋକଙ୍କ ପାଇଁ ନୁହେଁ ।

ରାତିରେ ଖାଇବା ପରେ ସେ ଶୋଇବାକୁ ଗଲା ନାହିଁ । କାନ୍ଧରେ ଗୋଟେ କୋଦାଳ ଝୁଲାଇ କଠିନା ନଦୀ କୂଳ ଆଡ଼େ ଯିବା ପାଇଁ ବସିଲା । କସ୍ତୁରୀକୁ କହିଲା ଯେ ଫେରୁ ଫେରୁ ସକାଳ ହେଇଯିବ । ରାତିସାରା ଗୋଟେ ପାଗଳ ପରି ଏକା ହୋସ୍‌ରେ ସେ ନଦୀ ପଠାରେ କାମ କରି ଚାଲିଲା । ତରଭୁଜ ଓ ଶାଗ ମଞ୍ଜି ବୁଣିବା ପାଇଁ ପଟାଳି ତିଆରି କଲା । ପ୍ରାୟ ସକାଳ ଚାରିଟା ବେଳକୁ ଯେତେବେଳେ ବଢ଼ନ୍ତା ଆଲୁଅର ଝାସରେ ତାରାମାନେ ନିଷ୍ପ୍ରଭ ହେବାକୁ ବସିଥିଲେ, ସେ ତା' ମୁହଁ ଆଉ ଦିହରୁ ନିଗିଡ଼ି ଯାଉଥିବା ଝାଳ ପୋଛିଲା ଏବଂ ତରବରରେ ନଦୀ କୂଳକୁ ଆସିଲା । ଆଂଜୁଳାଏ ପାଣି ଧରି ତା' ମୁଣ୍ଡରେ ଛିଂଚିଲା ଏବଂ ନଦୀ ଉଦ୍ଦେଶ୍ୟରେ ବଡ଼ ପାଟିରେ କହିଲା: ହେ ମା କଠିନା, ଏଥରକ ଏସବୁକୁ ଛଡ଼ାଇ ନେଏ ନା । ମଳାୟା ମାଙ୍କ ରାଣ ଖାଇ କହୁଛି, ମୋ' ଝାଳର ଫସଲକୁ ତୋ'ର କ୍ଷୁଧାଗ୍ନି ମେଣ୍ଟାଇବାକୁ ଚେଷ୍ଟା କରନା... । ତା' ନହେଲେ ଭଗବାନଙ୍କ ରାଣ ଖାଇ କହୁଛି, ମୁଁ ତୋ' ପେଟକୁ ଚାଲିଯିବି । ମୋ' ପରିବାର ସହ ତୋ'ର ଗର୍ଭକୁ ମୁଁ ଡେଇଁ ପଡ଼ିବି ସେଇ ବନ୍ୟାରେ ।

Digitized by PPRACHIN, SOA

ଘରେ ପହଂଚି ମୋହନ ଦାସ ଦେଖିଲା ସକାଳୁ ସକାଳୁ କସ୍ତୁରୀ ସାରା ଅଗଣାକୁ ଗୋବରରେ ଲିପିଦେଇଛି । ଆଗକୁ ଗଛ ଲଗାଇବା ପାଇଁ, ସବୁ ମଞ୍ଜିକୁ ମାଆ ଏକାଠି କରୁଛି, ବାପା ବାଉଁଶ ପାତିଆ ବନଉଛି ବୁଣିବା ପାଇଁ ଆଉ ଛୋଟ ପୁଅ ଲୁହା କରଣୀରେ ଘାସ କାଟୁଛି । ପାଦ ଶବ୍ଦ ଶୁଣି ତା'ର ମାଆ ମୁହଁ ଉପରକୁ ଉଠେଇଲା । ଦୃଷ୍ଟିହୀନ ଆଖିରେ ସେ ତା' ପୁଅ ଆଡ଼କୁ ଚାହିଁ କହିଲା: ଜାଣିଚୁ ମୋହନା, ଆଜି ବଣି ତା' ବସାରେ ଦୁଇଟା ଛୁଆ ଦେଇଛି ।'

ସେଦିନ ରାତିରେ ମୋହନ ଦାସ ତା' ସ୍ତ୍ରୀ ପିଲାଙ୍କୁ ନଦୀ ପଠାକୁ ନେଇଗଲା । କସ୍ତୁରୀ ଦେବଦାସକୁ କାନ୍ଧରେ ପକାଇ ଏବଂ ମଂଜି ସବୁକୁ ଅଣ୍ଟାରେ ଗଣ୍ଠିଲି କରି ସାଥିରେ ଗଲା । ନଈ ପଠାର ସୁଲୁସୁଲିଆ ପବନରେ ଛୁଆଟା ଜଲ୍‌ଦି ଶୋଇ ପଡ଼ିଲା । ଦୁଇଘଣ୍ଟା ଭିତରେ ତା'ର ବାପା ମା' ପଟାଳିରେ ସାର ପକାଇ ମଂଜି ପୋତି ଦେଲେ । ନଦୀ ପାଣିରେ ମାଠିଆ ଭର୍ତ୍ତି କରି କସ୍ତୁରୀ ମଂଜି ମୂଳରେ ପାଣି ଢ଼ାଳିଲା । ମୋହନ ଦାସ ଚୁପ୍‌ଚାପ୍ ତା'ର ଆଲୁଅରେ ବସି ତାକୁ ନିରୀକ୍ଷଣ କଲା । ସତରେ କେତେ ସୁନ୍ଦର ଦିଶୁଛି କସ୍ତୁରୀ । ମଳିନ ଆଲୁଅରେ ତାକୁ ଦେଖି ମୋହନ ଦାସର ମଳାୟା ମାଇଙ୍କ ମନ୍ଦିର ସାମ୍ନାରେ ଥିବା ପଥର ମୂର୍ତ୍ତି କଥା ମନେ ପଡ଼ିଗଲା । ବନ୍‌ହେରୁ ପୋଖରୀ ଖୋଳା ହେବା ସମୟରେ ସେ ମୂର୍ତ୍ତି ମିଳିଥିଲା । ଠିକ୍ ସିମିତି ଶରୀର, ବକ୍ଷୋଜ, ନିତମ୍ବ, ହାତ, ଗୋଡ଼ ଆଉ ଜଂଘ । ଯିମିତି ଗୋଟାଏ ଶିଳ୍ପୀ ବର୍ଷବର୍ଷ ଧରି ନିହାଣ ମୁନରେ ବହୁ କଷ୍ଟରେ ଖୋଦେଇ କରି ମୂର୍ତ୍ତିକୁ ଗଢ଼ିଛି ।

ରାତି ଅଧାରୁ ଅଧିକ ହେଲାଣି । ରହିରହି ଶୁଣା ଯାଉଛି କୁମ୍ଭାଟୁଆ ଆଉ ମାଟିଆ ଚିଲଙ୍କ ରଡ଼ି । କସ୍ତୁରୀ ଦେହର ଝାଳ ଗନ୍ଧକୁ ବୋହି ଆଣୁଚି ନଦୀ ଆଡୁ ଆସୁଥିବା ପବନ ଏବଂ ଘୂରି ବୁଲୁଚି ମୋହନ ଦାସର ଚାରିକଡ଼େ । କ'ଣ ଭାବିଥିଲା କସ୍ତୁରୀ ଯେତେବେଳେ ମୋହନ ଦାସକୁ ବାହାହେଲା ଆଉ କ'ଣ ପାଇଲା ? ରୋଗରେ, ନିରୋଗରେ, ଭୋକ ଶୋଷରେ, ହତାଶା ଆଉ ହାରିଯିବାରେ – ସବୁବେଳେ ମୋହନ ଦାସ ସାଥିରେ ଠିଆ ହୋଇଛି କସ୍ତୁରୀ । ହଠାତ୍ ତା' ପ୍ରତି ଖୁବ୍ କରୁଣାର୍ଦ୍ର ହେଇଗଲା ସେ ।

କସ୍ତୁରୀ ହଠାତ୍ ବାଲି ଉପରେ ପାଣି ମାଠିଆ ରଖି ଦେଇ ତା' ଖୋଲା ବାଳରେ ଜୁଡ଼ା ବାନ୍ଧିଲା । ମୋହନ ଦାସ ଏଥର ଉଠିପଡ଼ିଲା । ହସି ହସି କସ୍ତୁରୀକୁ ପଚାରିଲା: 'ହେ କସ୍ତୁରୀ, କବାଡ଼ି ଖେଳିବୁ ? ହୁ...ଡୁ...ଡୁ...ଡୁ ।'

Digitized by PPRACHIN, SOA

କସ୍ତୁରୀକୁ ଜାବୁଡ଼ି ଧରି ସେ କାଖତଳ ଏବଂ ଅଣ୍ଟାରେ ଆଙ୍ଗୁଠି ମାରି କୁତ୍‌କୁତ୍ କଲା । ଚିତ୍କାର କରିଉଠିଲା ସେ ତା'ର ବାହୁବନ୍ଧନରେ: ଏ କ'ଣ କରୁଛ ? ଦେବଦାସ ଉଠି ପଡ଼ିବ ନିଦରୁ । ଯାଅ, ମତେ ଛାଡ଼ିଦିଅ । ଯିବାକୁ ଦିଅ ମତେ । କସ୍ତୁରୀ ମୋହନ ଦାସକୁ ଠେଲି ଦେଇ ନଈଧାର ଆଡ଼େ ଦୌଡ଼ିବାକୁ ଲାଗିଲା ଗୋଟାଏ କୃଷ୍ଣସାର ପରି ତାରାଙ୍କ ମଳିନ ଆଲୁଅ ତଳେ ।

'ଆସ, ଆସନା ଏଥର । ଛୁଅଁ ମତେ । ଆସ, ଆସ ।' ତା'ର ସ୍ୱର କ୍ଷୀଣତର ହୋଇ ଚାଲିଥାଏ ଓ ଧୀରେଧୀରେ ଆଗକୁ ଯାଉଯାଉ ଅନ୍ଧାର ଭିତରେ ଲୀନ ହେଇଯାଉଥାଏ ତା'ର ଦେହ ।

'ହୁ...ତୁ...ତୁ...ତୁ...ତୁ...ତୁ'

କସ୍ତୁରୀ ପଛରେ ନିଜର ସବୁ ବଳ ପ୍ରୟୋଗ କରି ସେ ଦୌଡ଼ୁଥାଏ, କସ୍ତୁରୀ ବି ଖୁବ୍ ଦ୍ରୁତ ଗତିରେ ଦୌଡ଼ୁଥାଏ । ତଥାପି ତା' ପଛରେ ଧାଇଁଥାଏ ମୋହନ ଦାସ । କସ୍ତୁରୀର ବେଗ ତୀବ୍ରତର ହେଉଥାଏ । ପହଂଚି ଯାଏ ସେ ନଦୀର ଧାରରେ । ନିଶ୍ୱାସ ତଣ୍ଟି ପାଖରେ ଅଟକି ଯାଉଥାଏ । ମୋହନ ଦାସର ଚିତ୍କାର ବି ପ୍ରତି ମୁହୂର୍ତ୍ତରେ ତା' କାନରେ ବାଜୁଥାଏ । ସେ ଜାଣିଥିଲା ସେ ଆଉ ଅଧିକ ସମୟ ମୋହନ ଦାସ ପାଖରୁ ଦୂରକୁ ଯାଇପାରିବ ନାହିଁ । ଶେଷଥର ପାଇଁ ତା'ର ସମସ୍ତ ବଳ ପ୍ରୟୋଗ କରି ଧାଇଁବାକୁ ଚେଷ୍ଟା କରୁଥିବା ସମୟରେ ମୋହନ ଦାସ ତାକୁ ଜାବୁଡ଼ି ଧରି ପକେଇଲା । ଦୁହେଁ ଏଥର ପଡ଼ିଗଲେ ନଦୀର ପାଣି ଭିତରେ ।

'ଚାଲ ଯିବା । ପଳେଇ ଚାଲ ଏଥର ।'

କସ୍ତୁରୀ ମୋହନ ଦାସର ମୁହଁ ଉପରକୁ ପାଣି ଛାଟି ଚାଲିଥିବା ସମୟରେ ମୋହନ ଦାସ ତାକୁ ଭିଡ଼ି ଆଣିଲା ନିଜ ଛାତି ଉପରକୁ । ଥଣ୍ଡା ପବନ ଭିତରେ ମିଳେଇ ଯାଉଥିଲା ଦୁହିଁଙ୍କର ଖର ନିଃଶ୍ୱାସ । ମୋହନ ଦାସ ବାରମ୍ବାର କସ୍ତୁରୀକୁ କୁତ୍ କୁତ୍ କରୁଥିଲା ଏବଂ କସ୍ତୁରୀର ହସିବା ଛଡ଼ା ଅନ୍ୟ ଉପାୟ ନଥିଲା । ସେ ମୋହନ ଦାସର ବାହୁ ବନ୍ଧନରୁ ମୁକୁଳି ଯିବା ଲାଗି ମିଛିମିଛିକା ସଂଘର୍ଷ କରୁଥିଲା, ଅଥଚ ଚୁମ୍ବକ ଲୁହା ସହିତ ଲାଖି ରହିବା ପରି ସେ ମୋହନ ଦାସର ଦିହରେ ଲାଖି ଯାଇଥିଲା । ପାଣି ଭିତରେ ମୋହନ ଦାସ ତାକୁ ଠେଲି ଦେଇ ତା' ଉପରେ ବସି ପଡ଼ିଲା ।

'ବହୁତ ସୁନ୍ଦର ତୁ, କସ୍ତୁରୀ ।' କହୁକହୁ ତା' ଗାଲରେ ଗୋଟେ ଚୁମା ଦେଲା । ଗରମ ଦିନ ସେ ରାତିରେ ତାରା ଖଚିତ ଆଲୁଅ ତଳେ ସେ ଦୁହେଁ ହଳେ

Digitized by PPRACHIN, SOA

ମାଛ ପରି ଖେଳୁଥିଲେ । ବେଳେବେଳେ ଯାହା ପାଣିର ହାବୁକା ଶବ୍ଦରେ ରାତିର ନୀରବତା ଭାଂଗି ଯାଉଥିଲା । ତା'ର ହସ ଆଉ ମୋହନ ଦାସର ଚିତ୍କାର... ହୁ...ତୁ...ତୁ...ତୁ...ତୁ... ଫେଣ୍ଟି ହେଇ ଯାଉଥିଲା ତା' ସାଥିରେ ।

କ୍ଳାନ୍ତ ହେଇ କସ୍ତୁରୀ ଘରକୁ ଫେରିଲା । ଆଉ ସେଇ ଓଦା ଶାଢ଼ିରେ ଶୋଇଗଲା । ପାଖ ଶେଯରେ ଶୋଇଥିଲା ଦେବଦାସ । କିନ୍ତୁ ବହୁ ସମୟ ଧରି ପାଣିରେ ସେମିତି ପଡ଼ି ରହିଲା ମୋହନ ଦାସ ଆଉ ଉପରେ ଭଗବାନଙ୍କୁ ଚାହିଁ ପ୍ରେମ ସଂଗୀତ ଗାଇବାକୁ ଲାଗିଲା ।

ସେଦିନ ତା' ସ୍ୱର ଏତେ ଭଲ ଲାଗୁଥିଲା ଯେ କୁମ୍ଭାଟୁଆ ଆଉ କାଣ୍ଡିଆ ବଗ ବି ଉପରେ ଉଡ଼ିଉଡ଼ି ତା' ସ୍ୱରରେ ସ୍ୱର ମିଳେଇଲେ । ପରେ, ଶାରଦା ସେ ରାତିର ଏକ ଜୀବନ୍ତ ସ୍ମୃତି ହୋଇ ରହିଗଲା ।

ସେ ବର୍ଷ ଫସଲ ତ ଭଲ ଅମଳ ହେଲା, ହେଲେ ବଜାର ଭାଉ କମି ଯାଇଥିବାରୁ ବିଶେଷ ଲାଭ ହେଲା ନାହିଁ । କସ୍ତୁରୀ ପେଟରେ ଛୁଆ ଖେଳୁଥିଲା, ହେଲେ ତାକୁ ପର ଦୁଆରେ କାମ କରିବାକୁ ପଡୁଥିଲା । ଯଦିଓ ମୋହନ ଦାସ ଖୁବ୍ ପରିଶ୍ରମ କରୁଥିଲା ଏବଂ ନଦୀ ମଧ୍ୟ ତା'ର ପ୍ରାର୍ଥନା ଥରେ ଶୁଣିଥିଲା, ତଥାପି ତା'ର ମାସର ପରିଶ୍ରମକୁ ନଦୀ ଅନେକବାର ପୁଣି ଧୋଇଦେଲା ।

କାବା ଦାସର କାଶ ଦିନକୁ ଦିନ ବଢ଼ିବାରେ ଲାଗିଥିଲା । ୬ କି.ମି. ଦୂର ସରକାରୀ ହାସପାତାଳରେ ଜଣେ ଭଲ ଡାକ୍ତର ଯୋଗ ଦେଇଥିଲେ ଯା ଭିତରେ । ତାଙ୍କ ନାଁ ଡଃ କଳଙ୍କର । ସେ ମୋହନ ଦାସକୁ କହିଲେ ଯେ ସେ ମାଗଣାରେ ତା' ବାପାଙ୍କ ରୋଗ ଭଲ କରିଦେବେ ଏବଂ ଦୁଇମାସ ପର୍ଯ୍ୟନ୍ତ ଔଷଧ ଦେଲେ । ସେ ଏକଥା ବି କହିଲେ ଯେ ତା' ମାଆର ଦୃଷ୍ଟିଶକ୍ତିର ଚାଳିଶି ଭାଗ ସେ ଫେରାଇ ଆଣି ପାରିବେ ଆଉ ଥରେ ଅସ୍ତ୍ରୋପଚାର କରି । ମାତ୍ର ସେଥିପାଇଁ ମୋହନ ଦାସକୁ ଆଠରୁ ଦଶ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ । ସେ କହିଲେ ଯଦି ଜଣେ ଭଲ ଜିଲ୍ଲାପାଳ ତା' ଜିଲ୍ଲାକୁ ବଦଳି ହେଇ ଆସନ୍ତି, ତେବେ ଏ ସବୁ ସଂଭବ ହେବ । ବର୍ଷ ବର୍ଷ ବିତିଗଲା, ହେଲେ ଜଣେ ହେଲେ ଭଲ ଜିଲ୍ଲାପାଳ ତା ଜିଲ୍ଲାକୁ ଆସିଲେନି । ଥରେ ତା' ପଡ଼ିଶା ଘରକୁ ଜଣେ ପୁରୁଷ ଓ ଜଣେ ନାରୀ ବୁଲିବାକୁ ଆସିଥିଲେ । ପଡ଼ିଶା ଘରର ଜାତି ମୋହନ ଦାସଠାରୁ ନୀଚ ଥିଲା । ସେ ପୁରୁଷ ଓ ନାରୀ କୌଣସି ଏକ ବେସରକାରୀ ସଂସ୍ଥାର ଲୋକ ଥିଲେ । ସେମାନେ ମୋହନ ଦାସ ଓ କସ୍ତୁରୀକୁ

Digitized by PPRACHIN, SOA

ଆଶ୍ୱାସନା ଦେଇଗଲେ ଯେ ସେମାନେ ଏମାନଙ୍କ ସୁଖ ସୁବିଧା ପାଇଁ ସବୁପ୍ରକାର ଚେଷ୍ଟା କରିବେ । ସେମାନେ କେତେଗୁଡ଼ାଏ ଦରଖାସ୍ତ ଲେଖିଲେ ଏବଂ ସବୁଥିରେ ମୋହନ ଦାସର ଦସ୍ତଖତ ନେଲେ । କିଛିଦିନ ପରେ ସେମାନେ ଆସିବା ମଧ୍ୟ ବନ୍ଦ କରିଦେଲେ । ବୋଧହୁଏ ସେ ଦୁହେଁ ବାହା ହେଇ ସେଠାରୁ ଦିଲ୍ଲୀ ଚାଲିଗଲେ । ଯୁବତୀଟି ସେଠାରେ କେଉଁ ଏକ ଟିଭି ଚ୍ୟାନେଲ୍‌ରେ କାମ କରୁଥିଲା । ଭାରତୀୟ ପ୍ରଶାସନ ସେବାରେ କାମ କରୁଥିବା ଜଣେ ଦାଦାଙ୍କ ସହାୟତାରେ ଯୁବକଟି ବସ୍ତି ବାସିନ୍ଦାଙ୍କୁ ସାହାଯ୍ୟ କରିବା ପାଇଁ ଏକ ସଂସ୍ଥା ଖୋଲିଲା ଏବଂ ସାରା ବିଶ୍ୱ ଭ୍ରମଣ କଲା ।

ସମୟ ଗଡ଼ି ଚାଲିଲା । ପିଲାମାନଙ୍କ ବୟସ ଏବେ ଯଥାକ୍ରମେ ଦୁଇ ଆଉ ଚାରି ବର୍ଷ ହେଇଗଲାଣି । କାବା ଏବେ ଶଯ୍ୟାଶାୟୀ ହେଇଗଲାଣି, ଡଃ କଲଙ୍କର ବି ବଦଳି ହେଇଯିବାରୁ ଏଣିକି ଆଉ ମାଗଣା ଔଷଧ ମିଳୁନି । କାବା ଏବେ ବି ଦଉଡ଼ି ବଳି ପାରନ୍ତା, ନଚେତ ବାଉଁଶ ପାତିଆ ତିଆରି କରିପାରନ୍ତା । ମାତ୍ର ତା'ର କାଶ ଏବେ ଖୁବ୍ ବେଶୀ ଖରାପ ଆଡ଼କୁ ଗତି କରୁଛି । ବେଳେବେଳେ କାଶରେ ତା'ର ରକ୍ତ ସାଂଗକୁ ଟେଳାଏ ମାଂସ ବି ବାହାରୁଛି । ସେ ଏତେ ଦୁର୍ବଳ ହେଇ ଯାଇଛି ଯେ କାଶିକାଶି ନୟାନ୍ତ ହେଇଯିବା ପରେ, ନିର୍ବେଦ ହେଇ ଶେଯ ଉପରେ ପଡ଼ି ରହୁଚି ଏବଂ କଚା ଘରର ତଳକୁ ମୁହଁ କରି ଚାହିଁ ରହୁଛି । ଯେତେବେଳେ କାଶିକାଶି ଛେପ କାଢୁଛି, ଦଳେ ପିମ୍ପୁଡ଼ି ଆସି ତା' ଛେପକୁ ବେଢ଼ି ଯାଉଛନ୍ତି । ଦିନେ ଯେତେବେଳେ କାଶିବା ପରେ ଗୁଡ଼ାଏ ମାଛି ତା' ଛେପ ଉପରେ ଆସି ବସିଲେ । ସେ ଅନୁମାନ କରିନେଲା ଯେ ତ'ର ଶେଷ ବେଳା ଆସି ପହଞ୍ଚିଗଲା । ସେ ତା' ସ୍ତ୍ରୀକୁ ଡାକିବାକୁ ଚେଷ୍ଟା କରୁଥିଲା, ମାତ୍ର ହଠାତ୍ କାଶ ଉଠିଲା ଏବଂ ପୁଳାଏ ରକ୍ତ ବାହାରି ଆସିଲା ପାଟିଦେଇ । ଅନ୍ଧୁଣୀ ପୁତ୍‌ଲୀବାଇ ଘରେ ଏକୁଟିଆ ଥିଲା । ସେ ପଡ଼ି ଉଠି ଦଉଡ଼ିକି ଆସି କାବାକୁ ଆଉଁଶି ଦେଲା ଓ କାନ୍ଦିଲା । ତାକୁ ଲାଗୁଥିଲା ତା' ସ୍ୱାମୀ ଦେହରେ ଜୀବନ ନାହିଁ । ଧୀରେଧୀରେ ସେ ପୁଣି ତାର ସମ୍ବିତ୍ ଫେରି ପାଇଲା ଓ ନିଶ୍ୱାସ ନେଇ ତା'ର ସ୍ତ୍ରୀକୁ ସେ ବଂଚିଛି ବୋଲି ଆଶ୍ୱାସନା ଦେଲା ।

'ମତେ କିଛି ବାଉଁଶ ଆଉ ଚାକୁଟେ ଦିଅ । ମୁଁ କିଛି ପାତିଆ ତିଆରି କରିଦିଏ ।' କହୁକହୁ ତା' ମୁଣ୍ଡ ବାଳରେ ହାତ ଆଉଁଶି ଦେଲା ।

(ଗୋଟେ ମୁହୂର୍ତ୍ତ ପାଇଁ ଏଇଠି ରୁହନ୍ତୁ । ମୁନ୍‌ସୀ ପ୍ରେମଚାନ୍ଦଙ୍କ ଏକ ଶହ ପଚାଶତମ ଜୟନ୍ତୀ ଅବସରରେ ଆପଣ ବୋଧେ ଭାବୁଛନ୍ତି ଦେଢ଼ଶ' ବର୍ଷର ଏକ

Digitized by PPRACHIN, SOA

ପୁରୁଣା କଥାକୁ ମୁଁ ନୂଆ ବାଗରେ କହିବାକୁ ଚେଷ୍ଟା କରୁଛି ସମସାମୟିକ ଗଳ୍ପ ଶୈଳୀରେ । ମାତ୍ର ୯/୧୧ ଘଟଣାର ପରବର୍ତ୍ତୀ କାଳରେ ହିଁ ମୁଁ ଏ ଆଦିମ ଜୀବନ ଯାପନ, ଏହାର ଶୈଳୀ ଓ ଭାଷା ସଂପର୍କରେ କହୁଚି । ଯେତେବେଳେ ଏସିଆର ଦୁଇ ସାର୍ବଭୌମ ରାଷ୍ଟ୍ର ଧୂଳି ମାଟିରେ ମିଶିଯିବାର ପ୍ରତିରୋଧରେ ଦୁଇ ବିଶ୍ୱ ବାଣିଜ୍ୟ ଅଟ୍ଟାଳିକାକୁ ଭୂତଳଶାୟୀ କରାଯାଇଥିଲା । ଏ ଘଟଣାର ବର୍ଣ୍ଣନା ଏମିତି ଏକ ସମୟରେ କରାଯାଇଛି ଯେତେବେଳେ ଆମେରିକା ଓ ଇଉରୋପବାସୀଙ୍କ ବ୍ୟତୀତ ଯିଏ ମଥାନତ କରି ଈଶ୍ୱରଙ୍କୁ ପ୍ରାର୍ଥନା କରିଛି, ତାକୁ ଫାସିଷ୍ଟ, ଆତଙ୍କବାଦୀ ଓ ସାଂପ୍ରଦାୟିକ ବୋଲି ଆଖ୍ୟାୟିତ କରାଯାଇଛି । ଶିକ୍ଷାନୁଷ୍ଠାନ, ସରକାର ଏବଂ ସୈନିକମାନେ ପ୍ରତିଦିନ ନିରୀହ ଲୋକଙ୍କୁ ତେଲ, ଗ୍ୟାସ, ପାଣି, ବଜାର, ଲାଭ ଓ ଲୁଟତରାଜ ପାଇଁ ହତ୍ୟାକରି ଚାଲିଛନ୍ତି ସାରା ପୃଥିବୀରେ ।

ଏ କାହାଣୀ ଆମ ସମୟରେ କୁହାଯାଇଛି ଯେତେବେଳେ କ୍ଷମତାରେ ଥିବା ପ୍ରତିଟି ଶକ୍ତିଶାଳୀ ବ୍ୟକ୍ତିତ୍ୱ ଅନ୍ୟ ଜଣେ କ୍ଷମତାଶାଳୀର ଅବିକଳ ନକଲ ସଦୃଶ ଦେଖା ଯାଉଛନ୍ତି । ଯଦି ସେମାନଙ୍କୁ ଖୁବ୍ ନିକଟରୁ ଦେଖାଯାଏ ଏମିତି ଲାଗିବ, ସାରା ପୃଥିବୀ ଲୋକେ ଗୋଟିଏ ପ୍ରକାର ବସ୍ତୁର ଗ୍ରାହକ । ଏକା ପ୍ରକାର ଖାଦ୍ୟ ଖାଉଛନ୍ତି, ପାଣି ପିଉଛନ୍ତି, ଗୋଟିଏ ପ୍ରକାର ତିଆରି ଗାଡ଼ିରେ ଯାଉଛନ୍ତି, ଗୋଟିଏ ବ୍ୟାଙ୍କରେ ଆକାଉଣ୍ଟ ଖୋଲୁଛନ୍ତି, ଗୋଟିଏ ପ୍ରକାରର ଏଟିଏମ୍ କାର୍ଡ଼ ଓ କ୍ରେଡ଼ିଟ୍ କାର୍ଡ଼ ପକେଟରେ ରଖିବା ସହ ଏକ ପ୍ରକାରର ମୋବାଇଲ୍ ଫୋନ୍ ଧରି ଚାଲିଛନ୍ତି, ଗୋଟିଏ ପ୍ରକାରର ମଦ୍ୟ ପାନ କରିବା ସହ, ଦୈନିକ ଖବରକାଗଜର ପ୍ରଥମ ପୃଷ୍ଠାରୁ ତୃତୀୟ ପୃଷ୍ଠାଯାଏଁ ପଢୁଛନ୍ତି ଏବଂ ସେଇ ଏକା ପ୍ରକାରର ଟେଲିଭିଜନରୁ ସତୁରୀଟା ଚାନେଲ୍ ଦେଖୁଛନ୍ତି । ଏମିତିକି ସେମାନଙ୍କ ଚାଲାକିପଣ, ନିର୍ଲଜତା ଏବଂ ଲଂଗଳାପଣ ସବୁ ଏକାପରି । ସେମାନେ ଗୋଟାଏ ପ୍ରକାରର ଭାଷା କହୁଛନ୍ତି ଏବଂ ସେମାନଙ୍କ ଚମଡ଼ାର ରଂଗ ମଧ୍ୟ ଗୋଟିଏ ।

ଯା ଭିତରେ ମୋହନ ଦାସର ଜିନ୍ ପ୍ୟାଣ୍ଟରୁ ରଂଗ ଛାଡ଼ିଲାଣି ଏବଂ ଫାଟି ଯାଇଥିବା ସାର୍ଟରେ ଠାଏଠାଏ କସ୍ତୁରୀ ତାଳି ପକାଇ ସିଲାଇ କରି ସାରିଲାଣି । କାବା ଦାସ ଦିନ ରାତି ଶେଯରେ ଶୋଇଶୋଇ କାଶୁଛି ଅହରହ, ଖଙ୍କାର କାଢୁଛି ଟିକେ ଆରାମ ପାଇଁ । ପୁତ୍‌ଲୀବାଇର ଆଣ୍ଠୁବାତ ଯୋଗୁଁ ନଇଁନଇଁ ଚାଲୁଛି । କିନ୍ତୁ ଯେତେବେଳେ ନାତି ନାତୁଣୀମାନେ ତାଙ୍କ ପାଖରେ ରୁହନ୍ତି, ସେମାନଙ୍କ ଜୀବନରେ ହସ ଖୁସିର ଫୁଆରା ଖୋଲିଯାଏ ।

Digitized by PPRACHIN, SOA

ସେଦିନ ମୋହନ ଦାସ ଓ କସ୍ତୁରୀ ଅଗଣାରେ ବସି ମସିଣା ଓ ପାଛିଆ ବୁଣୁଥିଲେ। ସେମାନେ ବଜାରର ମୋହନଲାଲ ମାରଓ୍ୱାଡ଼ିର ହସ୍ତଶିଳ୍ପ ଦୋକାନ ପାଇଁ ବହୁତ ବଡ଼ ବରାଦ ପାଇଥିଲେ ଏବଂ ତିନି ମାସ ଯାଏ ଟିକିଏ ବି ଫୁରସତ୍ ନଥିଲା। କାବା ଓ ପୁତ୍‌ଲୀ ପିଲାଙ୍କ ଯତ୍ନ ନେଉଥିଲେ। ଅନେକ ସମୟରେ କାବା ଶେଯରୁ ଉଠି ଯାଇ ବାଉଁଶ ପାତିଆ ତିଆରି କରିବାକୁ ବସି ପଡୁଥିଲା, ଯେପର୍ଯ୍ୟନ୍ତ କାଶ ଉଠି ସେ ନୟାନ୍ତ ହେଇଯାଉନଥିଲା। ପାଛିଆ ବୁଣିଲା ବେଳେ କସ୍ତୁରୀର ହାତ ଆଙ୍ଗୁଳି ପବନ ବେଗରେ କାମ କରୁଥିଲା।

ହଠାତ୍ କବାଟରେ କେହି ଠକ୍‌ଠକ୍ କଲା । ମୋହନ ଦାସର ଶଳା ଗୋପାଳ ଦାସ କାନ୍ଥକୁ ତା'ର ସାଇକେଲ୍ ଆଉଜାଇ ଦେଇ ଘର ଭିତରକୁ ପଶିଲା । ଗୋଟେ କାଠ ଆଉ ଫର୍ଣ୍ଣିଚର ଦୋକାନରେ ସେ କାଠ କାଟେ କରତରେ । ବେଳେବେଳେ ଏ କାମ ପାଇଁ ଘରକୁ କେହି ଡାକିଲେ ମଧ୍ୟ ଯାଏ ।

କସ୍ତୁରୀ ବହୁତ ଖୁସି ଥିଲା, କାରଣ ଅନେକଦିନ ପରେ କେହି ଜଣେ ତା' ବାପ ଘରୁ ତାକୁ ଦେଖିବାକୁ ଆସିଥିଲା । ପାଟିକୁ ପୁଳାଏ ଧୂଆଁ ପତ୍ର ନେବାପରେ ଗୋପାଳ ଦାସ କହିଲା ଯେ ସେ ତିନି ଦିନ ତଳେ ଓରିଏଣ୍ଟାଲ୍ କୋଲ୍ ମାଇନ୍‌ସକୁ ଯାଇଥିଲା । ସେଠି ସେ ଖବର ପାଇଲା ଯେ ବିଛିଆଟୋଲାର ବିଷନାଥ ସେଠି ଡିପୋ ସୁପରଭାଇଜର ଭାବେ ଚାରିବର୍ଷ ହେଲା କାମ କରୁଛି ଏବଂ ମୋହନ ଦାସ ନାଁରେ ଚାରିବର୍ଷ ହେଲା ଦସ୍ତଖତ କରି ମାସକୁ ଦଶ ହଜାରରୁ ଅଧିକ ଟଙ୍କା ଦରମା ନେଉଛି । ତା'ର ବାପା ନଗେନ୍ଦ୍ର ନାଥ ସେଠାରେ ଥିବା ବାବୁମାନଙ୍କୁ ହାତକରି ନିଜର ଅଯୋଗ୍ୟ ପୁଅ ପାଇଁ ମୋହନ ଦାସର ପ୍ରମାଣପତ୍ର ଓ ମାର୍କସିଟ୍ ସହିତ ତା'ର ଫଟୋ ନଥିବାରୁ ସେଠି ନିଜ ଫଟୋ ଲଗେଇ, କୋର୍ଟରେ ସତ୍ୟପାଠ ଦାଖଲ କରି, ଗେଜେଟେଡ୍ ଅଫିସରଙ୍କ ପାଖରୁ ପ୍ରମାଣପତ୍ର ବି ନେଇ ଆସିଛି । ସେ ହେଇ ଯାଇଛି କାବା ଦାସଙ୍କ ପୁଅ ମୋହନ ଦାସ, ଜାତି କବୀରପନ୍ଥୀ ବିଶ୍ୱକର୍ମା ଓ ଓରିଏଣ୍ଟାଲ୍ କୋଲ୍ ମାଇନ୍‌ସର କର୍ମଚାରୀ ।

କ୍ୟାଣ୍ଟିନ୍‌ରେ ବସି ସେ ଚା' ପିଉଥିବାର ଗୋପାଳ ଦାସ ତା'କୁ ଦେଖିଛି । ତା' ଛାତି ପକେଟ୍‌ରେ ଝୁଲୁଥିବା ପରିଚୟ ପତ୍ରରେ ତା' ଫଟୋ ତଳେ ମୋହନ ଦାସ ଲେଖା ହେଇଥିବା ସେ ନିଜେ ପଢ଼ିଛି । ଏବଂ ତା' ପାଖରେ ଥିବା ଲୋକମାନେ ତାକୁ ମୋହନ ଦାସ ବୋଲି ସମ୍ବୋଧନ କରି ଡାକୁଥିବାର ସେ ନିଜେ ଶୁଣିଛି ।

Digitized by PPRACHIN, SOA

ଅନ୍ତତଃ ଚାରିବର୍ଷ ଆଗରୁ ସେ ନିଜ ଗାଁରୁ ଯାଇ ଲେନିନ୍ ନଗରସ୍ଥିତ କୋଲିୟାରୀର ଶ୍ରମିକ ବସ୍ତିରେ ରହୁଛନ୍ତି । ଯେଉଁଠି ତା' ସ୍ତ୍ରୀ ଅନ୍ୟମାନଙ୍କୁ ସୁଧରେ ଟଙ୍କା ଲଗାଏ ଓ ଏକ ଚିଟ୍‌ଫଣ୍ଡ ଚଳାଏ । ସେଠାରେ ସମସ୍ତେ ତା'କୁ ମୋହନ ଦାସ ଏବଂ ତା' ସ୍ତ୍ରୀ ଅମିତାକୁ କସ୍ତୁରୀ ଭାବେ ଚିହ୍ନନ୍ତି । ମୋହନ ଦାସ ପରି ସେ ଗ୍ରାଜୁଏଟ୍ ନଥିଲା । ସେ ଦଶମଶ୍ରେଣୀ ପଢୁଥିଲାବେଳେ ସ୍କୁଲରୁ ବହିଷ୍କୃତ ହୋଇଥିଲା । ଅଫିସର୍‌ମାନଙ୍କ ଚାମଚାଗିରି କରିବା, କୋଇଲା ଚୋରି କରିବା ଏବଂ ଶ୍ରମିକ ଆନ୍ଦୋଳନକୁ ତେଜିବା ଥିଲା ତା'ର କାମ ।

ମୋହନ ଦାସର ମୁଣ୍ଡ ଚକ୍‌କର ଖାଇଗଲା । ଏକଥା କ'ଣ ସତ ହେଇପାରେ ? ଚାରିବର୍ଷ ଧରି ଖୋଲାଖୋଲି ଜନସାଧାରଣଙ୍କ ପାଖରେ ଜଣେ ଲୋକ କେମିତି ଆଉ ଜଣେ ହେଇପାରିବ ? ତେବେ ତା'ର ଅସହାୟ ଜୀବନ ତଥା ନିଜ ବାପାଙ୍କଠୁ ଶୁଣିଥିବା କଥାମାନ ତା' ମନ ଭିତରେ ବିଶ୍ୱାସ ଆଣି ଦେଇଛି ଯେ ଧନୀ, ଅମଲାତନ୍ତ୍ରୀ ଏବଂ ରାଜନୀତିକ ଗୋଷ୍ଠୀର ଲୋକେ ଏତେ ଶକ୍ତିଶାଳୀ ଯେ ସେମାନେ ଯାହା ଇଚ୍ଛା କରିପାରିବେ । ସେମାନେ ଗୋଟେ କୁକୁରକୁ ବଳଦ, ଘୁଷୁରୀକୁ ବାଘ, ଗିରି ଗହ୍ୱରକୁ ପାହାଡ଼, ଆଉ ଗୋଟେ ଚୋରକୁ ସୁଧ ଲଗାଣକାରୀ ଭାବେ ବଦଳାଇ ଦେଇପାରିବେ ।

ସେଦିନ ମସିଣା ବୁଣୁଥିବାବେଳେ ତା' ହାତ ବନ୍ଦହେଇ ଯାଉଥିଲା ଏବଂ ସେ ଭାବନାରେ ବୁଡି ରହୁଥିଲା । ଥରେ ସେ ଚାକୁରେ ହାତ ବି କାଟି ଦେଲା । କସ୍ତୁରୀ ଏକଥା ଦେଖି ଜାଣିପାରିଲା ଯେ ତା' ମୁଣ୍ଡ ଠିକ୍ ନାହିଁ । ସେ କହିଲା 'ଆଜି ବହୁତ ଗରମ ପଡ଼ିଛି, ଟିକିଏ ଶୋଇ ପଡୁନ ?' ସେ ଦିନ ରାତିରେ ସେ ଆଦୌ ଶୋଇ ପାରିଲାନି ଏବଂ ସକାଳ ସାତଟାରେ କୋଲିୟାରୀ ଆଡ଼େ ଯାଉଥିବା ବସ୍‌ରେ ଚଢ଼ିଗଲା । ସେଠି ସେ କାହାକୁ ଚିହ୍ନି ନଥିଲା । ତେଣୁ ଯେଉଁ ମୋହନ ଦାସ ଏମ୍.ଜି. କଲେଜରୁ ପ୍ରଥମ ଶ୍ରେଣୀରେ ବି.ଏ. ପାଶ୍ କରିଥିଲା ଏବଂ ଯାହାର ଫଟୋ ବି ଖବର କାଗଜରେ ବାହାରିଥିଲା, ତାକୁ ପ୍ରକୃତ ମୋହନ ଦାସ ବୋଲି କେହି ଗ୍ରହଣ କରିବେ ନାହିଁ । ପ୍ରକୃତରେ ତା' ପାଖରେ ଖବରକାଗଜ ମାନଙ୍କରେ ବାହାରିଥିବା ଫଟୋର ନକଲ ମଧ୍ୟ ନାହିଁ, ଯାହାକୁ ଦେଖାଇ ସେ କହିପାରିବ: ଏଇ ଦେଖ, ମୁଁ ହଉଚି ପ୍ରକୃତ ମୋହନ ଦାସ, କାବା ଦାସଙ୍କ ପୁଅ, ପୁରବନାରାରେ ମୋର ଘର, ମଧ୍ୟ ପ୍ରଦେଶର ଅନୁପୁର ଜିଲ୍ଲାରେ । ମୋ' ମୁହଁ ସହ ଏ ଫଟୋକୁ ମିଳାଅ । ମୁଁ ହଉଚି ପ୍ରକୃତ ମୋହନ ଦାସ ।

Digitized by PPRACHIN, SOA

ତାକୁ କୋଲିୟାରୀ ଫାଟକ ପାଖରୁ ଫେରାଇ ଦିଆଗଲା । ସେ ପିନ୍ଧିଥିବା ବ୍ଲୁ ଜିନ୍ ପ୍ୟାଣ୍ଟ ଆଣ୍ଠୁ ପାଖରୁ ଛିଣ୍ଡି ଯାଇଥିଲା । ହେଲେ ନିଜ ପୁରୁଣା ନେଳିଆ ବ୍ଲାଉଜରୁ ଚିରି ତାଳି ପକାଇ ସିଲାଇ କରିଥିଲା କସ୍ତୁରୀ । ସୂର୍ଯ୍ୟ, ଗରମ, ଥଣ୍ଡା, କଠିନ ପରିଶ୍ରମ ଓ ବର୍ଷ ବର୍ଷର ଅଭାବ ତା'ର ଶରୀରର ଚମଡ଼ାକୁ କାଳି ଓ ତମ୍ବାର ଏକ ମିଶ୍ରିତ ରଂଗରେ ପରିଣତ କରି ଦେଇଥିଲେ । ଦୁଃଖ ଆଉ ଦୁର୍ଦ୍ଦିନ ତା' ମୁହଁକୁ ଏପରି କରିଦେଇଥିଲେ ଯେ ତିରିଶ ବର୍ଷ ବୟସରେ ବି ସେ ପଚାଶ ବର୍ଷର ବୁଢ଼ା ପରି ଦେଖାଯାଉଥିଲା ।

ମୋହନ ଦାସ ଠିକ୍ ସେଇ ଝରକା ପାଖରେ ଯାଇ ଠିଆ ହେଲା, ଯେଉଁଠି ଠିକ୍ ଚାରିବର୍ଷ ତଳେ ସେ ତା'ର ସମସ୍ତ ସାର୍ଟିଫିକେଟ ଓ ପ୍ରମାଣପତ୍ର ଦାଖଲ କରିଥିଲା ଏବଂ ବଡ଼ବାବୁ ତାକୁ ଆଶ୍ୱାସନା ଦେଇଥିଲେ ଯେ ତା' ନାଁ କେବେ ବି କଟି ପାରିବନି । କାରଣ ନିଯୁକ୍ତି ତାଲିକାରେ ତା' ନାଁ ପ୍ରଥମରେ ହିଁ ଥିଲା । ଏବେ ବି ସେ ବାବୁ ସେଇ ଜାଗାରେ ବସୁଥିଲେ । ସେ ବାବୁଙ୍କ ପାଖରେ ଏବେ ଗୋଟାଏ ବଡ଼ ଟେବୁଲ୍, ଚେୟାର ଆଉ ଏୟାର କଣ୍ଡିସନର ଲଗାଯାଇଛି । ବିସ୍କୁଟ ସହ ଚା ପିଉପିଉ ଟେବୁଲ୍ ସାମ୍ନାରେ ଥିବା ଦୁଇଜଣ ଲୋକଙ୍କ ସହ ସେ କଥାରେ ମଜ୍ଜିଛନ୍ତି ଏବେ । ବଡ଼ବାବୁ ତା' ଆଡ଼କୁ ଆଖି ପକେଇଲେ । ମୋହନ ଦାସ ତାଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ିଲା ଏବଂ ସମ୍ମାନର ସହିତ ସ୍ମିତ ହସଟିଏ ଓଠରେ ଖେଳାଇଲା । ତା'ର ଧାରଣା ଥିଲା, ବଡ଼ବାବୁ ତାକୁ ଚିହ୍ନିପାରିବେ । ମାତ୍ର ବଡ଼ବାବୁ ହଠାତ୍ ଚିହିଁକି ଉଠିଲେ । ସେ ବାରମ୍ବାର ତାଙ୍କୁ ନମସ୍କାର କଲା ଏବଂ କହିଲା: ମୁଁ ଆଜ୍ଞା, ମୁଁ... ମୋହନ ଦାସ...।'

ମାତ୍ର ସେତେବେଳକୁ ବାବୁ କଲିଂ ବେଲ୍‌ର ବୋତାମ ଟିପି ସାରିଥିଲେ । ଅତି ଉଚ୍ଚ ସ୍ୱରରେ ସେଟା ଶବ୍ଦ କଲା ଓ ଜଣେ ପିଅନ ଦୌଡ଼ିଦୌଡ଼ି ଆସିଲା। ବାବୁ ତାକୁ ଭର୍ତ୍ସନା କଲେ ଓ ପିଅନଟି ସଂଗେସଂଗେ ଝରକାର ପରଦା ଢାଂକି ଦେଲା । ସେ ମୋହନ ଦାସର ଉପର ଆଉ ତଳକୁ ଚାହିଁଲା ଆଉ ପଚାରିଲା: କ'ଣ ଦରକାର ? ଯାଅ, ସେ ବାଲ୍‌କୋନି ପାଖ ବେଂଚରେ ବସ । ଭିତରକୁ କିମିତି ଆସିଲ ?

ମୋହନ ଦାସ ତାକୁ କହିବାକୁ ଚାହୁଁଥିଲା ଯେ ଚାରିବର୍ଷ ତଳେ ସେ ଗୋଟେ ଚାକିରି ପାଇଁ ଏଠି ମନୋନୀତ ହେଇଥିଲା ଏଇ ଅଫିସ୍‌ରେ । ସେ ତା'ର ପ୍ରମାଣପତ୍ର ଓ ସାର୍ଟିଫିକେଟ୍ ସବୁ ଦେଇଥିଲା ଓ ଜଣେ କେହି ତା' ଚାକିରି ଓ ତା' ନାଁ ହଡ଼ପେଇ ନେଇଛି । ମାତ୍ର ତା' ସ୍ୱର ଏତେ କ୍ଷୀଣ ଏବଂ ପିଅନର ତାକୁ ବାଲ୍‌କୋନି ଆଡ଼କୁ ଟାଣି ନେବାର ଶକ୍ତି ଏତେ ଜୋର୍ ଥିଲା ଯେ ସେ କଥା ଖୁବ୍ ବେଢ଼ଂଗିଆ ସ୍ୱରରେ

Digitized by PPRACHIN, SOA

ତା କଣ୍ଠରୁ ବାହାରୁଥିଲା । ସେ ପିଅନ କବଳରୁ ତା' ହାତ ଛିଞ୍ଚାଡ଼ି ଦେଲା ଏବଂ କହିଲା: ଭାଇ ସେ ବାବୁଙ୍କୁ ଟିକେ ଦେଖା କରିବାକୁ ଦିଅ ମତେ । ମୁଁ ମୋ' ସାର୍ଟିଫିକେଟ୍ ଆଉ ମାର୍କସିଟ୍ ଫେରାଇନେବାକୁ ଚାହେଁ ।' ପିଅନଟି ତାକୁ ବେଂଚ ପାଖକୁ ନେଇ ବସେଇଦେଇ ଫେରିଗଲା । ଏବେ ମୋହନ ଦାସ ଜାଣିପାରିଲା ଯେ ଏଇଟା ହେଉଛି ତା'ର ଶେଷ ସୁଯୋଗ । ତାକୁ ଆଉ କେବେ ବି ଏଠାକୁ ଆସିବାକୁ ଅନୁମତି ଦିଆଯିବନି । ନିଯୁକ୍ତି ଅଫିସ୍ ଭିତରେ ସେ ପିଅନଟି ଅଦୃଶ୍ୟ ହୋଇଯିବା ଆଗରୁ ମୋହନ ଦାସ ଚିଲ୍ଲେଇଲା: ହେ ହେ ବଡ଼ବାବୁଙ୍କୁ କହ ମୋହନ ଦାସ, ବି.ଏ. ଏଠି ଠିଆ ହୋଇଛି ଆଉ ୧୯୯୭ ମସିହା ଅଗଷ୍ଟ ୧୮ ତାରିଖରେ ଦାଖଲ କରିଥିବା ତା'ର ସବୁ କାଗଜପତ୍ର ଫେରାଇ ନେବାକୁ ଆସିଛି । ମଜା ପାଇଚ କି ? ଭାବୁଚ, ଗୋଟେ ଅଫିସ୍ ଆଉ ଚଉକି ପାଇଗଲେ ତୁମେ ସବୁଥିରୁ ଖସି ପଳେଇବ ? ମୋତେ ଫର୍ଦ୍ଦେ କାଗଜ ଦିଅ । ମୁଁ ସେଥିରେ ମୋ ନାଁ ଲେଖିଦେବି, ଆଉ ତାକୁ ବଡ଼ବାବୁଙ୍କୁ ଦିଅ ।

ପିଅନଟା ହଠାତ୍ ହତବାକ୍ ହେଇଗଲା । ଏ ଭିକାରୀଟାର ମୁଣ୍ଡରେ ଗୋଟେ ପାଠଶାଠ ପଢୁଆ ଲୋକର ଜିଭ ଅଛି । ସରକାରୀ ବାବୁଙ୍କ ଭଳି ଶୁଭୁଚି ତା' କଥାଗୁଡ଼ାକ ।

ସେ ମୋହନ ଦାସକୁ କଟମଟ ଚାହିଁଲା । ତା'ର ଚିରା ତଥା ତାଳିପକା ପ୍ୟାଣ୍ଟକୁ, ଲୋଚାକୋଚା ସାର୍ଟକୁ, ନୁଖୁରା ବାଳକୁ, ଚନ୍ଦାମୁଣ୍ଡକୁ, କ୍ଲାନ୍ତ ତଥା ତମ୍ଭାଳିଆ ମୁହଁକୁ, କୋରଡ଼ ଗାତରେ ରହିଥିବା ନିଷ୍ପ୍ରଭ ତଥା ଅସହାୟ ଆଖିକୁ, ସତେ ଯେମିତି ସେମାନେ ତାଙ୍କ ମାଲିକର ଧ୍ୱଂସାବଶେଷର ମୂକସାକ୍ଷୀ । ସେ ଦେଖିଲା, ତା'ର ଘୋରିଘୋରି କାଗଜ ପରି ପତଳା ହେଇଯାଇଥିବା ପାଦର ଚପଲକୁ ଏବଂ ସେଥିରେ ଲାଗିଥିବା ମାଟିକୁ ।

'ଭିକାରୀ ! ପାଗଳ ତୁ... ଜୀରଜାତକ, କୋଉ ଦଳ ନା ଅଫିସର୍ ଏଇଟାକୁ ସାହାଯ୍ୟ କରିବ ?' ନିଜକୁ ନିଜେ ଗୁଣୁଗୁଣେଇଲା ପିଅନଟି ନିଜ ଓଠକୁ ଥରେଇ । ମାତ୍ର ମୋହନ ଦାସ ଏକଦମ୍ ସତ କହିଥିଲା ଏବଂ ତା' ମନ ଭିତରେ ଏକ ପ୍ରକାରର ଆକସ୍ମିକ ସାହସ ଜନ୍ମ ନେଇଥିଲା । ସେ ବେଂଚରୁ ଉଠି ଠିଆ ହେଲା ଏବଂ ସେଇ ପିଅନ ଆଡ଼କୁ ଚାଲିଲା । ସେ କହିବାକୁ ଚାହୁଁଥିଲା ଯେ ବିଷନାଥ କେବଳ ତାକୁ ନୁହେଁ, ବରଂ ଓରିଏଣ୍ଟାଲ୍ କୋଲ୍ ମାଇନ୍ସ ସହିତ ବି ପ୍ରତାରଣା କରିଛି । ମାତ୍ର

Digitized by PPRACHIN, SOA

ଯେଉଁ ବେଗରେ ମୋହନ ଦାସ ତା' ଆଡ଼କୁ ମାଡ଼ି ଆସିଲା, ତାର ଉଗ୍ର ତଥା ଶିରାଳ ମୁହଁରେ ଯେଉଁ ଭାଗ ଉକୁଟି ଉଠିଲା, ଓ ସବୁ କଥା ଏକା ଥରକେ ଉଗାଳି ପକାଇବାର ଇଚ୍ଛାରେ ତା'ର ଓଠ ବିକୃତ ହେଇଆସିଲା, ବିଚରା ପିଅନଟି ଖୁବ୍ ଡରିଗଲା । ସେ ଚିତ୍କାର କଲା ତତ୍‌କ୍ଷଣାତ୍: ଆଉ ଆଗକୁ ନୁହେଁ, ଠିକ୍ ଅଛି ? ସେଇଠି ରୁହ, ମାଦର୍‌ଚୋଦ୍ । ମୁଁ କହୁଚି ସେଇଠି ରୁହ ।'

ହେ, ଭାଇ । ମୋ କଥା ଟିକେ ଶୁଣ ।' ତାକୁ ଶାନ୍ତ କରାଇବାକୁ ଯାଇ କହିଲା । ମାତ୍ର ସେ ଧୀରେ କହିବା ପରିବର୍ତ୍ତେ ଖୁବ୍ ତରତରରେ ଏକଥା କହିବା ଫଳରେ କଥାଟା ବିଗିଡ଼ିଗଲା ।

ପିଅନଟା ହଠାତ୍ ରାଗିଗଲା ଆଉ ଚିତ୍କାର କରି କହିଲା: ତୁ କଣ କାଲ ? ସେଇଠି ଚୁପ୍‌ଚାପ୍ ଠିଆ ହଅ, ନହେଲେ ପୂରା ଛ ଫୁଟ ତଳେ କଟାଡ଼ି ଦେବି । ଆଉ ଗୋଟେ ପାଦ ଆଗକୁ ପକାନା ।

ଚାରି ପାଂଚ ଜଣ ଅଫିସର ପାଟିତୁଣ୍ଡ ଶୁଣି ପଦାକୁ ବାହାରି ଆସିଲେ ।

'କିଏ ଇଏ ? ଏ ଭିତରକୁ କିମିତି ଆସିଲା ?'

'ସିକ୍ୟୁରିଟି ଅଫିସର ପାଣ୍ଡେକୁ ଡାକ । ସେ ସିକୁରିଟି ଗାର୍ଡ଼ ଗୁଡ଼ାକ ଦିନ ସାରା ଧୂଆଁ ପତ୍ର ଚୋବାଉଛନ୍ତି ଆଉ ଘୁମଉଛନ୍ତି ।

'ମେନ୍ ଗେଟ୍‌ରେ କିଏ ଡ୍ୟୁଟିରେ ଅଛି ? ଉପସ୍ଥାନ ଖାତା ଆଣିଲ ?'

'ଗୋଇଠା ମାରି ଏଇଟାକୁ କାଢ଼ ।'

'ସବୁ କଥାରେ ଗୋଟେ ସୀମା ଅଛି । ଯିଏ ପାଇଲା ପଶି ଆସୁଛି ଭିତରକୁ । ଚାହିଁଲେ ଗୁଳି ବି କରିଦେବ, ମାରିଦବ, ବୋମା ବି ଫୁଟେଇ ଦବ ।'

'ପୋଲିସ୍‌କୁ ଡାକ । ତୁମ ମୋବାଇଲ୍‌ରେ ୧୦୦ ନମ୍ବରକୁ ଡାଏଲ୍ କର ଶର୍ମା ।'

ମୋହନ ଦାସକୁ ଠେଲିଠେଲି ନିଆ ଗଲା । ତା' ପରେ ହେଲା ବିଧା, ଗୋଇଠାର ବର୍ଷା ।

'ମୋ କଥା ଶୁଣ । ମତେ ମାରନା ।' ନିଜ ଆଖିକୁ ରକ୍ଷା କରିବା ଉଦ୍ଦେଶ୍ୟରେ ଦୁଇ ପାପୁଲିରେ ଘୋଡ଼ାଇ ସେ କହି ଚାଲିଥାଏ ।

Digitized by PPRACHIN, SOA

କିଛି ସିକୁରିଟି ଗାର୍ଡ଼ ବି ପହଂଚି ଗଲେ । ଜଣକ ହାତରେ ଦୁଇ ନଳୀ ବିଶିଷ୍ଟ ଗୋଟେ ବନ୍ଧୁକ ଓ ଅନ୍ୟମାନଙ୍କ ହାତରେ ଥାଏ ଲାଠି । ପିଟିପିଟି ସେମାନେ ପିଠିର ଚମଡ଼ା ଉତ୍ତାରି ଦେଲେ । ସେଦିନ ରାତିରେ ସେ କଠିନା ନଦୀ କୂଳରେ ଦେଖିଥିବା ତାରାମାନେ ଯିମିତି ଆଖି ସାମ୍ନାରେ ଧୂମକେତୁ ବିସ୍ଫୋରଣ କରି ତଳକୁ ଖସି ପଡ଼ିଲେ । ତା ତଣ୍ଟିଦେଇ ଏ ବିରାଟ ଆବାଜ ବାହାରି ଆସିଲା ଯିମିତି ଘୁଷୁରୀକୁ ବାନ୍ଧିଦେଇ ତା' ଗଳା କାଟିଲାବେଳେ ଶୁଣାଯାଏ ଚିତ୍କାର । ଯେ କେହି ଶ୍ରମିକ ସେଠି ଥିଲେ ସମସ୍ତେ ସେ ଚିତ୍କାର ଶୁଣି ପାରିଲେ ।

(ଶୁଣନ୍ତୁ: ଏ କାହାଣୀଟି ସେତିକି ବେଳର ଯେତେବେଳେ ଜଣେ ବିଶିଷ୍ଟ ହିନ୍ଦୁ ସନ୍ୟାସୀ ଜଣେ ନାରୀଙ୍କୁ ତାଙ୍କ ମନ୍ଦିର ଭିତରେ ସେପରି ଆଚରଣ କରୁଥିଲେ, ଯେପରି ଆଉ ଜଣେ ମହିଳାଙ୍କ ପ୍ରତି ଆମେରିକାର ରାଷ୍ଟ୍ରପତି ହ୍ୱାଇଟ୍ ହାଉସ୍‌ରେ ଆଚରଣ କରୁଥିଲେ । ସେତିକିବେଳର, ଯେତେବେଳେ ଜଳଦସ୍ୟୁର ବଂଶଧର ଟାଇଗ୍ରିସ୍ ଓ ଇଉଫ୍ରେଟିସ୍ ଗିଲ୍ ଆମେସ୍‌ର ଘରର ଜଣେ ପିଲାକୁ ବିଳ ଭିତରୁ ଟାଣି ଆଣିଥିଲେ, ଯିଏ ନିଜ ଜୀବନ ବଂଚାଇବା ପାଇଁ ସେଠି ଲୁଚିଥିଲା ଏବଂ ତା'ର ଦାନ୍ତ ସବୁ ଗଣୁଥିଲା ।

ସେମିତି ଏକ ସମୟର ଯେତେବେଳେ ଅନୁପାତରେ ବିପରୀତ ନୀତି ଫଳରେ କାହାପାଖରେ କେବଳ କ୍ଷମତା ଥିଲା ସେତିକି ବେଶୀ ଅନିୟନ୍ତିତ ଭାବେ ଖରାପ, ବର୍ବର ତଥା ଅସାଧୁ ଥିଲା । ଏ ଆଇନ ସମସ୍ତ ରାଷ୍ଟ୍ର, ରାଜନୀତିକ ଦଳ, ଜାତି, ଧର୍ମ, ସଂପ୍ରଦାୟ ଓ ବ୍ୟକ୍ତି ବିଶେଷଙ୍କ ପ୍ରତି ପ୍ରଯୁଜ୍ୟ ଥିଲା ।)

ମୋହନ ଦାସ କୋଲିୟାରୀର ଫାଟକ ସାମ୍ନାର ରାସ୍ତା ମଝିରେ ଛିଡ଼ା ହେଲା । ତା' ମୁଣ୍ଡ ଭିତରଟା ପୁରାପୁରି ଫମ୍ପା ହେଇ ଯାଇଥିଲା । ତା' କାନ ଭିତରେ କେବଳ ନିରବତାର ଧ୍ୱନି ଗୁଂଜନ ଶୁଣା ଯାଉଥିଲା । ତା'ର ଆଦୌ ଧାରଣା ନଥିଲା ତା' ସାମ୍ନା ଦେଇ ରାସ୍ତାରେ ଟ୍ରକ,ଭ୍ୟାନ୍, ତିନିଚକିଆ ଗାଡ଼ି କାର୍‌ମାନ ଯାଉଥିଲେ । ଯାହାକି ତା' ଜୀବନ ବଂଚାଇବା ପାଇଁ ସେମାନେ ବାରମ୍ବାର ହର୍ଣ୍ଣ ବଜାଉଥିଲେ ।

ତା' ପାଖରେ ଏବେ ବି ସେଇ ମନିପର୍ସଟି ଥିଲା ଯାହାକୁ ସେ ଚାକିରି ପାଇବାର ଆଶ୍ୱାସନା ପରେ ତିରିଶ ଟଙ୍କା ଦେଇ କିଣିଥିଲା । ଏବେ ତା' ପରିଶ୍ରମର ଫଳ ସ୍ୱରୂପ ସେଥିରେ ଶହେ ସତୁରୀ ଟଙ୍କା ଅଛି । ସେଇଟା ତା' ପକେଟରେ ଅଛି ବୋଲି ସେ ଜାଣିଲା ପରେ ଟିକେ ଆଶ୍ୱସ୍ତ ହେଲା । ସେ ଏଥର ଜାଣିପାରିଲା ଯେ

Digitized by PPRACHIN, SOA

ସୂର୍ଯ୍ୟଙ୍କ ନିଷ୍ଠୁର ଉତ୍ତାପ ଏବେ ବଢ଼ି ଯାଇଛି । ସେ ତରବର ହେଇ ରାସ୍ତାର ଗୋଟେ କଡ଼କୁ ଚାଲିଗଲା ଓ ତା'ର ମନେହେଲା ଯେ ତାକୁ ଏବେ ଭୋକ ଲାଗୁଛି ।

ଢ଼ାବାରେ ଖାଇବା ପରେ, ସେ ଖବର ନେଲା ଯେ ଗାଁକୁ ଯିବା ପାଇଁ ସେଠାରୁ ସନ୍ଧ୍ୟାବେଳେ ବସ୍ ଅଛି । ଏବେ ଦିନ ଗୋଟାଏ ବାଜିଛି । ସେ ଲେନିନ୍ କଲୋନୀରେ ଟିକେ ବୁଲି ଆସିବା ପାଇଁ ଭାବିଲା, ହେଇପାରେ ତା' ସ୍କୁଲ୍ କିମ୍ବା କଲେଜ ପଢ଼ା ସମୟର କେହି ଭେଟ ହେଇଯିବ ।

ଏକ ପ୍ରକାରର କୋଠାରେ ଭର୍ତ୍ତି ହୋଇଥିଲା କଲୋନୀଟି । ଘର ଭିତରେ କେବଳ ସ୍ତ୍ରୀ ଲୋକମାନେ ରହୁଥିଲେ, ପୁରୁଷମାନେ ନିଜନିଜ ବେଉସା ପାଇଁ ବାହାରକୁ ଯାଇଥିଲେ । ସ୍କୁଲ୍ ବସଟେ ହଠାତ୍ ତାକୁ ପାରିହେଇ ଆଗରେ ଅଟକିଗଲା ଏବଂ କେତେକ ସ୍କୁଲପିଲା ସେଥିରୁ ଓହ୍ଲାଇଲେ । ମୁଁ ବି ପରିବାର ସହ ଏଇ କଲୋନୀରେ ରହୁଥାନ୍ତି ଯଦି ମୋତେ ଠକି ନଥାନ୍ତେ – ମୋହନ ଦାସ ଭାବିଲା ମନେମନେ – ମୁଁ ବି ମାସକୁ ମାସ ଦରମା ପାଉଥାନ୍ତି । ଦେବଦାସ ଆଉ ଶାରଦା ୟୁନିଫର୍ମ, ଜୋତାମୋଜା ପିନ୍ଧି ସ୍କୁଲକୁ ଯାଉଥାନ୍ତେ ଓ ଏଇ ବସ୍‌ରେ ଆସିଥାନ୍ତେ । ମଜା କଥା ହେଉଛି, ବିଷନାଥର ଘର ଖୋଜୁଖୋଜୁ ସେ ନିଜ ବିଷୟରେ ଜଣକୁ ପଚାରିଲା 'ମୋହନ ଦାସର କ୍ୱାର୍ଟର କେଉଁଠି ଆଜ୍ଞା ?'

ପାଇଗଲା ବି ସେ । ଘର ସାମ୍ନା ଦ୍ୱାରରେ ଏକ ନାମଫଳକ ଝୁଲୁଥିଲା: ମୋହନ ଦାସ ବିଶ୍ୱକର୍ମା, ଜୁନିୟର ଡିପୋ ସୁପରଭାଇଜର, ଓରିଏଣ୍ଟାଲ୍ କୋଲ୍ ମାଇନ୍‌ସ । ସେ ଟିକେ ନିରେଖି ଦେଖିଲା ସେ ଲେଖାକୁ ଏବଂ କଲିଂବେଲର ବୋତାମ ଟିପିଲା । ହଠାତ୍ ଚମକି ପଡ଼ିଲା ସେ । କାରଣ ଅଫିସ୍‌ରେ ବଡ଼ବାବୁ କଲିଂବେଲ ବଜାଇବା ପରେ ତାକୁ ଯେଉଁପରି ମାଡ଼ ହେଇଥିଲା, ଅବିକଳ ସେଇ ସ୍ୱର ସେ କଲିଂବେଲରୁ ବାହାରୁଥିଲା ।

ପାଖାପାଖି ପନ୍ଦର ବର୍ଷର ପିଲାଟିଏ କବାଟ ଖୋଲିଲା ଆଉ ବିନା ପଚରାରେ କହିବାକୁ ଲାଗିଲା 'ବାବୁ ଏବେ ଘରୁ ଗଲେ, ବଜାରରେ ସରବତ୍ ପିଉଥିବେ ନିଶ୍ଚୟ ।'

'ଗୋଟେ ଗ୍ଲାସ୍ ପାଣି ଦେଇପାରିବ ?' ମୋହନ ଦାସ କହିଲା । ତା'ର ତଣ୍ଟି ଶୁଖି ଅଠାଳିଆ ହେଇଯାଇଥିଲା । ଝାଞ୍ଜି ପବନ ବି ବହୁଥିଲା । ତା' ଗାଲରେ ଠାଏ ଠାଏ ଆଞ୍ଚୁଡ଼ା ଦାଗ ପଡ଼ିଯାଇଥିଲା । ମାଡ଼ ଖାଇ ତା' କହୁଣୀ ଆଉ ପିଠି ବି

Digitized by PPRACHIN, SOA

ଖଣ୍ଡିଆ ହେଇ ଯାଇଥିଲା ଏବଂ ସେଠି ଝାଳର ଲୁଣି ଲାଗି ଜଳାପୋଡ଼ା ଆରମ୍ଭ ହେଇଯାଇଥିଲା । ପିଲାଟା ତାକୁ ବଲବଲ ହେଇ ଚାହିଁଲା । ରୁହ, ଏତିକି କହି ଭିତରକୁ ଚାଲିଗଲା ।

ମୋହନ ଦାସ ଲାଗ୍‌ଲାଗ୍ ଫ୍ରିଜ୍‌ର ତିନି ଗ୍ଲାସ ଥଣ୍ଡା ପାଣିକୁ ଏକା ଲହସରେ ପିଇଦେଲା । ତା' ଦିହରେ ଟିକେ ଜୀବନ ପଶିଲା ଓ ସେ ଟିକେ ଶାନ୍ତ ପଡ଼ିଗଲା । ସେ ଦେଖିଲା ପିଲାଟା ତା' ଆଡ଼େ ଖୁବ୍ ଦୟାଶୀଳ ହେଇ ଚାହିଁ ରହିଛି ।

'ଆଉ କିଏ ଘରେ ଅଛନ୍ତି ?' ସେ ପଚାରିଲା ।

'କେବଳ କସ୍ତୁରୀ ମାଡାମ୍‌କୁ ଛାଡ଼ିଦେଲେ ଆଉ କେହି ନାହାନ୍ତି, ସେ ଏବେ ଶୋଇଛନ୍ତି । ପାଂଚଟା ପରେ ଆସ ।' ପିଲାଟା ଘର ଭିତରକୁ ଚାଲିଗଲା ।

'ଯେତେବେଳେ ତମ ବାବୁ ଫେରିବେ, କହିବ ପୁର୍‌ବନାରାର ମୋହନ ଦାସ ଏଠିକୁ ଆସିଥିଲା । ମୁଁ ପୁଣି ସନ୍ଧ୍ୟାରେ ଫେରିବି ।'

ପିଲାଟା ଯାଉଯାଉ ଅଟକି ଗଲା । 'କଣ କହିଲ ? କିଏ ଆସିଥିଲା ?'

'ମୋହନ ଦାସ' ବେଶ୍ ବଡ଼ ପାଟିରେ ସେ କହିଲା । ଆଉ ବାହାରି ଚାଲିଗଲା ଗଳିକୁ । ମେ' ମାସର ଖରାରେ ରାସ୍ତାର ପିଚୁ ତରଳିବାରେ ଲାଗିଥାଏ । ଲେନିନ୍ ନଗରର ବଜାରଟି ଦେଖିବାକୁ ଛୋଟ, ହେଲେ ଆଧୁନିକ ଜଣାପଡୁଥିଲା । ଏଠି ଥିଲା କିଛି ଡିପାର୍ଟମେଣ୍ଟାଲ୍ ଷ୍ଟୋର, ତେଜରାତି ଦୋକାନ, ଦୋସା, ଇଡ୍‌ଲି ତିଆରି କରୁଥିବା ଦୋକାନ, ତନ୍ଦୁରୀ, ଡାଲ ମଖନି, ବଟର ଚିକେନ୍, କଡ଼ାଇ ପନିର ଓ ଆଲୁ ପରଟା ତିଆରି କରୁଥିବା ଦୁଇଟା ହୋଟେଲ୍ । ଗୋଟେ ଦେଶୀ ଓ ଥଣ୍ଡା ବିଅର୍ ବିଜ୍ଞାପନ ଥିବା ଆଉ ଗୋଟେ ବିଦେଶୀ ମଦ ଦୋକାନ, ପ୍ଲାଷ୍ଟିକ୍ ଜିନିଷ ବିକ୍ରି କରୁଥିବା ଦୋକାନ, ଇଲେକ୍ଟ୍ରିକ୍ ଓ ଇଲୋକ୍ଟ୍ରୋନିକ୍ ଦୋକାନ, ଗଂଜି ଓ ଚଡ଼ି ପରିହିତ ମଣିଷମାନଙ୍କ ମୂର୍ତ୍ତି ରଖାଯାଇଥିବା ଲୁଗା ଦୋକାନ ।

ଜଳଖିଆ ଦୋକାନ ସାମ୍ନାରେ ଗୋଟେ ଟାଟାସୁମୋ ପୁଲିସ ଗାଡ଼ି ଠିଆ ହେଇଥିଲା । ମୋହନ ଦାସ ଦେଖିଲା, ବାପାର ପ୍ରଭାବରେ ଚାକିରି କରିଥିବା ତା' ଗାଁର ପଣ୍ଡିତ ଛତ୍ରଧର ତିୱାରୀର ପୁଅ ବିଜୟ ତିୱାରୀ, ସେ ଗାଡ଼ିରେ ବସି ଲସି ପିଉଛି । ପାଖରେ ତା'ର କିଛି ପୁଲିସ୍ ଲୋକ ବି ଅଛନ୍ତି ।

ସେଠି ବିଷନାଥ ବି ଥିଲା ।

Digitized by PPRACHIN, SOA

ଖୁବ୍ ବଡ଼ ପାଟି କରି ହସୁଥିଲା ସେ । ହସିହସି ସେ ତା' ଗ୍ଲାସ୍ ଖାଲି କରି ପୋଲିସ୍ ଗାଡ଼ି ଆଡ଼କୁ ଯାଉଥିବା ସମୟରେ ମୋହନ ଦାସ ଉପରେ ତା' ଆଖି ପଡ଼ିଲା । ମଳିନ ପଡ଼ିଗଲା ସେ । ଓଠରେ ଲାଖିଥିବା ହସ ସଂଗେସଂଗେ ମଉଳି ଗଲା । ଖାକି ପୋଷାକ ପିନ୍ଧି ଡ୍ରାଇଭର ସିଟ୍‌ରେ ବସିଥିବା ବିଜୟ ତିୱାରୀ ବିଷନାଥର ମୁହଁର ଭାବକୁ ପଢ଼ିନେଲା । ପନ୍ଦର ଗଜ ଦୂରରେ ଗୋଟେ ଅଳିଆଗଦା ମାଟି ଉପରେ ଠିଆ ହେଇଥିବା ଗୋଟେ ବିଦ୍ୟୁତ୍ ଖମ୍ବ ପାଖରେ ଠିଆ ହେଇଥିଲା ମୋହନ । ତା' ଦେହକୁ ଛୁଇଁ ଯାଉଥିଲା ଝାଞ୍ଜି ପବନ । ଗୁରୁ ଗମ୍ଭୀର ନୀରବତା ବିଛେଇ ଯାଇଥିଲା ସେଠି ।

ବିଷନାଥ ଗାଡ଼ି ଭିତରକୁ ପଶିଗଲା । ବିଜୟ ତିୱାରୀ ଗାଡ଼ିର ଚାବି ମୋଡ଼ିଲା ଏବଂ ମୋହନ ଦାସ ଆଡ଼କୁ ମାଡ଼ିଗଲା । ଭୟରେ ମୋହନ ଦାସ ବିଦ୍ୟୁତ୍ ଖମ୍ବ ଆଡ଼କୁ ଘୁଂଚିଗଲା । ଗାଡ଼ିର ବ୍ରେକ୍ କସିଲା ତିୱାରୀ । ଆଉ ମୋହନ ଦାସର ଇଂଚେ ଦୂରରେ ଗାଡ଼ି ଠିଆ ହୋଇଗଲା ।

'ଏଠିକୁ ଆସ' ତିୱାରୀ କହିଲା ।

ସାତ ଆଠ ବର୍ଷ ତଳେ ବିଜୟ ତିୱାରୀ ତା ସହିତ ଇଲେଜରେ ପଢୁଥିଲା । ସାଂଗ ହୋଇ ପ୍ରତିଦିନ ସେମାନେ କଲେଜରେ କ୍ଲାସ୍‌କୁ ଯାଉଥିଲେ । ତା' ଦ୍ୱାରା ପାଠ ଆଦୌ ହେଉନଥିଲା ଏବଂ ତା' ବାପା ତାକୁ ସବୁବେଳେ ମୋହନ ଦାସର ଉଦାହରଣ ଦେଉଥିଲେ । ଏବେ ସେଇ ବିଜୟ ତିୱାରୀ ଗୋଟେ ଲାଉଡ ସ୍ପିକର ଏବଂ ବିଜୟ ତିୱାରୀ ତା' ଆଡ଼େ ଜଳ ଜଳ ହେଇ ଚାହିଁ ରହିଛି । ପ୍ରକୃତରେ ସେ ତାକୁ ଘୃଣା ଆଉ ଇର୍ଷାରେ ଚାହିଁ ରହିଛି । ଏଇଥିପାଇଁ ଯେ ମୋହନ ଦାସ ଗୋଟେ ଗରିବ ଆଉ ନୀଚ ଜାତିର ଲୋକ ? ନା' ତା' ପାଖରେ ଚାକିରି ନାହିଁ ଆଉ ସେ ହାଡ଼ଭଂଗା ପରିଶ୍ରମ କରି ତା' ପରିବାର ପୋଷୁଛି ? ନା' ଏମାନେ ତାକୁ ତା'ର ପ୍ରାପ୍ୟ ପାଇବାରୁ ବଂଚିତ କରିଛନ୍ତି ଏବଂ ତା'ର ଉପସ୍ଥିତି ସେମାନଙ୍କ ଆନନ୍ଦକୁ ପ୍ରତିହତ କରୁଛି ।

'ଏ ବତୀଖୁଣ୍ଟ ତତେ ବଂଚେଇ ଦେଲା । ମାଦର୍‌ଚୋଦ୍ ନହେଲେ ଏଇକ୍ଷଣି ତୁ ମୁର୍ଦ୍ଦାର ପାଲଟିଥାନ୍ତୁ ।' ଧୀର କଣ୍ଠରେ କହିଲା ତିୱାରୀ ।

'ଭୁଲି ଯା । ମାଛି ମାରିଲେ ହାତ ଗନ୍ଧେଇବ ।' କହିଲା ବିଷନାଥ । 'କେବଳ ତା' ମନରେ ଟିକେ ଭଗବାନଙ୍କ ପ୍ରତି ଭୟ ପୂରେଇଦେ ।' ଭଉଣିଗିହାଁ ଯିମିତି ଆଉ ଦିନେ ଏ ବାଟ ମାଡ଼ିବୁନି ।

Digitized by PPRACHIN, SOA

ମୋହନ ଦାସ ବିଲ୍‌କୁଲ୍ ଟିପେ ବି ଘୁଂଚିଲା ନାହିଁ । ବିଜୟ ତିଓ୍ୱାରୀ ହଠାତ୍ ଗାଡ଼ିର ହର୍ଣ୍ଣ ବାରମ୍ବାର ବଜେଇବାରେ ଲାଗିଲା ଓ ଗାଡ଼ି ଭିତରେ ବନ୍ଧା ହୋଇଥିବା ମାଇକ୍‌ରେ ବଡ଼ ପାଟିରେ କହି ଚାଲିଲା 'ହେ ବିଷନାଥ, ତୁ ଗାଡ଼ି ଆଗକୁ କାହିଁକି ଆସୁଛୁ ? ପାଗଳ ହେଇଗଲୁ କି ? କିଛି କହୁନୁ କାହିଁକିରେ ବିଷନାଥ ? କାଲ ହେଇଗଲୁ କି ? ହେ ବିଷନାଥ ?' ତା' ପାଟିରେ ସେ ଗଳିକନ୍ଦି କମ୍ପି ଉଠିଲା ।

ଗାଡ଼ିର ଝରକା ଭିତରୁ ହସର ଲହରୀ ଉଠୁଥିଲା

'ସାଂଗରେ ତୋ ମାଇପିକୁ ଆଣିଲୁନି, ବିଷନାଥ ? ହଇରେ ଏକୁଟିଆ ମରିବାକୁ ଆସିଲୁ ?

ବିଷନାଥ ଗାଡ଼ିରୁ ଓହ୍ଲାଇ ପଡ଼ିଲା । ଗୋଟେ ପାଂଚଶ ଟଙ୍କିଆ ନୋଟ୍ ମୋହନ ଦାସର ଛାତି ପକେଟରେ ଗୁଂଜି ଦେଲା ।

"ତୋ' ପୁରୁଣା ନାଁ କୁ ବି ଭୁଲି ଯା । ଆଉ କେବେ ବି ଲେନିନ୍ ନଗର ଆଡ଼େ ପାଦ ବଢ଼େଇବାକୁ ସାହସ କରନା । ଆଜି ତ ଆମେ ମଦ ନୁହେଁ ଲସି ପିଉଥିଲୁ । ସାମ୍ନାରେ ବତୀଖୁଣ୍ଟଟା ବି ଅସୁବିଧା କଲା । ନହେଲେ ସିଧା ତତେ ଗାଡ଼ି ମଡ଼େଇ ଦଳି ଦେଇଥାନ୍ତୁ ।" ସେ କହିଲା ।

'ଯଦି କେବେ ଏପଟେ ଆସିଥିବାର ଦେଖିବୁ, ତତେ କୋଲିୟାରୀର ଫର୍ଣ୍ଣେସ୍‌ରେ ପକେଇ ଦବୁ । ମନେ ରଖିଥା ।'

ତା'ପରେ ବିଷନାଥ ଢାବା ଆଡ଼କୁ ଚାଲିଗଲା ଏବଂ କହିଲା 'ହେ ନନ୍ଦ କିଶୋର, ଏ ବିଷନାଥକୁ ଗୋଟେ ଗ୍ଲାସ୍ ଲସି ଦେବୁ । ଏକଦମ୍ ଥଣ୍ଡା, ବରଫ ପକେଇକି ଦବୁ । ଏ ବିଷନାଥର ଘର ମୋ' ଗାଁ ପାଖରେ ।'

ପୋଲିସ୍ ଗାଡ଼ି ଭିତରୁ ହସର ଗୋଟେ ଝରଣା ଫିଟି ଯାଇଥିଲା ।

ବିଷନାଥ ବି ନିଜେ ହସୁଥିଲା । 'ଏ ନନ୍ଦକୁମାର ହେଉଛି ଭରଖାରର ଧିମାର । ହେଲେ ଏଠି ନିଜର ପରିଚୟ ଦେଇଛି ବ୍ରାହ୍ମଣ ବୋଲି, ଆଉ ଗୋଟେ ବୈଷ୍ଣବ ନିରାମିଷ ଭୋଜନାଳୟ ଖୋଲିଚି ଏଠି । ଏ ମାଦୁର୍‌ଚୋଦ୍ ବି ସଜନପୁରର ଚୌଧୁରୀ ପରିବାରର ଝିଅକୁ ବାହା ହୋଇଛି । ତାକୁ 'ପଣ୍ଡିତଜୀ' ବୋଲି ଡାକିଦେଲେ ଗର୍ବରେ ଛାତି ଏଇକ୍ଷଣି ଫୁଲି ଉଠିବ ।' ଗାଡ଼ି ଭିତରକୁ ପଶୁପଶୁ ବିଜୟ ତିଓ୍ୱାରୀକୁ କହିଲା ବିଷନାଥ । ·

Digitized by PPRACHIN, SOA

'ଖୁବ୍ ବଢ଼ିଆ । ପରିବାର ବି ବଢୁଛି ।' ବିଜୟ ତିଓ୍ୱାରୀ ଗାଡ଼ି ବୁଲାଉବୁଲାଉ ପାଟିକଲା: ପଣ୍ଡିତ୍‌ଜୀ, ଲସି ଦେଲାବେଳେ ବିଷନାଥର ଯନ୍ତ୍ରନେବ ଯେମିତି । ତା' ମୁଣ୍ଡର ଗୋଟେ ସ୍କ୍ରୁ ଢିଲା ହୋଇଯାଇଛି । ଆଉ ହଁ ସେଇଟା ଆମ ଖାତାରେ ପକେଇବ ।'

'ବ୍ୟସ୍ତ ହୁଅନା । ମୁଁ ତା' ସ୍କ୍ରୁ କଷିଦେବି । ଖୁବ୍ ସହଜ କାମ ଏଇଟା ।'

ଟାଟା ସୁମୋଟା ମୋହନ ଦାସର ମୁହଁରେ ମେଂଚାଏ ଧୂଳି ଝାଡ଼ି ଦେଇ ଆଗକୁ ମାଡ଼ିଗଲା ।

ବସ୍‌ଷ୍ଟାଣ୍ଡକୁ ଯାଉଥିବାବେଳେ ଜଣେ ଲୋକ ଲେନିନ୍ ନଗର ଆଡ଼େ ତରବରିଆ ଭାବେ ଯାଉଥିବା ମୋହନ ଦାସ ଲକ୍ଷ୍ୟ କଲା । କାନ୍ଧରେ ଝୁଲୁଥିଲା ଗୋଟେ ବ୍ୟାଗ୍ ଏବଂ ରଂଗହୀନ ମଇଳା ଲୁଗାପଟା ପିନ୍ଧିଥିଲା ଲୋକଟା । ହଠାତ୍ ସେ ଲୋକଟା ଅଟକିଗଲା ଏବଂ ମୋହନ ଦାସକୁ ପଚାରିଲା 'ଭାଇ ଲେନିନ୍ ନଗରରେ ସୂର୍ଯ୍ୟକାନ୍ତଙ୍କ ବସାକୁ ବାଟ କୁଆଡ଼େ ?'

ମୋହନ ଦାସ ମନେ ପକେଇବାକୁ ଚେଷ୍ଟା କରୁଥିଲା ଯେ ବିଷନାଥର ଘର ଖୋଜୁଥିବା ବେଳେ କୋଉଠି ଠାଏ ସେ ସୂର୍ଯ୍ୟକାନ୍ତର ନାମ ଫଳକ ପଢ଼ିଥିଲା। ଲୋକଟାକୁ ମୋହନ ଦାସ ବାଟ ବତେଇଦେଲା । ଲୋକଟି ସେଇ ରାସ୍ତା ଧରିବା ପାଇଁ ଆଗକୁ ଗୋଡ଼ ପକାଉଥିବା ବେଳେ, ମୋହନ ଦାସ ଧୀର ଗଳାରେ ପଚାରିଲା: ହଁ ଭାଇ, କାହା ବସା ଖୋଜୁଛ ?'

'କହିଲି ପରା, ସୂର୍ଯ୍ୟକାନ୍ତର । ତା' ଘର ଉନ୍ନାଓ ଗାଁ ପାଖରେ ।'

'ଗାଁ ନାଁ କ'ଣ କହିଲ ?'

'ଗଡ଼କୋଲା ।'

'ତୁମ ନାଁ କ'ଣ ?'

ଲୋକଟା ଏଥର ଚୁପ୍ ରହିଲା । ତା' ପରେ ତା' ଓଠ ଥରିବାକୁ ଲାଗିଲା ଓ କୋରଡ଼ରେ ଥିବା ଦୁଇଟି ଆଖିରେ ପାଣି ଜକେଇ ଆସିଲା ।

'ସୂର୍ଯ୍ୟକାନ୍ତ । ଗଡ଼କୋଲାର ସୂର୍ଯ୍ୟକାନ୍ତ ।' ଏତକ କହି ସେ ଲେନିନ୍ ନଗର କଲୋନି ଆଡ଼େ ମୁହାଁଇଲା ।

Digitized by PPRACHIN, SOA

(ଏ କାହାଣୀ ଏମିତି ଏକ ସମୟରେ କୁହା ଯାଉଛି ଯେତେବେଳେ ବିଶ୍ୱର ସବୁ ରାଷ୍ଟ୍ରରେ ସବୁ ସରକାରର ରାଜନୀତିକ ତଥା ଆର୍ଥିକ ପରିସ୍ଥିତି ଏକାପରି ଥିଲା । ଧନୀ ଆଉ ଗରିବ ଲୋକଙ୍କ ଭିତରେ ଏତେ ଗଭୀର ଓ ବ୍ୟାପକ ତାରତମ୍ୟ ଥିଲା ଯେ କୌଣସ ବିଜ୍ଞାପନ ଏହାକୁ ଲୋପ କରିପାରିବ ନାହିଁ ।

ଏପରି ଏକ ସମୟ ଯେତେବେଳେ ଅସହାୟ ତଥା ନିଷ୍ପେସିତ ବର୍ଗ ପାଇଁ ଲଢ଼େଇ କରୁଥିବା ଶକ୍ତିମାନେ ଏକ ମିଳିତ ସରକାର ଗଠନ କରିବା ପାଇଁ ଷଡ଼ଯନ୍ତ୍ର କରୁଥିଲେ । ପେଟ୍ରୋଲ ଦର କମାଇବାକୁ ପଦକ୍ଷେପ ନେଉଥିଲେ ଏବଂ ଗରିବ ଲୋକଙ୍କ ମସୀହା ହେବା ଉଦ୍ଦେଶ୍ୟରେ ପଶାପାଳି ଖେଳୁଥିଲେ । ଏମିତି ଏକ ସମୟ ଯେତେବେଳେ ଏକବିଂଶ ଶତାବ୍ଦୀର ସମସ୍ତ ଧନୀକ ଗଣତନ୍ତ୍ର ରାଷ୍ଟ୍ରଗୁଡ଼ିକ ଅଭୁତପୂର୍ବ ତଥା ଐତିହାସିକ ଚୁକ୍ତିନାମା ସମସ୍ତ ଦଳମାନଙ୍କ ସହ ସ୍ୱାକ୍ଷରିତ କରିଥିଲେ, ଯଦ୍ୱାରା ନିଜର ବୁଦ୍ଧି ଓ ପରିଶ୍ରମକୁ ପୁଂଜି କରି ଜୀବନ ବଂଚୁଥିବା ସମସ୍ତ ସଚ୍ଚା ବ୍ୟକ୍ତିଙ୍କୁ ଲୁଟିପାରିବେ । ଲୋକଙ୍କୁ ନିର୍ଯାତନା ତଥା ଦମନ କରିବା ଯେମିତି ସବୁ ରାଜନୀତିକ ଦଳ ପାଇଁ ଏକ ମୁଖ୍ୟ ଘଟଣା ପାଲଟି ଯାଇଥିଲା ।

ମୋହନ ଦାସ ଘରେ ପହଂଚିଲା ବେଳକୁ ରାତି ଏଗାରଟା । ପିଲାଏ ସେତେବେଳକୁ ଶୋଇ ପଡ଼ିଥିଲେ । ବାଲ୍‌କୋନିରେ ପଡ଼ିଥିବା ଖଟିଆରେ ଶୋଇଶୋଇ କାବାର କାଶ ଉଠୁଥିଲା । ତା' ପାଖ ଶେଯରେ ଶୋଇଥିଲା ପୁତ୍‌ଲୀବାଇ ।

'ଆଜି ସନ୍ଧ୍ୟାରେ ରକ୍ତ ଆଉ ଛେଲାଛେଲା ମାଂସ ସେ ବାନ୍ତି କରିଚନ୍ତି,' କସ୍ତୁରୀ କହିଲା । ସେ ଯାଏ କସ୍ତୁରୀ ଖାଇ ନ'ଥିଲା । ଭାତ, ଡାଲି, ଭେଣ୍ଡି ଭଜା ଆଉ ଆମ୍ବ ଚଟଣି ବନେଇ ଥିଲା ।

ଯେତେବେଳେ ମୋହନ ଦାସ ତା' ସାର୍ଟ ଉତରିଲା କସ୍ତୁରୀ ତା' ଦିହରେ ହୋଇଥିବା ଖଣ୍ଡିଆ ଓ ଆଚୁଂଡ଼ା ଦାଗ ସବୁ ଦେଖିଲା ।

"କ'ଣ ହେଇଛି ଏ ସବୁ ? ପଡ଼ିଗଲ କି କୋଉଠି ?" କସ୍ତୁରୀ ପଚାରିଲା । ସେ ଖଣ୍ଡିଆ ଯାଗାକୁ ଛୁଇଁଦେଲା ଆଉ କହିବାକୁ ଲାଗିଲା 'ହେ ଭଗବାନ୍, ତୁମେ କାହା ସାଂଗେ ଲଢ଼େଇ କରିଛ ?' ମୋହନ ଦାସ କିଛି ଉତର ଦେଲାନି ।

ଖାଇ ସାରିବାପରେ ମୋହନ ଦାସ କହିଲା, "ତୋ' ରନ୍ଧାରେ ଗୋଟେ ଯାଦୁ ଅଛି, କସ୍ତୁରୀ ଭାତ ସାଂଗକୁ ତୋ' ହାତ ପରସା ଆମ୍ବ ଚଟଣି ଖୁବ୍ ସୁଆଦ ଲାଗିଲା ।"

Digitized by PPRACHIN, SOA

କସ୍ତୁରୀର ଆଖିରେ ଲୁହ ଭର୍ତ୍ତି ହୋଇଗଲା । ସେଦିନ ଯାହାସବୁ ଘଟି ଯାଇଥିଲା ମୋହନ ଦାସ ସେସବୁ ଲୁଚାଇବାକୁ ଚେଷ୍ଟା କରୁଥିଲା । ରାତିସାରା ଆଖି ମେଲା କରି ଶେଯରେ ପଡ଼ିରହିଲା ମୋହନ ଦାସ । ତା' ମୁଣ୍ଡ ଭିତରେ ଉଠୁଥିଲା ଏକ ଧୂଳିଝଡ଼, ଏପରି ଏକ ଧୂଳିଝଡ଼ର ଭଉଁରୀ, ଯାହା ଭିତରେ ଦିକ୍‌ଦିକ୍ ଜଳୁଥିବା ଆଲୁଅକୁ ନିଷ୍ପ୍ରଭ କରିଦେଇଥିଲା ।

ମୋହନ ଦାସ ଦୁଇଥର କୋଲିୟାରୀକୁ ଯାଇଥିଲା ଏହା ଭିତରେ । ହେଲେ ଫଳ କିଛି ହେଲାନି । କେହି ଜଣେ ସେଠି ଓ ଲେନିନ୍ ନଗରରେ ଗୁଜବ ପ୍ରଚାର କରିଦେଇଥିଲା ଯେ ଗୋଟେ ପାଗଳ ଆସି ନିଜକୁ ପ୍ରକୃତ ଡିପୋ ସୁପରଭାଇଜର୍ ମୋହନ ଦାସ, ବି.ଏ. ବୋଲି କହୁଛି । ଆଉ କେହି ଯଦି ତାକୁ ବିଷନାଥ ବୋଲି ସମ୍ବୋଧନ କରୁଛି ତେବେ ଖୁବ୍ ରାଗିଯାଉଛି ସେ ।

ମୋହନ ଦାସ ହାରିଯାଇଥିଲା । ରାତି ସାରା କଠିନା ନଈ ପଠାରେ ପଡ଼ି ରହି ଚାହିଁଥିଲା ସେ ଖାଁ ଖାଁ ଆକାଶକୁ । ଗାଁରେ କବୀରପନ୍ଥୀ ବନ୍‌ସର ପଲିହାଙ୍କୁ ନୀଚଜାତିର ବୋଲି ଗଣୁଥିଲେ । ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ସେମାନେ ହରିଜନ ଅଥବା ଆଦିବାସୀ ବୋଲି ସ୍ପଷ୍ଟ ଭାବେ କିଛି ଉଲ୍ଲେଖ ନଥିଲା । ଦଶ ବର୍ଷ ପୂର୍ବରୁ ଜନଗଣନା ଅନୁଯାୟୀ ସେମାନେ କେବଳ ବନ୍‌ସର ଅଥବା ପହିଲା ଏବଂ ଭାରତୀୟ ହିନ୍ଦୁ ବୋଲି ସ୍ପଷ୍ଟ ଭାବେ ଦର୍ଶାଯାଇଥିଲା । ସେମାନଙ୍କ ସଂଖ୍ୟା ଖୁବ୍ କମ୍ ଥିଲା ଏବଂ ତାଙ୍କ ଜାତିର ଲୋକେ ସେହି ସରକାରରେ କିମ୍ବା ରାଜନୀତିରେ ନଥିଲେ । ମୋହନ ଦାସ ଗାଁରେ ସବୁରି ପାଇଁ ଉପହାସର ପାତ୍ର ଥିଲା । ଥଟ୍ଟାରେ ଉଚଜାତିରେ ଧନୀ ଲୋକେ ପଚାରୁଥିଲେ ଯେ ତାକୁ ଚାକିରି କେବେ ମିଳୁଛି । ବିଜୟ ତିୱାରୀର ଗୋରୁ ଜଗିବା ପାଇଁ ଲୋକେ ତାକୁ ଉପଦେଶ ଦେବା ଆରମ୍ଭ କରିଦେଲେ । ଅନ୍ତତଃ ହାଣ୍ଡିଶାଳର ଭାତ ଆଉ ମାଇପ ପାଇଁ ଶାଢ଼ି ଓ ଗୋଡ଼କୁ ଚଟି ତ ମିଳିଯିବ । କେହିକେହି କହିଲେଣି, ଲେନିନ୍ ନଗରରେ ବିଷନାଥ ପାଖକୁ ଯାଇ ତା' ଘରେ ଚାକର କାମ କରିବାଲାଗି । ମୋହନ ଦାସ ଗାଁର ଧନୀ ଲୋକଙ୍କ ଠାରୁ ଦୂରେଇ ରହିବାକୁ ଚେଷ୍ଟା କରୁଛି ଆଜିକାଲି ।

ଅନ୍ୟ ଗ୍ରାମବାସୀଙ୍କର ତା' ପ୍ରତି ଯେ ସହାନୁଭୂତି ନଥିଲା, ଏପରି ନୁହେଁ । ପ୍ରକୃତରେ କହିବାକୁ ଗଲେ ଅଧିକାଂଶ ଲୋକେ ତାକୁ ସାହାଯ୍ୟ କରିବାକୁ ଚାହୁଁଥିଲେ । କିନ୍ତୁ ସେମାନଙ୍କର ବଡ଼ ବଡ଼ିଆଙ୍କ ସହ ସଂପର୍କ ନଥିଲା ଏବଂ ସେମାନେ

Digitized by PPRACHIN, SOA

ନିଜେ ବି ନାନାବିଧ ସମସ୍ୟାରେ ବୁଡି ରହିଥିଲେ । ସେମାନେ ଆମ ସମୟର ଲୋକେ ଯେଉଁମାନେ ଚୁପ୍‌ଚାପ୍ ଜୀବନ ବିତାଇଥାନ୍ତି ଏବଂ ମୁଣ୍ଡ ଝାଳ ତୁଣ୍ଡରେ ମାରୁଥାନ୍ତି ।

ସେମାନଙ୍କ ଭିତରୁ ଜଣେ ଥିଲା ଘନଶ୍ୟାମ । କୁର୍ମୀ ଜାତିର ସେ । ସେ ଗରିବ ନଥିଲା । ତା'ର ତିରିଶ ବିଘା ଜମି ଥିଲା ଏବଂ ସେ ସରକାରଙ୍କ ପାଖରୁ ଋଣ ନେଇ ଏକ ଟ୍ରାକ୍ଟର ଖର୍ଦ୍ଦି କରିଥିଲା । ସେ ପନିପରିବା ଚାଷ କରିବା ସହ ଟ୍ରାକ୍ଟର ଭଡ଼ାରେ ବି ଲଗାଉଥିଲା । ଏସବୁ ସତ୍ତ୍ୱେ ବି ମାସିକ ଋଣ ବାବଦରେ ସାତ ହଜାର ପାଞ୍ଚ ଶ'ଟଙ୍କା କିସ୍ତି ଦେବା ତା' ପାଇଁ କଷ୍ଟକର ବ୍ୟାପାର ହେଇପଡୁଥିଲା । ବଜାରଦର କମିଯାଇଥିଲା । ସୋୟାବିନ ଚାଷ କରିବା ପାଇଁ ଦୁଇମାସ ତଳେ ଋଣ ନେଇଥିବା ପାଖ ଗାଁର ବିଶେଶର ବିଜୁଳି ଖମ୍ବରେ ଚଢ଼ି ଉପରେ ମୋଟା କେବୁଲକୁ ଗୁଡ଼ାଇ ବସି ରହିବାରୁ ନିଜ ଜମିକୁ ନିଲାମରୁ ବଂଚାଇ ପାରିଥିଲା । ଛୋଟଛୋଟ ଚାଷୀମାନେ ଗାଁ ଛାଡ଼ି ସହରକୁ ଚାଲି ଯାଉଥିଲେ । ଘନଶ୍ୟାମ ବି ବହୁ ଅସୁବିଧାରେ ରହୁଥିଲା ।

ସେଦିନ ମୋହନ ଦାସକୁ ଜର ହେଲା । ତା' ପୂର୍ବଦିନ ସାରା ସେ ବସି ଟୋକେଇ ବୁଣିଥିଲା । ଅନେକ ରାତି ଯାଏ ନିଜ ଜମିରେ ପାଣି ମଡ଼ାଇଥିଲା ଓ ଅଖିଆଅପିଆ ଶୋଇ ପଡ଼ିଥିଲା ରାତିରେ । ସକାଳୁ ଛୁଇଁଲା ବେଳକୁ ତା' ଚମଡ଼ା ଲାଗୁଥାଏ ଗରମ । ଯେତେବେଳେ ଉତ୍ସୁକତାର ସହ ଘନଶ୍ୟାମ ଓ ଗୋପାଳ ଦାସ ତା' ପାଖରେ ପହଂଚିଲେ ସେତେବେଳକୁ ସେ ଶଯ୍ୟାଶାୟୀ ହୋଇଯାଇଥିଲା । ସେମାନେ କହିଲେ ଯେ ଜଣେ ଲୋକକୁ ସେମାନେ ଚିହ୍ନିଚନ୍ତି ଯିଏ ଓରିଏଣ୍ଟାଲ୍ କୋଲ୍ ମାଇନ୍‌ସର ଜେନେରାଲ ମ୍ୟାନେଜର ଏସ୍.କେ. ସିଂହଙ୍କୁ ଜାଣନ୍ତି । ମୋହନ ଦାସ ପାଇଁ ଗୋପାଳ ଦାସ କିଛି ନୂଆ କପଡ଼ା ମଧ୍ୟ ଆଣିଥିଲା ।

'ଏଇଟାକୁ ପିନ୍ଧ, ବଳଦର କୁରୁଣ୍ଡ ପରି ମୁହଁଟା କରି ତମେ ଜଣେ ମ୍ୟାନେଜରକୁ ଦେଖା କରିପାରିବ ନାହିଁ' ସେ କହିଲା । ଜରୁଆ ଦେହରେ ବି ମୋହନ ଦାସ ହସି ପକେଇଲା ।

ଜି.ଏମ୍‌ଙ୍କୁ ଭେଟିବାରେ ସେମାନଙ୍କର ଆଦୌ ଅସୁବିଧା ନଥିଲା । ଗୋପାଳ ଦାସର ନୂଆ ଲୁଗା ବି ମୋହନ ଦାସ ଭିତରେ ଭରି ଦେଇଥିଲା ଏକ ନୂଆ ବିଶ୍ୱାସ । ଘଟି ଯାଇଥିବା ଘଟଣା ସବୁ ସେ ଆମୂଳଚୁଳ ପୁଣିଥରେ ବର୍ଣ୍ଣନା କଲା ଜି.ଏମ୍.ଙ୍କ ସାମ୍ନାରେ । ଏପରିକି ବିଷନାଥ କିମିତି ତା' ପରିଚୟକୁ ବି ହଡ଼ପେଇଛି । ବାସ୍ ସେତିକିରେ ଚୁପ୍ ରହିବାକୁ ଗୋପାଳ ଦାସ ଇସାରା ଦେଲା । ନିଯୁକ୍ତି ଅଫିସ୍ ସାମ୍ନାରେ

Digitized by PPRACHIN, SOA

ତା'କୁ ଦେଇଥିବା ଧମକ ସଂପର୍କରେ କିଛି ନକହିବାକୁ ସେ ଆଗରୁ ସତର୍କ କରାଇଥିଲା । ଜେନେରାଲ୍ ମ୍ୟାନେଜର ଖୁବ୍ ସିଧାସାଦା ଲୋକ ବୋଲି ଜଣାଥିଲା । ଯଦିବା ସେ କିଛି ବଦ୍‌ନାମୀ ଲୋକଙ୍କ ଗହଣରେ ବେଶି ମିଳାମିଶା କରୁଥିଲେ, ତା' କେବଳ ତାଙ୍କର ହୁଇସ୍କି ପ୍ରତି ଅତ୍ୟଧିକ ଦୁର୍ବଳତା ଯୋଗୁଁ ହିଁ ସମ୍ଭବ ହୋଇଥିଲା । ନଚେତ୍ ସେ ଏତେ ସିଧାସାଦା ଲୋକ ଥିଲେ ଯେ, ସେ କାହାର ଅନିଷ୍ଟ କିମ୍ବା ଅପକାର କରିନଥିଲେ କେବେ । ଯେ ଯାହା ହେଉ, କୋଲିୟାରୀର ଶ୍ରମ କଲ୍ୟାଣ ଅଫିସର ଏ. କେ. ଶ୍ରୀବାସ୍ତବଙ୍କୁ ସେ ଏ ସଂପର୍କରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଲେ । ମାସକ ଭିତରେ ଛୁଟିରେ ଫେରିବା ପରେ ପୂରା ତଦନ୍ତ ବିବରଣୀ ତାଙ୍କ ଟେବୁଲ୍‌ରେ ରଖିବାକୁ ସେ ନିର୍ଦ୍ଦେଶ ଦେଲେ । ପର ସପ୍ତାହରେ ଏ. କେ. ଶ୍ରୀବାସ୍ତବ ତଦନ୍ତ କରିବା ଉଦ୍ଦଶ୍ୟରେ ଲେନିନ୍ ନଗରକୁ ଗଲେ । ଯେଉଁଠି ବିଷନାଥ ବର୍ଷବର୍ଷ ଧରି 'ମୋହନ ଦାସ' ଛଦ୍ମନାମରେ ଜୀବନ ବିତାଉ ଥିଲା । ଯାହାକୁ ବି କ୍ୱାର୍ଟର ନଂ ଏ/୧୧ କାହାର ବୋଲି ପଚାରିଲେ ତତ୍‌କ୍ଷଣାତ୍ ଉତ୍ତର ଆସେ: ମୋହନ ଦାସ । ସେ ନିଜେ ମୋହନ ଦାସକୁ ଭଲ ଭାବରେ ଜାଣିଥିଲା । ଶ୍ରମିକ କଲ୍ୟାଣ ପାଣ୍ଠିରୁ ନିଜ ପାଇଁ ଋଣ ସେ ମଂଜୁର କରିଥିଲା ମୋହନ ଦାସଠାରୁ । ଏବଂ ଜେନେରାଲ୍ ମ୍ୟାନେଜରଙ୍କ ପ୍ରକୋଷ୍ଠରେ ଯେଉଁ ଲୋକଟିକୁ ସେ ଭେଟିଥିଲା ଏବଂ ସେ ନିଜକୁ ମୋହନ ଦାସ ବୋଲି ପରିଚୟ ଦେଉଥିଲା, ଏ ଲୋକଟା କିମିତି ଗ୍ରାଜୁଏଟ୍ ହେଲା, ମନେମନେ ଭାବୁଥିଲା ଶ୍ରୀବାସ୍ତବ । ଗୋପାଳ ଦାସର କପଡ଼ା ବର୍ଷବର୍ଷର ହାଡ଼ଭଂଗା ପରିଶ୍ରମ ଓ ଅତ୍ୟାଚାରକୁ ଲୁଚାଇ ପାରିନଥିଲା । ବାରମ୍ବାର ସେ ଭାବୁଥିଲା ଯେ ଧର ଡିପୋ ସୁପର ଭାଇଜର ମୋହନ ଦାସ ନ'ହେଇପାରେ, ହେଲେ ଯେଉଁ ଲୋକଟା ମୋହନ ଦାସ ବୋଲି ନିଜକୁ ଦାବୀ କରୁଛି, ସେ କଥା ତ ଆଦୌ ବିଶ୍ୱାସ କରିହେଉନି ।

ବିଷନାଥକୁ ଆଗରୁ ସତର୍କ କରି ଦିଆଯାଇଥିଲା । ଶ୍ରୀବାସ୍ତବର ସେ ଖୁବ୍ ଯତ୍ନ ନେଇଥିଲା । ବଜାରରେ ଅଳ୍ପଦିନ ତଳେ ଖୋଲିଥିବା ବିଉଟି ପାର୍ଲରରେ ନିଜ ସ୍ତ୍ରୀ ଅମିତାର ଚେହେରାରେ ଚମକ ଆଣିବା ପାଇଁ ପଠାଇଥିଲା । ହାତ କଟା ବ୍ଲାଉଜ ଓ ଦିହ ଲୁଚୁନଥିବା ଶାଢ଼ି ପିନ୍ଧି ଡ୍ରଇଁ ରୁମ୍‌ରେ ଗ୍ଲାସରେ ମଦ ଢ଼ାଳିବା ପାଇଁ ସେ ଅମିତାକୁ ନିର୍ଦ୍ଦେଶ ଦେଲା । ଯେତେବେଳେ ଟେବୁଲ୍ ଉପରେ ଗ୍ଲାସ୍ ସବୁ ରଖୁରଖୁ ସେ ହସିହସି ଶ୍ରୀବାସ୍ତବକୁ ପଚାରିଲା 'ସାଂଗରେ ସରିତା ଦିଦିକୁ ଆଣିଲନି କାହିଁକି ? ସେତେବେଳେ ତଦନ୍ତକାରୀ ଅଧିକାରୀଙ୍କ ଆଖି ବାରମ୍ବାର ଅମିତାର ତଳିପେଟ ବୋତାମ ପାଖରେ ଅଟକି ଯାଉଥିଲା । ଦିଲ୍ଲୀ ଆଉ ବମ୍ବେରେ ଅନେକ ଫେସନ

Digitized by PPRACHIN, SOA

ଶୋ' ହେଉଥିବା ସେ ଟିଭି ଚ୍ୟାନେଲ୍‌ରୁ ଦେଖିଥିଲା, ହେଲେ ଏବେ ତ ଜୀବନ୍ତ ନାରୀ ତା' ସାମ୍ନାରେ ଯାହାକୁ ଦେଖିଲେ ମଡ଼େଲଟିଏ ପରି ଲାଗିବ । ଏଇଟା କେବଳ ସଂବାଦ ନୁହେଁ । ଏ ତ ବାସ୍ତବ ।

'ଇଏ ହେଉଛି ମୋ ସ୍ତ୍ରୀ କସ୍ତୁରୀ, ସାର ।' ପାନୀୟ ଗ୍ଲାସ୍ ହାତକୁ ବଢ଼ାଉ ବଢ଼ାଉ କହିଲା ବିଷନାଥ ।

'ଗୋଟେ ପୁରୁଣା କାଳିଆ ନାଁ ନୁହେଁ କି ?' ଢୋକ ନେଉନେଉ କହିଲେ ତଦନ୍ତକାରୀ ଅଧିକାରୀ । ଅମିତା ଖିଲି ଖିଲି ହସି ପକେଇଲା । ଜ୍ୟୋତିଷ ମୋ ବାପାଙ୍କୁ କହିଲେ ସୂର୍ଯ୍ୟଙ୍କ ସ୍ଥିତି ଅନୁଯାୟୀ ଏ ମୀନ ରାଶି ଝିଅର ନାଁ ଏଇଟା ହିଁ ଠିକ୍ । ସେଇଠୁ ମୁଁ କହିଲି, ଠିକ୍ ଅଛି ମୁଁ ଏଇ ନାଁ ହିଁ ରଖିବି ।

'ଆଚ୍ଛା, ତାହେଲେ 'କସ୍ତୁରୀ' ଗୋଟେ ଜ୍ୟୋତିଷଙ୍କ ଦିଆ ନାଁ । ତା' ହେଲେ ତୁମ ଡାକ ନାଁ ଟା କ'ଣ ?' ତା' ଆଡ଼କୁ ଟିକେ ଘୁଂଚି ଆସି ତଦନ୍ତକାରୀ ଅଫିସର୍ ପଚାରିଲେ ।

ଅମିତା ଟିକେ ହଡ଼ବଡ଼େଇ ଗଲା ।

ବିଷନାଥ ଏଥର ହସୁ ହସୁ କହିଲା: 'ଆରେ ଛାଡ଼ କସ୍ତୁରୀ, ନାଁ ଟା କହିବାରେ ଏତେ ଲାଜ କାହିଁକି ? ...ତା'ର ଡାକ ନାଁ ହେଉଛି ଅମିତା, ଭରଦ୍ୱାଜ । ଏଇ ନାଁରେ ତାକୁ ଘରେ ଡାକନ୍ତି ।'

'ନାରୀମାତ୍ରେ ହିଁ ଟିକେ ଲାଜକୁଳା ହବା ଉଚିତ୍ । ନାରୀତ୍ୱର ଆଜି ବି ଗୋଟେ ଅଲଗା ପରିଚୟ ଅଛି, ନା ତମେ କ'ଣ ଭାବୁଛ ?'

"...କସ୍ତୁରୀ, ମୁଁ ତୁମକୁ ଆଜିଠୁଁ ଅମିତା ନାଁରେ ଡାକିବି । ତୁମର କିଛି ଆପତ୍ତି ନାହିଁତ ?"

: ବିଲକୁଲ୍ ନୁହେଁ, ସାର୍ । ଆଖି ଦି' ଟା ଢିମାଢ଼ିମା କରି କହିଲା ଅମିତା, : ବରଂ ମୋତେ ଯିଏ ଅମିତା ନାଁରେ ଡାକେ, ମୋତେ ଲାଗେ ନିଜ ପରିବାରର ଲୋକ ହିଁ ଡାକୁଛି ।

ସେ ଏଥର ଟିକେ ଲାଜେଇ ଗଲା ଆଉ କହିଲା 'ଏ ଯାଗାଟା ଏମିତି ବିଚିତ୍ର ଯେ ସବୁ ଲୋକଗୁଡ଼ାକ ଏଠି ପ୍ରାୟତଃ ପଛୁଆ ଶ୍ରେଣୀର । ମୋତେ ଖୁବ୍ ବିରକ୍ତି ଲାଗେ ।'

Digitized by PPRACHIN, SOA

'ଯାଗାଟାର ଉନ୍ନତି ଲାଗି ଆହୁରି ଅନେକ ସମୟ ଲାଗିବ ।' ପାଟି ଭିତରକୁ ଢୋକ ନେଉ ନେଉ ଶ୍ରୀବାସ୍ତବ କହିଲା ।

'ଏଠି ତୁମେ ସମୟ କିମିତି ବିତଉଛ ?'

'ବାସ୍ ବଂଚିଛି । ଛୋଟ ମୋଟ ପାର୍ଟି ଆଉ ଶ୍ରମିକମାନଙ୍କ ମଂଗଳ ପାଇଁ ଦି ଚାରିଟା ସମିତିରେ କାମରେ ବ୍ୟସ୍ତ ରହୁଛି । ସମାଜସେବା କରିବାରେ ହିଁ ମୋର ରୁଚି ।'

'ବହୁତ ବଢ଼ିଆ । ସରିତା ବି ଏଇୟା କରିବାକୁ ଭଲ ପାଏ । ଦିନେ ଆମ ଘର ଆଡ଼କୁ ଆସୁନ ? ଯୋଉ କାମ ସବୁ ହାତକୁ ନେଇଛ, ସରିତାକୁ ବି ସେଥିରେ ସାମିଲ କର ।'

କ'ଣ ପାଇଁ ମୂଳତଃ ଶ୍ରୀବାସ୍ତବ ଏଠାକୁ ଆସିଥିଲା, ସେ କଥା ପୂରାପୁରି ଭୂଲି ଯାଇଥିଲା ।

ବିଷନାଥ ସୁଯୋଗର ଅପେକ୍ଷାରେ କରୁଥିଲା । ସେ କହିଲା: ଦେଖନ୍ତୁ ସାର୍, ଲେନିନ୍ ନଗରରେ ପ୍ରତି ଲୋକର ଶତୃ ହେଉଛି ତା'ର ପଡ଼ୋଶୀ । ଜଣେ ଜଣକର ବଢ଼ତି ଏଠି ସହି ପାରେନା । ଆଜିକାଲି ଏଇ ବାଳେ ଧନ୍ଦା । ସେମାନେ ଜଣଙ୍କ ଉପରକୁ ଖୁଚୁରା ପଇସା ଫୋପାଡ଼ି ଦେବେ ଏବଂ ତା' ନାଁରେ ଅଭିଯୋଗ କରିବେ । ମୁଁ ଜାଣେ ଏସବୁ ଘଟଣା ପଛରେ କାହାର ହାତ ଅଛି । ଆଜିକାଲି ତ ଜାତିଆଣ ଭେଦଭାବ ସବୁଆଡ଼େ ବ୍ୟାପୁଛି । ଏବେ ଏମାନଙ୍କ ନଜର ଆମ ଉପରେ । ଏସବୁ ପଛରେ କିଏ ଅଛି ମୁଁ ଜାଣେ । ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ବରଂ ନିରପେକ୍ଷ ତଦନ୍ତ କରନ୍ତୁ ।

ଶ୍ରୀବାସ୍ତବ ଗୋଟେ ଟିପାଖାତା ବାହାର କଲା ଏବଂ ପଚାରିବା ଆରମ୍ଭ କଲା ।

'ତୁମ ବାପାଙ୍କ ନାଁ ?'

'ବାପା ! ବାପା ! ଡୁଇଂରୁମ୍‌ରୁ ଟିକେ ଆସିବ ତ ।' ବିଷନାଥ ଚିତ୍କାର କଲା । ତା'ପରେ ଟିକେ ହସିଦେଇ କହିଲା 'ସତରେ କି ସଂଯୋଗ ! ସେମାନେ କାଲି ଆସିଛନ୍ତି । ମା' ନିକଟରେ କିଛି ଆଚାର ବନେଇଥିଲା । ନିଜ ପୁଅ ଆଉ ବୋହୂକୁ ଦେଖିବା ଲାଗି ଇଚ୍ଛାକରି ସେମାନେ ଆଣିବା ଆଳରେ ଆସିଛନ୍ତି । ମୋ' ସଂପର୍କରେ ଆପଣ ବରଂ ତାଙ୍କୁ ପଚାରନ୍ତୁ ।'

Digitized by PPRACHIN, SOA

'ମୁଁ ଘର ଭିତରକୁ ଯାଉଛି । ୟାଙ୍କ ପରିବାର ଟିକେ ରକ୍ଷଣଶୀଳ !' ବସିବା ଜାଗାରୁ ଉଠୁଉଠୁ ଅମିତା କହିଲା ।

ନଗେନ୍ଦ୍ରନାଥ ଏବଂ ତାଙ୍କ ସ୍ତ୍ରୀ ରେଣୁକା ଦେବୀ ଡ୍ରଇଂ ରୁମ୍‌କୁ ଆସିଲେ । ସେମାନଙ୍କ କପାଳରେ ଥିବା ଜାତିଗତ ଚିହ୍ନ ଦେଖି ଶ୍ରୀବାସ୍ତବ ନିଜ ସିଟ୍‌ରୁ ଉଠି ଠିଆ ହେଲା ଏବଂ ପଚାରିଲା -

'ଦୟାକରି ଆପଣମାନଙ୍କର ନାଁ କୁହନ୍ତୁ । ଏଇଟା ଗୋଟେ ସରକାରୀ କାମ, ହେଲେ ମୋତେ ଏ କାମ କରିବାକୁ ହିଁ ପଡ଼ିବ ।' ଖୁବ୍ ସଂଭ୍ରମତାରେ କହିଲା ଶ୍ରୀବାସ୍ତବ ।

'ମୋ ନାଁ କାବା ଦାସ' ଖୁବ୍ ନରମ ସ୍ୱରରେ କହିଲା ନଗେନ୍ଦ୍ର ନାଥ । ନିଜ କୁର୍ତ୍ତାରୁ ସେ ଗୋଟେ ମାଳା କାଢ଼ୁ କାଢ଼ୁ କହିଲେ - "ଯୋଉ ଦିନଠୁ ମୁଁ ତୁଳସୀମାଳା ଧାରଣ କଲି ସନ୍ଥ ତୁଳସୀ ଦାସଙ୍କ ଭକ୍ତିଗୀତ ହେଇଯାଇଛି ମୋର ଶେଯ ସୁପାତି । ଏବଂ ସେଇ ଦିନଠୁ ମୋ' ନିଜ ନାଁ ସାଂଗରେ 'ଦାସ' ବି ଯୋଡ଼ି ଦେଲି । ଇଏ ହେଉଛନ୍ତି ମୋ'ର ସ୍ତ୍ରୀ ପୁତ୍‌ଲି ଦେବୀ, ମୋହନର ମାଆ ।" ରେଣୁକା ଦେବୀ ସ୍ୱାମୀଙ୍କ କଥାରେ ମୁଣ୍ଡ ନାଡ଼ିଲେ ।

ଅତଏବ ତଦନ୍ତ ପ୍ରକ୍ରିୟା ଏଇଠାରେ ସମାପ୍ତ ହେଲା । ଶ୍ରମ କଲ୍ୟାଣ ଅଧିକାରୀ ଏ. କେ. ଶ୍ରୀବାସ୍ତବ ବୁଝିଗଲେ ଯେ ମୋହନ ଦାସ, ପିତା କାବା ଦାସ, ଗ୍ରାମ-ପୂର୍ବନାରୀ, ଜିଲ୍ଲା ଅନୁପପୁର, ମଧ୍ୟପ୍ରଦେଶଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗ ହେଉଚି ଅମୂଳକ ଓ ଭିତ୍ତିହୀନ । ସାକ୍ଷୀରୂପେ ସେ ତାଙ୍କ ତଦନ୍ତ ରିପୋର୍ଟରେ ପୂର୍ବାନାରାରୁ ମୁଖିଆ ଛତ୍ରଧର ତିୱାରୀ ଏବଂ ଜିଲ୍ଲା ପ୍ରତିନିଧି ଶ୍ୟାମଳ ପ୍ରସାଦଙ୍କ ବୟାନ ବି ଦର୍ଜ କରାଇ ନେଲେ ।

ବିଷନାଥ ଓ ଅମିତା ବନାମ ମୋହନ ଦାସ ଓ କସ୍ତୁରୀର ଅନୁରୋଧରେ ସେଦିନ ଅପରାହ୍ନରେ ସେମାନଙ୍କ ଘରେ ବିଶ୍ରାମ କଲେ ଶ୍ରୀବାସ୍ତବ । ସନ୍ଧ୍ୟାରେ ସେ କିଛି ବିୟର ପିଇବା ପରେ ଧୀରେ ଧୀରେ ହୁଇସ୍କି ନେବା ଆରମ୍ଭ କଲେ । ଦେଶୀ କୁକୁଡ଼ା ତରକାରୀ ସହିତ ରାତ୍ରୀ ଭୋଜନ ପରେ ପ୍ରାୟ ରାତି ଏଗାରଟା ବେଳକୁ ଯେତେବେଳେ ନିଜ ନୂଆ ମାରୁତି ଜେନ୍ ଗାଡ଼ିରେ ଯିବାକୁ ବାହାରିଲେ ସେ ବାରମ୍ବାର ଅମିତାକୁ 'କସ୍ତୁରୀ' ବୋଲି ସମ୍ବୋଧନ କରୁଥିଲେ ଏବଂ ସମାଜସେବା କାମରେ ତାଙ୍କ ସ୍ତ୍ରୀଙ୍କୁ ମଧ ସଂପୃକ୍ତ କରିବାକୁ ବାରମ୍ବାର ଅନୁରୋଧ କରୁଥିଲେ । ସେଇ ରାତିର ଅମାଅନ୍ଧକାରରେ ବି ତାଙ୍କର ଦୃଷ୍ଟି ଅମିତାର ତଳିପେଟରେ ଥିବା ନାଭି ପାଖରେ

Digitized by PPRACHIN, SOA

ନିବଦ୍ଧ ରହୁଥିଲା ଏବଂ ଧୀରେ ଧୀରେ ସେ ଦୃଷ୍ଟି ପ୍ରସାରିତ ହେବା ସହ ସମଗ୍ର ସତ୍ତାକୁ ଆବୋରି ନେଇଥିଲ ଯେମିତି ।

(ଏ କାହାଣୀ ଏଇ ସମୟରେ କୁହାଯାଇଛି ଯେତେବେଳେ ପଂଜାବରେ ପବ୍ଲିକ୍ ସର୍ଭିସ୍ କମିଶନର ଅଧ୍ୟକ୍ଷ କୋଟିଏ ଟଙ୍କା ଲାଞ୍ଚ ନେଇ ସାରା ରାଜ୍ୟରେ ହଜାର ହଜାର ବ୍ୟକ୍ତିଙ୍କୁ ସରକାରୀ ଚାକିରି ଦେଇ ସିବିଆଇ ତରଫରୁ ଚଢ଼ାଉ ବେଳେ ନିଜେ ଆତ୍ମଗୋପନ କରିଥିଲେ । ଯେତେବେଳେ ଜେଡ୍ କ୍ଲାସ୍ ସୁରକ୍ଷା ବଳୟ ପାରହୋଇ ବିଶିଷ୍ଟ ରାଜନୀତିକ ନେତାଙ୍କ ବଂଗଳାକୁ ସୁଟ୍‌କେଶ ଭର୍ତ୍ତି ବ୍ୟାଙ୍କର ନୋଟ୍ ସବୁ ଅକ୍ଳେଶରେ ଚାଲିଯାଏ, ଯେଉଁଠି ଜଣେ ସାଧାରଣ ଜନତା ସେଇ ଫାଟକ ଦେଇ ଯିବାବେଳେ ତାକୁ ଅଟକାଇ ଦିଆଯାଏ । ଯେତେବେଳେ ହରିୟାନାର ପୁଲିସ୍ ମହାନିର୍ଦ୍ଦେଶକ ଓ ଉତ୍ତର ପ୍ରଦେଶର ଜଣେ ମନ୍ତ୍ରୀ ଜଣେଜଣେ ମହିଳାଙ୍କ ସହ ଅବୈଧ ଯୌନ ସଂପର୍କ ରଖିବା ପରେ ସେମାନଙ୍କୁ ହତ୍ୟା କରିବା ଅଭିଯୋଗରେ ଜେଲ୍ ଭିତରେ କାଳାତିପାତ କରୁଥିଲେ । ଯେତେବେଳେ ବମ୍ବେର ଜଣେ ନାମୀଦାମୀ ପୋଲିସ୍ କୁଖ୍ୟାତ ଅପରାଧୀମାନଙ୍କୁ ଗୁଳି କରି ମାରିବା ଯୋଗୁଁ ସାରାଦେଶରେ ଖ୍ୟାତି ଅର୍ଜନ କରିଥିଲେ ମଧ୍ୟ ମାଫିଆମାନଙ୍କ ତରଫରୁ କଣ୍ଟ୍ରାକ୍ଟ କିଲର ଭାବେ କାମ କରୁଥିବା ଜଣାପଡ଼ିଲା ।

ସେଇ ସମୟର କଥା, ଯେତେବେଳେ ହିନ୍ଦୀ ଓ ଉର୍ଦ୍ଦୁକୁ ଜାତୀୟ ଭାଷାର ମାନ୍ୟତା ପାଇବାର ଅନେକ ଦିନପରେ ଶାସକ ଦଳ ତରଫରୁ ଏକ ସମିତି ଗଠନ କରାଯାଇ ପ୍ରେମଚନ୍ଦ, ନେରୁଦା, ଫୈଜ, ନଜରୁଲ୍ କିମ୍ବା ନିରାଲାଙ୍କୁ ଜାତୀୟ ଲେଖକ ଅଥବା ଜାତୀୟ କବିର ମାନ୍ୟତା ଦେବାକୁ ସ୍ଥିର କଲେ ।

ସେଇ ସମୟ, ଯେତେବେଳେ ବଂଚିବାର ଅନ୍ୟୋପାୟ ନପାଇ ଜଣେ ଦରଦୀ, ଋଣ ଆଉ ରୋଗଗ୍ରସ୍ତ ହେଇ ନିଜ ସ୍ତ୍ରୀ ଏବଂ ଦୁଇ ପିଲାଙ୍କୁ ବିଷଦେବା ପରେ ନିଜେ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲା । ଏବେ ସେ ଲୋକଟି ହତ୍ୟା ତଥା ଆତ୍ମହତ୍ୟା ପାଇଁ ଉଦ୍ୟମ କରୁଥିବା ଅଭିଯୋଗରେ ଭାରତୀୟ ପିଂଗଳ ଧାରାର ଦଫା ୩୦୨ ଏବଂ ୩୦୯ ରେ ଅଭିଯୁକ୍ତ ହେଇ ଜେଲ ଭୋଗୁଛି ।)

ତଦନ୍ତ ରିପୋର୍ଟ ମୋହନ ଦାସକୁ ଏବେ ଖୁବ୍ ଆଘାତ ଦେଇଛି । ଘନଶ୍ୟାମ ବାବୁ ଏବଂ ଗୋପାଳଦାସ ପୁଣି ଥରେ ଯାଇ ଜେନେରାଲ୍ ମ୍ୟାନେଜରକୁ ଭେଟିଲେ ଏବଂ ଆଉ ଥରେ ତଦନ୍ତ କରିବାକୁ ଅନୁରୋଧ କଲେ । ମାତ୍ର ସେ ମନା

Digitized by PPRACHIN, SOA

କରିଦେଲେ । ସେ କହିଲେ, ଆମର ସବୁଠୁ ସମର୍ଥ ତଥା ଦାୟିତ୍ୱ ସଂପନ୍ନ ଅଧିକାରୀ ନିଜେ ଏଇ ତଦନ୍ତ କରିଛନ୍ତି ଏବଂ ମୁଁ ତାଙ୍କ ରିପୋର୍ଟ ଉପରେ ସନ୍ଦେହ କରିପାରିବି ନାହିଁ । ପରେ ସେମାନେ ଜାଣିବାକୁ ପାଇଲେ, ବିଷନାଥ ଓ ଅମିତା ଜେନେରାଲ ମ୍ୟାନେଜର ତାଙ୍କ ଲେନିନ୍ ନଗର କ୍ୱାର୍ଟରକୁ ଡାକି ଖାଇବା ପିଇବା ବନ୍ଦୋବସ୍ତ କରିଥିଲେ ଏବଂ ତାଙ୍କ ପତ୍ନୀକୁ ସମାଜସେବା କାର୍ଯ୍ୟରେ ସଂପୃକ୍ତ ହେବା ପାଇଁ ଆମନ୍ତ୍ରଣ କରିଥିଲେ । କଥା ଚାରିଆଡ଼େ ରଟି ଥିଲା ଯେ ଅମିତାର ପାପୁଲିରେ ନିଜ ହାତ ଛନ୍ଦିଥିଲେ ଖୋଦ୍ ଜେନେରାଲ୍ ମ୍ୟାନେଜର ଏବଂ ଜୁନିୟର ଡିପୋ ସୁପରଭାଇଜର ମୋହନ ଦାସ ଘର ସାମ୍ନାରେ ଜେନେରାଲ ମ୍ୟାନେଜରଙ୍କ ଅଧିକାଂଶ ଦିନ ଅଟକି ରହୁଥିଲା । କାରଣ, ଜେନେରାଲ୍ ମ୍ୟାନେଜରଙ୍କ ରୋମାଂଚକର ଜୀବନ ଯାପନ ପ୍ରତି ଥିଲା ଅହେତୁକ ଦୁର୍ବଳତା ।

ମୋହନ ଦାସ ଠିକ୍ ଭାବରେ ଖାଇ ପାରୁନଥିଲା, ଶୋଇ ପାରୁନଥିଲା କିମ୍ବା କୌଣସି କାମ କରିପାରୁନଥିଲା । ନାନା ପ୍ରକାର ଅଦ୍ଭୁତ ପ୍ରଶ୍ନ ଓ ସନ୍ଦେହ ତା' ମନ ଭିତରେ ବାରମ୍ବାର ଉଠି ତାକୁ ପାଗଳ କରି ଦେଉଥିଲା । ସେ ଆଶ୍ଚର୍ଯ୍ୟ ହେଉଥିଲା, ଯେଉଁ ଲୋକମାନେ ଭଲ ଚାକିରି କରୁଥିଲେ, ବଡ଼ ଚାକିରି କରିବା ସହ ଉଚ୍ଚାଂଗ ଜୀବନ ଯାପନ କରୁଥିଲେ ସେମାନେ ଯାହା କରୁଥିଲେ ପ୍ରକୃତରେ ସେଇୟା ? ଲେନିନ୍ ନଗରରେ ଜଣେ ବି ହେଲେ ସଚ୍ଚା ଲୋକ ଅଛି, ଯାହା ନାଁ, ବାପା, ମା', ଏବଂ ଠିକଣା ସବୁ ଠିକ୍ ଅଛି ? ମୋହନ ଦାସର ନିଜ ଉପରେ ସନ୍ଦେହ ଆସିଲା । କିଏ ସେ ପ୍ରକୃତରେ ? ମୋହନ ଦାସ ନା ବିଷନାଥ ? ଏମ୍. କି. କଲେଜ, ଯେଉଁଠୁ ସେ ସ୍ନାତକ ପଢ଼ିଥିଲା ସେଇଟା ବି କ'ଣ ତାହେଲେ ବିଷନାଥ ପାଇଁ ? ଲୋକଙ୍କ ଭାଗ୍ୟରେ କ'ଣ ଏମିତି ବରାବର ଘଟିଥାଏ ?

ଘର ଭିତରେ ଗୋଟେ କଣକୁ ଯାଇ ସେ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରୁ ଆସିଥିବା ପୋଷ୍ଟ କାର୍ଡ଼ଟିକୁ ଖୋଜିବାରେ ଲାଗିଲା, ଯେତେବେଳେ ସେ କାର୍ଡ଼ଟି ପାଇଲାନି, ସେ କସ୍ତୁରୀ ସହ ଝଗଡ଼ା କଲା । ତା' ନାଁ ଓ ଠିକଣା ଥିବା କିଛି କାଗଜପତ୍ର ସେ ଠାବ କଲା ଏବଂ ଗାଁରେ ଯାଇ ସବୁ ଲୋକଙ୍କୁ ଦେଖାଇଲା, ସେମାନଙ୍କ ଭିତରୁ କେହିକେହି ଚୁପ୍ ରହୁଥିଲେ ତା' କଥା ଶୁଣି, କେହିକେହି ରାଜନୀତିକ ନେତା କିମ୍ବା ବଡ଼ ଅଫିସରଙ୍କୁ ଦେଖା କରିବାକୁ ପରାମର୍ଶ ଦେଲେ । ମାତ୍ର ମୋହନ ଦାସର ମାନସିକ ଅବସ୍ଥା ଯାହାଥିଲା, ସେ ସବୁର ପ୍ରଶ୍ନ ହିଁ ଉଠୁନଥିଲା । ସେ ଯାହେଉନା କାହିଁକି, ଏଇଟା ଗୋଟେ ଅଜବ ପରିସ୍ଥିତି ଥିଲା । ଗାଁର ମୁଖିଆ ବିଷନାଥକୁ ଅସଲ

Digitized by PPRACHIN, SOA

ମୋହନ ଦାସ ବୋଲି ପ୍ରମାଣ ପତ୍ର ଦେଇ ସାରିଥିଲା । ମୁଖିଆର ପୁଅ ତା' ବାପା ସହିତ ଗୁପ୍ତ ମନ୍ତ୍ରଣା କରି ଏଇ ସୁଯୋଗକୁ ଅପେକ୍ଷା କରିଥିଲା, କେତେବେଳେ ମୋହନ ଦାସ ପୂରାପୂରି ଭାଂଗି ପଡ଼ିବ ଏବଂ ତା' ସ୍ତ୍ରୀକୁ ସାଂଗରେ ଆଣି, ତା' ଗାଈଗୋରୁଙ୍କ ରକ୍ଷଣାବେକ୍ଷଣ ପାଇଁ କାକୁତି ମିନତୀ କରିବ ।

ମୋହନ ଦାସ ଲକ୍ଷ୍ୟ କଲା, ଯଦି ସରକାରଙ୍କ ତରଫରୁ ଗାଁରେ ଗୋଟେ ନଳକୂଅ ବସାଯିବା ପାଇଁ ମଂଜୁରୀ ଆସୁଥିଲା, ସେଇଟା ସବୁବେଳେ ବଡ଼ ଲୋକଙ୍କ ଘର ସାମ୍ନାରେ ବସାଯାଉଥିଲା । ଯଦି କେବେ ଶିକ୍ଷକମାନେ ନିଯୁକ୍ତି ପାଉଥିଲେ, ଅଂଗନବାଡ଼ି, ଯୋଜନାରେ ମହିଳାମାନଙ୍କୁ ନିଯୁକ୍ତି ଦିଆ ଯାଉଥିଲା, ଇନ୍ଦିରା ବିକାଶ ଯୋଜନାରେ ବଣ୍ଟା ଯାଉଥିବା ଘର ସବୁ, କୂଅ ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ମିଳୁଥିବା ଟଙ୍କା, ନେହେରୁ ରୋଜଗାର ଯୋଜନା ଅନ୍ତର୍ଗତ ବେକାରୀମାନଙ୍କୁ ମିଳୁଥିବା ସୁବିଧା କେବଳ ଥିଲାବାଲାଙ୍କ ଭିତରେ ହିଁ ବଣ୍ଟା ଯାଉଥିଲା । ଶାରଦା ଓ ଦେବଦାସ ତାକୁ ଥରେ କହିଥିଲେ ଯେ ତାଙ୍କ ସ୍କୁଲରେ ଜାତିର ତାରତମ୍ୟକୁ ନେଇ ମଧ୍ୟାହ୍ନ ଭୋଜନ ବି ବଣ୍ଟା ଯାଉଥିଲା ।

ଅନେକ ଦିନ ପରେ, ସେଦିନ ମୋହନ ଦାସ ତା'ର ପିଲାଦିନର ସାଂଗ ବିରନ୍ ବୈଗା ପାଖକୁ ଯାଇଥିଲା । ସାଂଗରେ ଥିଲା ଗୋପାଳ ଦାସ । ସେଠି ସେ 'ମହୁଆ' ମଦ ସାଂଗକୁ ଘୁଷୁରୀ ମାଂସବି ଖାଇଲା । ସେମାନେ ସାତଟାରୁ ପିଇବା ଆରମ୍ଭ କଲେ । ବାଜା ବାଜିଲା । ତା' ସାଂଗକୁ ମଧ ଝାଞ୍ଜ । ସେଦିନ ମୋହନ ଦାସ ପକେଟରେ ୧୨୦୦ ଟଙ୍କା ଥିଲା । ଯାହା ସବୁ ସେଦିନ ଖର୍ଚ୍ଚ ହେଲା ସେ ସବୁ ପଇଠ କଲା । ହସ୍ତଶିଳ୍ପ ଦୋକାନର ମାଲିକ ସେ ପଇସା ତାକୁ ଦେଇଥିଲା ସେଦିନ । ବୀରନ୍ ବୈଗାର ସ୍ତ୍ରୀ ଓ ଭଉଣୀ ଏମିତିଆ 'ମହୁଆ' ମଦ ରାନ୍ଧିଥିଲେ ଯେ ଯଦି ସେଥିରୁ ଟୋପାଏ ହାତରେ ନେଇ କାନ୍ଥରେ ଘଷିବ, ତେବେ ସେଥିରୁ ନିଆଁ ବାହାରି ପଡ଼ିବ ।

କିଁଛି ସମୟ ପାଇଁ ମୋହନ ଦାସ ନିଜ ଭିତରେ ଥିବା ଦୁଃଖ ସବୁକୁ ନିକାଲି ଦେବାରେ ସମର୍ଥ ହେଲା । ଢୋଲ ବାଇଦର ତାଳେତାଳେ ସେ ଗାଇବାକୁ ଲାଗିଲା: "ମୋ' ଠିକଣା ମୋତେ ଦେଇଯା, ତୋ' ଠିକଣା ମୋଠୁଁ ନେଇଯା, ହେ ଡ୍ରାଇଭର ।" ରାତି ପାହାନ୍ତା ଦୁଇଟା ବେଳକୁ ଖାଇବା ବଢ଼ା ହେଲା । ସୋରିଷ ତେଲରେ ରନ୍ଧା ଓ ମସଲାରେ କଷା ହୋଇଥିବା ଘୁଷୁରୀ ମାଂସର ବାସ୍ନାରେ ସାରା ଅଗଣା ମହକି ଉଠିଲା । ସମସ୍ତେ ଭୋଜିର ପ୍ରଶଂସା କଲେ । ହେଲେ ମୋହନ

Digitized by PPRACHIN, SOA

ଦାସ ଖୁବ୍ ଚୁପ୍‌ଚାପ୍ ରହିଥିଲା । ସେ ଗାଉଥିବା ଗୀତର ସୁରଟା ତା' ଭିତରେ କୋଉଠି ଠାଏ ଗଣ୍ଠି ପକାଇ ଦେଇଥିଲା । ତା' ଛାତି ଭିତରେ କୋଉଠି ଠାଏ ଖୁବ୍ ଯନ୍ତ୍ରଣା ହେଉଥିଲା, ମାତ୍ର ସେ ସବୁରିଠାରୁ ଅଧିକା ପିଇବାରେ ଲାଗିଥିଲା । ହଠାତ୍ ସେ ଖାଇବା ବନ୍ଦ କରିଦେଲା ଏବଂ ସମସ୍ତଙ୍କୁ କଟମଟ କରି ଅନେଇଲା । ତା' ଆଖି ଜଣଜଣ କରି ଦେଖୁଥିଲା । ହଠାତ୍ ସେ କାନ୍ଦିବାକୁ ଆରମ୍ଭ କଲା ।

ତା' ସାଥିମାନେ ଅନେକ ଦିନ ପରେ ଏମିତିଆ ସୁଆଦିଆ ଖାଦ୍ୟ ଭୋଜନ କରୁଥିବାରୁ ତା'ର ଏପ୍ରକାର କାଣ୍ଡ କାରଖାନାକୁ ଆଦୌ ପସନ୍ଦ କରୁନଥିଲେ । ସେମାନେ ଲଗାତର ଏ ସୁସ୍ୱାଦୁ ଖାଦ୍ୟ ଖାଇ ଚାଲିଥିଲେ ଓ କ'ଣ ହେଲା, ସେ ଆଗ ଖାଉନି କାହିଁକି ବୋଲି ମଝିରେ ମଝିରେ ପଚରା ପଚରି ହେଉଥିଲେ ।

ମୋହନ ଦାସ ତା' ଆଖି ମଳିବାକୁ ଲାଗିଲା ଏବଂ ବୀରନ୍ ବୈଗାକୁ ଚାହିଁ ପଚାରିଲା 'ତୁ କିଏ ? ତୋ ନାଁ କ'ଣ ?'

"ମୋ' ନାଁ ବୀରନ୍, ବୀରନ୍ ବୈଗା ।" କହୁ କହୁ ବୀରନ୍ ହସିବାକୁ ଲାଗିଲା ।

"ଆଉ ତୋ' ବୋପା ମା' କିଏ ? କ'ଣ ତୋ' ବାପାର ନାଁ ?"

"ଡିଣ୍ଡାଓ୍ୱା ବୈଗା ।" ହସି ପକେଇଲା ବୀରନ୍ ଆଉ କହିଲା: 'ନିଶାଟା ଏକଦମ୍ ଜୋର୍‌ରେ ଧରିଛି ।'

ସମସ୍ତେ ହସିବାକୁ ଲାଗିଲେ । ମୋହନ ଦାସର ଆଖି ଲାଲ୍ ପଡ଼ିଗଲା । ହାତରେ ଧରିଥିବା ଭାତ ଗୁଣ୍ଡାକୁ ଥାଳି ଉପରେ ଥୋଇଦେଲା ସେ । ଖୁବ୍ ଜୋର୍ ଦେଇ କହିବାକୁ ଲାଗିଲା 'ହେ ବୀରନ୍, ହେ ପ୍ରମୋଦ ମୁଁ କିଏ ? ସତ କୁହ ମୋ' ଆଗରେ ମୋତେ ଗଧ ବନେଇବାକୁ ଚେଷ୍ଟା କରନା, ତୁମକୁ ମଲାୟା ମାଙ୍କ ରାଣ ।'

'ତୁ ହଉଛୁ ମୋହନ ଦାସ । ତୋ' ବାପା କାବା ଦାସ ଆଉ ମାଆ ପୁତ୍‌ଲୀବାଇ ।' କହୁକହୁ ବୀରନ୍ ଅଇଁଠା ହାତ ମୋହନ ଦାସର ଛାତିରେ ବୋଳିବାକୁ ଲାଗିଲା । ମୋହନ ଦାସ ଥରେ ତା' ଆଡ଼କୁ ଓ ପୁଣି ଯେଉଁମାନେ ହସୁଥିଲେ, ସମସ୍ତଙ୍କୁ ଆଡ଼କୁ କଟକଟ କରି ଚାହିଁଲା । ସେ ନିଶ୍ଚିତ ହେବାକୁ ଚାହୁଁଥିଲା ଯେ ଏମାନେ ପ୍ରକୃତରେ ଗୋଟେ ଲେଖାଁ ମଣିଷ ଏବଂ ସେମାନଙ୍କର ଗୋଟେଗୋଟେ ଅସଲ ପରିଚୟ ଅଛି । ଧୀରେଧୀରେ ତା'ର ଧାରଣା ବଳବତ୍ତର ହେଲା ଯେ ଏମାନେ

Digitized by PPRACHIN, SOA

ଗୋଟେ ଲେଖାଁ ମଣିଷ ସତ, ହେଲେ ସେମାନଙ୍କର ପରିଚୟ ଚୋରି ହେଇଯାଇଛି । ଏମାନେ ସମସ୍ତେ ଠକି ଯାଇଛନ୍ତି । ସେମାନେ ଏବଂ ତା' ଭିତରେ କେବଳ ଏତିକି ପାର୍ଥକ୍ୟ ଯେ ସେ ଏକ ଷଡ଼ଯନ୍ତ୍ରର ଶିକାର ହୋଇଛି ।

ସେ ତା'ର ପିଲାଦିନର ସାଂଗମାନଙ୍କୁ କହିବାକୁ ଚାହୁଁଥିଲା ଯେ ସେମାନେ ସମସ୍ତେ ସରକାରୀ ଦପ୍ତର, ସହର, ସମସ୍ତ ଉଚ୍ଚ ଅଟ୍ଟାଳିକା ଓ ବଂଗଳା, କଳ କାରଖାନା ଓ କୋଇଲା ଖଣି, ଲେନିନ୍ ନଗର, ଗାନ୍ଧିନଗର, ଆମ୍ବେଦକର ନଗର ଓ ଶାସ୍ତ୍ରୀନଗରକୁ ଯିବା ଉଚିତ୍ ଏବଂ ସେଠି ପଚାରିବା ଉଚିତ୍, କାଳେ କେହି ଅବିକଳ ତାଙ୍କର ଅଧିକାର ସାଂଗକୁ ସେମାନଙ୍କ ନାଁ, ବାପାର ନାଁ ଆଉ ଠିକଣା ଚୋରାଇ ନେଇଯାଇଛି । ମଦ୍ୟର ମାତ୍ରାଧିକ ପ୍ରକୋପ ସତ୍ତ୍ୱେ ସେ ଜାଣିଥିଲା ଯେ ସେମାନେ କହିବେ ତା'ର ଟିକେ ଅଧିକା ନିଶା ଚଢ଼ି ଯାଇଛି ।

ବୀରନ୍‌ର ସ୍ତ୍ରୀ ଓ ଶାଳୀ ମଧ ଏଇ ଭୋଜିରେ ସାମିଲ୍ ହୋଇଥିଲେ ଏବଂ ସାଂଗ ହେଇ ପିଇବା ସାଂଗକୁ ବେଶ୍ ଥଟ୍ଟା ତାମସାରେ ମଜ୍ଜି ଯାଇଥିଲେ । ମୋହନ ଦାସ ଟିକେ ଦୂରରେ ବସିଲା କାନ୍ଥକୁ ଆଉଜି । ଆଉ ପାଖରେ ଗୋଟେ ବୋତଲ ପିଉପିଉ ସେ କବୀରଙ୍କ ଦୋହା ଗାଇବାକୁ ଲାଗିଲା । ମଝିରେ ମଝିରେ ତା'ର ହିକା ଉଠୁଥିଲା ।

ସକାଳ ଚାରିଟା ବେଳକୁ ସେମାନେ ତାକୁ ଟେକି ନେଇ ତା' ଘରେ ପହଂଚାଇ ଦେଲେ । କସ୍ତୁରୀ ଆଗରୁ କେବେ ବି ତା' ସ୍ୱାମୀଙ୍କୁ ଏପରି ଅବସ୍ଥାରେ ଦେଖିନଥିଲା । ସେ ବୀରନ୍ ଓ ଗୋପାଳ ଦାସକୁ ଗାଳିଦେବା ଆରମ୍ଭ କରିଦେଲା । ମାତ୍ର ଗୋପାଳ ଯେତେବେଳେ ତା' ଉପରକୁ ହଜାରେ ଟଙ୍କା ଫୋପାଡ଼ି ଦେଲା କସ୍ତୁରୀ ଚୁପ୍ ହୋଇଗଲା । ଗୋପାଳ ଦାସ କହିଲା, 'ଯେତେବାର ମୁଁ ତାକୁ ନ ପିଇବାକୁ କହିଲେ ବି, ମୋ' କଥା ସେ ଶୁଣିଲାନି ଆଦୌ । ଏ ଟଙ୍କା ରଖ, ତା' ପକେଟରୁ ଗଳି ପଡ଼ିଥିଲା ।'

ସକାଳ ସାତଟାରୁ କାବା ଦାସର କାଶ ଆରମ୍ଭ ହେଇଯାଇଥିଲା । ଆଦୌ ଥମିବାର ନାଁ ନେଉନଥିଲା ସେ କାଶ । ପଘା ଛିଣ୍ଡେଇ ଗୋଟେ ଗାଈ ଯିମିତି ଦୌଡ଼େ, ଠିକ୍ ସେମିତି ବିକଳ ହେଇ ଏଣେତେଣେ ଦୌଡୁଥିଲା ତା'ର ସ୍ତ୍ରୀ । ତା'ର କାନ୍ଦର ଲହରୀ ପଡ଼ିଶା ଘରେ ବି ପହଂଚି ଯାଇଥିଲା । କସ୍ତୁରୀ ମୋହନ ଦାସକୁ ହଲେଇ ଉଠେଇବାକୁ ଚେଷ୍ଟା କଲା ମାତ୍ର ସେ ଗୋଟେ ନିର୍ଜୀବ କାଠ ପରି ପଡ଼ି

Digitized by PPRACHIN, SOA

ରହିଥିଲା । ମୋହନ ଦାସ ତା'ର ରକ୍ତ ପରି ଲାଲ୍ ପଡ଼ିଥିବା ଆଖି ଖୋଲିଲା ଯେତେବେଳେ କସ୍ତୁରୀ ଗୋଟେ ବାଲ୍‌ଟି ପାଣି ଆଣି ତା' ଉପରେ ଢାଳି ପକେଇଲା । ତଥାପି ତା' ନିଶା ଛାଡ଼ି ନଥିଲା ।

'ଉଠ ଜଲ୍‌ଦି । ଡାକ୍ତରଙ୍କୁ ଡାକ ।' କସ୍ତୁରୀ ଚିତ୍କାର କରୁଥିଲା ।

ପଡ଼ିଶା ଘରର ସବୁ ଲୋକେ ଏକଜୁଟ୍ ହୋଇ ଯାଇଥିଲେ । ଶାରଦା ଓ ଦେବଦାସ ଡରରେ ତାଙ୍କ ଜେଜେବାପାଙ୍କ ଶେଯ ପାଖରେ ଠିଆ ହୋଇଥିଲେ ।

କାଶ ଯୋଗୁଁ ତଣ୍ଟି ଛିଣ୍ଡି ଯାଇଥିଲା ଏବଂ ପ୍ରତିଟି ପ୍ରଶ୍ୱାସରେ ପୁଳାଏ ଲେଖାଁ ରକ୍ତମିଶା ମାଂସ ବାହାରି ଆସୁଥିଲା ପଦାକୁ । ପିମ୍ପୁଡ଼ିମାନଙ୍କର ଏକ ଲମ୍ବାଧାଡ଼ି ଲମ୍ବି ଥିଲା ସେଇ ମାଂସ ଟୁକୁଡ଼ା ଆଡ଼େ । ଛୋଟଛୋଟ ଶାଗୁଣା ପରି ବେଢ଼ି ରହିଥିଲେ ପୁଳାଏ ଲେଖାଁ ମାଛି ।

ଲୋକେ ମୋହନ ଦାସର ଗୋଡ଼ ଆଡୁ ଟାଣୁଥିଲେ । ବହୁ କଷ୍ଟରେ ସେ ନିଦରୁ ଉଠିଲା ଓ ଚାରିଆଡ଼କୁ ହକ୍କା ବକ୍କା ହେଇ ଚାହିଁବାରେ ଲାଗିଲା । ସେ କାହାକୁ ଚିହ୍ନି ପାରିଲାନି । ତା'ର ଆଖି ସମସ୍ତଙ୍କ ମୁହଁ ଉପରେ ଥରେ ଲେଖାଏଁ ଘୂରି ଆସିଲା । ହଠାତ୍ ତା' ଆଖି କୁଂଚି ହେଲା ଏବଂ ସେ ତାର ଦାଦା ରମାଇକୁ ଚିହ୍ନି ପକେଇଲା । ଖୁବ୍ ବିକଳ ହେଇ ସେ ପଚାରିଲା, 'ଦାଦା, ମୁଁ କିଏ ? ମୋ' ନାଆଁ କ'ଣ ଦାଦା ? କୁହ ମୋତେ, ଦାଦା, କୁହ...' କହୁକହୁ ଲଥ୍ କରି ବସିପଡ଼ିଲା ସେ ।

ଗାଁ ମାଇପିମାନଙ୍କର ବିକଳ କାନ୍ଦ ଓ ଚିତ୍କାର ପ୍ରକମ୍ପିତ କରୁଥିଲା ଆଖପାଖ ବାୟୁମଣ୍ଡଳକୁ । ସବୁଠାରୁ ବେଶି ଉଚ୍ଚ ସ୍ୱର ଶୁଣାଯାଉଥିଲା ପୁତ୍‌ଲୀବାଇର । ଧୀରେଧୀରେ ସେମାନଙ୍କ କାନ୍ଦ ଏକ ଗୀତର ସ୍ୱରକୁ ଆବୋରି ନେଲା ଯେପରି । କାବା ଦାସର ମୃତ୍ୟୁ ହୋଇ ଯାଇଥିଲା । ତା' ଶେଯ ତଳେ ଥିବା ବାଉଁଶ ତା' ପାଖରେ ଖୋସା ହୋଇଥିବା କଟୁରୀକୁ ମାଛି ସବୁ ବେଢ଼ି ଗୁଣୁଗୁଣୁ ଶବ୍ଦ ରଟୁଥିଲେ । ଗତ ରାତିରେ ସେ ବହୁତ ପରିଶ୍ରମ କରିଥିଲା, ରାତିର ବିଳମ୍ବିତ ପ୍ରହର ଯାଏ ସେ ବାଉଁଶ ପାତିଆ ତିଆରି କରିଥିଲା । ଗତ କାଲି ଉପରବେଳା ହସ୍ତଶିଳ୍ପ ଦୋକାନରୁ ଆଉ ଏକ ଅର୍ଡ଼ର ଆସିଥିଲା ।

ସକାଳ ସାଢ଼େ ସାତଟା ବେଳକୁ ତା'ର ପ୍ରାଣବାୟୁ ଉଡ଼ିଗଲା । କସ୍ତୁରୀର କୋଠରୀକୁ ଗୋଟେ ବିଲେଇ ପଶିଗଲା ଏବଂ ସେଠି ବସା ବାନ୍ଧିଥିବା ହଳେ କାଞ୍ଚନିକ

Digitized by PPRACHIN, SOA

ବଣିକୁ ମାରିଦେଲା । କିଛି ଡେଣାର ପର ଓ ରକ୍ତ ବୁନ୍ଦା ଚଟାଣରେ ପଡ଼ିଥିଲା । ଯାହାକୁ ଗତକାଲି କସ୍ତୁରୀ ଗୋବର ପକେଇ ଲିପିଥିଲା ।

ମୋହନ ଦାସର ଆଦୌ ଧାରଣା ନଥିଲା କିପରି ତା' ବାପାର ଦାହ ସଂସ୍କାର ସଂପନ୍ନ ହେଲା, କିପରି ଗାଁ ଲୋକେ ତାକୁ ସିମିତି ଅଚେତ ଅବସ୍ଥାରେ ଛାଡ଼ି ଶବକୁ ବୋହି ନେଇଗଲେ, କିମିତି ତା'ର ମାଆ ତା' ବାପାର ରକ୍ତ ଓ ଅନ୍ୟାନ୍ୟ ମଇଳା ସବୁ ସଫା କରୁ କରୁ କାନ୍ଦୁଥିଲା ଲହରେଇ ଲହରେଇ, କିମିତି ଛୋଟ ପିଲା ଦେବଦାସ ତା' ବାପା ମୁହଁରେ ମୁଖାଗ୍ନି ଦେଇଥିଲା ଏବଂ ପିଲାଦିନର ସାଥି ବୀରନ ବୈଗା ଶେଷକୃତ୍ୟ ସଂପନ୍ନ କଲା । କାରଣ ସେଠାରେ ସେ ନିଜେ ଉପସ୍ଥିତ ନଥିଲା । ମୋହନ ଦାସ ଏସବୁ କିଛି ଜାଣି ନଥିଲା । ପୁରୋହିତ କସ୍ତୁରୀ ଠାରୁ ପାଂଚଶ' ଟଙ୍କା ଝାମ୍ପି ନେଇଥିଲେ ଏକରକମ । ତା' ଛଡ଼ା, ଶବଦାହ କରିବା ପାଇଁ କାଠ ସବୁ ଯୋଗାଡ଼ କରିବାରେ ସାହାଯ୍ୟ କରିଥିବାରୁ ଫରେଷ୍ଟ ଗାର୍ଡ଼ ବି ପାଂଚଶ' ଟଙ୍କା ନେଇଥିଲା । ଗୋପାଳ ଦାସ ଦେଇଥିବା ହଜାରେ ଟଙ୍କା କସ୍ତୁରୀ ହାତରୁ ଏଇମିତି ଚାଲିଗଲା ।

ମୋହନ ଦାସ ଘୁଙ୍ଗୁଡ଼ି ମାରୁଥିଲା । ଥରେ ଦୁଇଥର ସେ ତା' ଆଖି ଖୋଲିଲା । ସେ କୋଉଠି ଅଛି ନିଜେ ଜାଣି ପାରୁନଥିଲା । ପୁଣି ଶୋଇଗଲା ସେ । ହେଇପାରେ ଏଇଟା ସାଧାରଣ ନିଦ, ହେଇପାରେ ମହୁଆ ମଦ ସାଂଗରେ ଯୁରିଆ କିମ୍ୱା ପତ୍ର ମିଶାଇବା, ହେଇପାରେ ଘୁଷୁରୀ ମାଂସ ପଚିଯାଇ ଥାଇପାରେ । ହେଲେ ସେଇଟା ତ ତା' ସହ ପିଇଥିବା ସବୁ ସାଂଗମାନଙ୍କ ସହିତ ଘଟିଥାନ୍ତା । ସେମାନେ ସମସ୍ତେ ସୁସ୍ଥ ସବଳ ଥିଲେ । ଜୁଇ ପାଇଁ ସେଇମାନେ କାଠ ଯୋଗାଡ଼ କଲେ, ଆଉ ଗାଁକୁ ପୁରୋହିତଙ୍କୁ ଡାକିଲେ ଏବଂ ନିୟମ ମୁତାବକ ସମସ୍ତ ପୂଜାକାର୍ଯ୍ୟ ଠିକ୍ ଭାବେ କଲେ । ମୋହନ ଦାସ ବି ସାଧାରଣ ମଦୁଆ ନଥିଲା ।

'ନିଶା ତା' ମୁଣ୍ଡକୁ ଏକଦମ୍ ଚଢ଼ି ଯାଇଛି । ତାକୁ ଦହିଚହ୍ଲା ସାଥିରେ ଜୀରା ଓ କୁଆଣି ଗିଳେଇ ଦିଅ ।' ବୀରନ୍ କହିଲା ।

ଯେତେବେଳେ କସ୍ତୁରୀ ତା' ବେକରେ ମୋହନର ମୁଣ୍ଡ ଆଣି ରଖିଲା, ସେ ତା' ଆଖି ଖୋଲିଲା ଏବଂ ଥରେ କସ୍ତୁରୀ, ପୁଣି ଗୋପାଳ ଦାସ ଆଡ଼କୁ ଚାହିଁଲା । କ୍ଷୀଣ ସ୍ୱରରେ ପଚାରିଲା, 'କିଏ ତୁମେ ନାରୀ ? ମୁଁ କିଏ ? କୁହ ମୋତେ !' ତା'ପରେ ସେ ହସିବାକୁ ଲାଗିଲା ଏବଂ ଖୁବ୍ ମଧୁର ସ୍ୱରରେ ଗାଇବାକୁ ଆରମ୍ଭ କଲା । 'ତୁମେ ବିଳାସପୁରର ଝିଅ ଆଉ ମୁଁ ରେଗାରିଆ । ତମ ମୋ' ମିଳନରେ ସୁନ୍ଦର ହବ...।'

Digitized by PPRACHIN, SOA

କସ୍ତୁରୀ କାନ୍ଦିବା ଆରମ୍ଭ କରିଦେଲା । ଶାରଦା ବି ତା' ସହିତ ମିଶି କାନ୍ଦିଲା, ନିଜ ବାପାର ଏ ଅବସ୍ଥା ଦେଖି ସେ ସହି ପାରୁନଥିଲା । କସ୍ତୁରୀ ହାତରୁ ଦହି ଚହ୍ଲା ନେଇ ଗୋପାଳ ଦାସକୁ ଦେଲା ।

'ପିଇଦେ', ଏ ଓଷଦ ଟକ ।'

ମୋହନ ଦାସ ତାକୁ କଟମଟ କରି ଚାହିଁଲା ଓ ସୁନା ପିଲାଟିଏ ପରି ସବୁ ଢ଼କଢ଼କ ଢ଼କ କରି ପିଇଦେଲା । ମନର କୋଉ ଗୋଟେ କୋଣରେ ଭଲ ହେଇଯିବାର କାମନା ତା'ର ତଥାପି ମୁଣ୍ଡଟେକି ଥିଲା ।

ପାଞ୍ଚ ଦିନ ପାଞ୍ଚ ରାତି ସେଇ ବାରଣ୍ଡାରେ ଗୋଟେ କଡ଼କୁ ଆଉଜି ସେମିତି ଶୋଇ ରହିଲା ମୋହନ ଦାସ । ଚାରିଆଡ଼େ ଖବର ପ୍ରଚାରିତ ହେଇ ଯାଇଥିଲା ଯେ ସେ ପାଗଳ ହେଇ ଯାଇଛି । ତା' ପିଲା ମାଇପ ଅଥବା କାହାରିକି ଚିହ୍ନି ପାରୁନି । କେହିକେହି କହିଲେ, ଏ ସବୁ ରନ୍ଧା ମହୁଆ ମଦ ଯୋଗୁଁ ହେଲା । ପୁଣି କେତେକ କହିଲେ ଯେ ଲେନିନ୍ ନଗରରେ ଯୋଉ ଝାଞ୍ଜି ପବନ ସବୁ ସେ ବୁଲି ଖାଇଲା, ସେଥି ଯୋଗୁଁ ସେ ସ୍ମୃତି ଶକ୍ତି ହରେଇ ବସିଲା । ବିଜୟ ତିଓ୍ୱାରୀ କହିଲା, ମୋହନ ଦାସକୁ ତା' ରୋଗଣା କୁକୁର କାମୁଡ଼ି ଦେଇଛି ।

'ଅପେକ୍ଷା କର ବର୍ଷା ଆସିବା ଯାଏ । ଯେତେବେଳେ ସେ ପାଣି ଦେଖିବ, ପାଗଳା କୁକୁର ଭଳିଆ ସେ ଭୁକିବ ।' ସେ କହିଲା ।

ସବୁରି ତୁଣ୍ଡରେ ଗୋଟେଗୋଟେ ପ୍ରକାର କ'ଥା ଶୁଣା ଯାଉଥିଲା । ସବୁଠାରୁ ବେଶି କଷ୍ଟ ପାଉଥିଲେ ଦେବଦାସ ଓ ଶାରଦା ।

ଅଧିକାଂଶ ତାଙ୍କୁ ସ୍କୁଲରେ ପଚାରୁଥିଲେ "ତୁମ ବାପା କ'ଣ ପାଗଳ ହେଇଗଲା ? ତୁମକୁ ବି କ'ଣ ସେ ଚିହ୍ନି ପାରୁନି ? ସବୁବେଳେ କ'ଣ ସେ ଶୋଉଛି ? ତା'ହେଲେ ଦାନ୍ତଘଷା ଆଉ ଧୁଆଧୋଇ ହେଉଛି କେତେବେଳେ ? ମୁତୁଛି, ଝାଡ଼ା ଯାଉଛି କିମିତି ?"

ପୁଣି ଗୋଟେ ଗୁଜବ ଚାରିଆଡ଼େ ଚହଟି ଗଲା "ଦିନେ ରାତିରେ ମୋହନ ଦାସ ନିଦରୁ ଉଠି ପଡ଼ିଲା, ତା' ବାପର ଟାଙ୍ଗିଆ ଧରି ଘରର ସମସ୍ତଙ୍କୁ ମାରିବାକୁ ଗୋଡ଼ାଇଲା । ଈଶ୍ୱରଙ୍କ କୃପାରୁ କସ୍ତୁରୀ ତାକୁ ଜାବୁଡ଼ି ଧରି ପକାଇଲା ଏବଂ ଅନ୍ଧୁଣୀ ପୁତ୍ଳୀବାଇ ତାକୁ ବାନ୍ଧି ପକାଇଲା । ତା' ନହେଲେ କିଏ ଜାଣେ କ'ଣ ଘଟିଥାନ୍ତା ।"

Digitized by PPRACHIN, SOA

ଏସବୁ ଘଟିଥିଲା ସେଇ ସମୟରେ, ଯେତେବେଳେ ଭାରତ ଉନ୍ନତି ପଥେ ଆଗେଇ ଚାଲିଥିଲା ଏବଂ ଅର୍ଥମନ୍ତ୍ରୀ ଓ ବିଶ୍ୱବ୍ୟାଙ୍କ ରାଜି ହୋଇ ଯାଇଥିଲେ ଯେ ଯଦି ଭାରତ ୧୯୯୦ ମସିହାରୁ ବଜାୟ ରଖି ଆସିଥିବା ଅଭିବୃଦ୍ଧି ହାର ଶତକଡ଼ା ୫.୮ ଭାଗକୁ ବଳବତ୍ତର ରଖି ପାରିବ ତେବେ ଖୁବ୍ ଶୀଘ୍ର ଏହା ଆମେରିକାର ସମକକ୍ଷ ହୋଇଯିବ । କାରଣ ଆମେରିକାର ଅଧା ଅଭିବୃଦ୍ଧି ପାଇଁ ଆମେରିକାକୁ ପଚାଶ ବର୍ଷ ଲାଗିଥିଲା ।

ଏପରି ଏକ ସମୟ ଯେତେବେଳେ ହାଡ଼ ଭିତରେ ଯକ୍ଷ୍ମା ରୋଗ ଦ୍ୱାରା ଆକ୍ରାନ୍ତ ହେଇ ମୁଁ ନଅ ମାସ କାଳ ଶଯ୍ୟାଶାୟୀ ହୋଇଥିଲି ଏବଂ ମେରୁ ହାଡ଼ରୁ ଦୁଇଟି ନଷ୍ଟ ହୋଇ ଯାଇଛି ଏବଂ ମୋର୍‌ଟାର ଓ ରକେଟ ଲଞ୍ଚର୍ ଦ୍ୱାରା ସ୍ମିତହାସ୍ୟ ବୁଦ୍ଧଦେବଙ୍କୁ ବାମିୟାନ୍ ପାହାଡ଼ରୁ ଉଡ଼ାଇ ଦିଆ ଯାଇଥିଲା ।

ସେଇ ସମୟ ଯେତେବେଳେ ଦିଲ୍ଲୀରେ ବିଶ୍ୱର ସବୁଠୁ ନୂଆ ଓ ଅଧିକା ପଇସା ଖର୍ଚ୍ଚ ହୋଇଥିବା ରେଲ୍ ବ୍ୟବସ୍ଥା କରାଯାଇ ପାରିଥିଲା । ଏହି ବ୍ୟବସ୍ଥାକୁ ସଂପୂର୍ଣ୍ଣ କରିବା ଲାଗି ଚାରିବର୍ଷ କାଳ ନିଜ ଝାଳ ତୁଣ୍ଡରେ ମାରି ଗରିବ ଲୋକମାନେ ଚାରିଶହ ସତାବନ ହଜାର ବର୍ଗ ମିଟର ମାଟି ଖୋଳିଥିଲେ ଓ ଉଣେଇଶ ହଜାର ଟନ୍ ଯନ୍ତ୍ରପାତି ମଧ୍ୟ ବସାଇଥିଲେ ।

ସେଇ ସମୟ ଯେତେବେଳେ ତିନି ହଜାର ପାଞ୍ଚ ଶହ ସେତୁର ପାଣି ପାଞ୍ଚ କୋଟି ଆଦିବାସୀ ଓ ଦଳିତଙ୍କ ଘର ଓ ଜମି ବୁଡ଼ାଇ ଦେଇଥିଲା, ଯେତେବେଳେ କୋଡ଼ିଏ କୋଟି ଲୋକଙ୍କୁ ପିଇବା ପାଣି ମିଳୁନଥିଲା, ଯେତେବେଳେ ଷାଠିଏ କୋଟି ଲୋକଙ୍କ ପାଇଁ ଗଧୋଇବା, ଘର ତଥା ଶୌଚାଳୟର ସୁବିଧା ନଥିଲା ।

ସେଇ ସମୟ ଯେତେବେଳେ ଦିଲ୍ଲୀରେ ବାମପନ୍ଥୀ ଦଳ ପେଟ୍ରୋଲ ଦର ବଢ଼ିବା ବିରୁଦ୍ଧରେ ଆନ୍ଦୋଳନ ଆରମ୍ଭ କରିଦେଇଥିଲେ, ଯଦିଓ ଦେଶର ଶତକଡ଼ା ନବେ ପ୍ରତିଶତ ଅର୍ଥାତ୍ ବୟାନବେ କୋଟି ଜନତା ପେଟ୍ରୋଲ ହିଁ ବ୍ୟବହାର କରୁନଥିଲେ କେବେ ।

ସେଇ ସମୟ ଯେତେବେଳେ ରାଜସ୍ଥାନର ଟୋଙ୍କ୍ ଏବଂ ଗଂଗାନଗରରେ ଡଜନେ ଚାଷୀଙ୍କୁ ପୁଲିସ ଗୁଳିକରି ମାରିଦେଇଥିଲା, ଯେତେବେଳେ ସେମାନେ ମରିଯାଉଥିବା ଫସଲ ପାଇଁ ପାଣି ନେବାକୁ ବିକଳ ହେଉଥିଲେ ଏବଂ ରାଗରେ ପୋଲିସ୍ ଉପରକୁ ଟେକା ପଥର ଫୋପାଡ଼ି ଥିଲେ ।

Digitized by PPRACHIN, SOA

ସେଇ ସମୟ ଯେତେବେଳେ ରାଜନୀତିକ ନେତା, ଉଚ୍ଚ ପଦସ୍ଥ ସରକାରୀ କର୍ମଚାରୀଙ୍କ ସହାୟତାରେ ଅବଦୁଲ୍ କରିମ୍ ତେଲଗୀ ହଜାରେ କୋଟି ଟଙ୍କାର ନକଲି ଷ୍ଟାମ୍ପ କାଗଜ ବିକ୍ରି କରିପାରିଥିଲା । ଯେତେବେଳେ ପୋଖରାନ୍‌ରେ ପରମାଣୁ ପରୀକ୍ଷା ତଥା କାର୍‌ଗିଲ୍ ଯୁଦ୍ଧ ପାଲଟି ଯାଇଥିଲା ଇତିହାସ, ଏବଂ ସୀମାପାର ହେଇ ଆତଯାତ କରୁଥିଲା ବନ୍ଧୁତ୍ୱର ବସ୍ ।

ସେଇ ସମୟ ଯେତେବେଳେ କଠିନା ନଦୀ ଉପରେ ଏକ ପୋଲ ନିର୍ମାଣ କରାଯାଇଥିଲା ଗୋଟେ କାଗଜ କାରଖାନାର ବ୍ୟବହାର ପାଇଁ ଏବଂ ଯେଉଁ ନଦୀ ପଠାରେ ମୋହନ ଦାସ ରାତିରେ କସ୍ତୁରୀକୁ ଗୋଡ଼ାଇ ଗୋଡ଼ାଇ ଧରିଥିଲା ଓ ପାଣି ଭିତରକୁ ଠେଲି ଦେଇଥିଲା ତାରାମାନଙ୍କ ଲୁଚେଇ ଆଲୁଅରେ ଏବଂ ଦୁଇ ଜଣଙ୍କ ମିଳନର ଉପହାର ଭାବେ ପାଇଥିଲା କୁନି ଝିଅ ଶାରଦାକୁ ।)

ମୋହନ ଦାସ ତା'ର ମାନସିକତା କିମ୍ବା ସ୍ମୃତି ଶକ୍ତି ହରାଇ ନଥିଲା । ପାଞ୍ଚ ଦିନର ଅଚେତ ଅବସ୍ଥା ଅଥବା ଅତୁଟ ନିଦ୍ରା ଯୋଗୁଁ ତା'ର ମନ ଭିତରେ ସୃଷ୍ଟି ହୋଇଥିବା ଘା ଭଲ ହେଇଯାଇଥିଲା । ଯେତେବେଳେ ସେ ନିଦରୁ ଉଠିଲା, ସେ କିଏ ବୋଲି ଜାଣିପାରିଲା ନିଜେ । ସେ ଜାଣି ପାରିଥିଲା, କାହିଁକି ତାକୁ ଚାକିରି ମିଳିଲାନି । କାରଣ ସମାଜର ଏକ ଅନୁନ୍ନତ ଶ୍ରେଣୀର ଲୋକ ଥିଲା ସେ । କୌଣସି ଦଳ, ମାଫିଆ ଅଥବା ଗୋଷ୍ଠୀ ସହ ସାମିଲ୍ ନଥିଲା । ଯଦ୍ୱାରା କ୍ଷମତାଶୀଳ ବ୍ୟକ୍ତିଙ୍କ ନିକଟତର ହୋଇ ପାରିବ । ସେ ଜାଣିଥିଲା ବିଷନାଥ ଯିଏ ଓରିଏଣ୍ଟାଲ କୋଲମାଇନ୍‌ସରୁ ପ୍ରତିମାସ ଦଶ ହଜାର ଟଙ୍କା ହଡ଼ପ କରି ନେଉଥିଲା, ସେ ମୋହନ ଦାସ ହିଁ ନ'ଥିଲା । ସେ ଥିଲା ପ୍ରକୃତରେ ଗୋଟେ ଜାତିବାଦୀ, ଗୋଟେ ଠକ ଆଉ ଧୋକାବାଜ । ମାତ୍ର ସେ ଏତେ ଶକ୍ତିଶାଳୀ ଥିଲା ଯେ ମୋହନ ଦାସ ତା' ସାମ୍ନାରେ ଏକ ରୋଗିଣା ମୂଷା ଛଡ଼ା ଅଧିକା କିଛି ନଥିଲା । ଏକଥା ବି ସେ ଜାଣିଥିଲା ଯେ ତା' ଭଳି ଏଇମିତି ଲକ୍ଷଲକ୍ଷ ଲୋକ ପ୍ରତାରିତ ଏବଂ ଲୁଣ୍ଠିତ ହେଉଛନ୍ତି । ମାତ୍ର ଏହାକୁ ପ୍ରତିରୋଧ କରିବାର ଶକ୍ତି ନାହିଁ ସେମାନଙ୍କର ।

ମୋହନ ଜାଣେ ଯେ ତା'ର ବାପା ଯକ୍ଷ୍ମା ରୋଗରେ ପୀଡ଼ିତ ଥିବାବେଳେ ପ୍ରବଳ ଖଟିଖଟି ମରିଗଲା । ମାତ୍ର ଏକଥା ପ୍ରମାଣ କରିବା ଥିଲା ତା' ସାଧ ବାହାରେ । କାରଣ ବିଷନାଥର ବାପା ନଗେନ୍ଦ୍ରନାଥ, ଯାହାକୁ ଲୋକେ କାବା ଦାସ ବୋଲି ଜାଣନ୍ତି, ସେ ଏବେ ଜୀବିତ ଅଛନ୍ତି ଏବଂ ଏକଥା ପ୍ରମାଣିତ କରିବା ପାଇଁ ତାଙ୍କ ପାଖରେ କାଗଜପତ୍ର ସବୁ ମହଜୁଦ୍ ରହିଛି ।

Digitized by PPRACHIN, SOA

ମୋହନ ଦାସ ଏକ ରକମ ଚୁପ୍ ହୋଇଗଲା । ସେ ଖୁବ୍ କମ୍ କଥା କହୁଥିଲା । ଯେହେତୁ ନଦୀରେ ବନ୍ଧ ପଡ଼ିଯିବା ଫଳରେ ତା'ର ଜୀବିକା ନିର୍ବାହର ଏକ ପନ୍ଥା ସେ ହରାଇଲା, ସେ ପୁଣି ଥରେ ଇମ୍‌ରାନ୍‌ର ଷ୍ଟାର କମ୍ପ୍ୟୁଟର କେନ୍ଦ୍ରକୁ ଯାଇ ଟାଇପ୍ କରିବା, ଫଟୋ କପି କରିବା ଏବଂ ପ୍ରିଣ୍ଟ୍ ଆଉଟ୍ କାଢ଼ିବା ଆଦି ଶିଖିଲା । ତା'ର ପୁଅ ଦେବଦାସ ଦୁର୍ଗା ଅଟୋ ଓ୍ୱାର୍କସ୍‌କୁ ଯାଇ ହେଲପର କାମ କଲା । ବିଷ୍ଣନାଥର ପୁଅର ଯତ୍ନ ଆଉ ନେଉନଥିଲା ଶାରଦା, କାରଣ ତା'ର ପରିବାର ଲେନିନ୍ ନଗରକୁ ଚାଲିଯାଇଥିଲେ । ବଜାରରେ ଶିଖା ମାଡାମ୍‌ଙ୍କ 'ଐଶ୍ୱର୍ଯ୍ୟା ବିଉଟି ପାର୍ଲର'ରେ କାମ କଲା । ଶିଖା ତାକୁ ଖୁବ୍ ଭଲ ପାଉଥିଲା ଏବଂ ତାର ସ୍କୁଲ୍ ପାଠ କରିବାରେ ସାହାଯ୍ୟ କରୁଥିଲା ।

'ଦେଖିବୁ, ମୁଁ ତତେ ଗୋଟେ ମଡେଲ କରିଦେବି । ତୁ ହେବୁ ବିଶ୍ୱସୁନ୍ଦରୀ । ସବୁବେଳେ ତୋ' ଚେହେରା ଟିଭି ଚ୍ୟାନେଲ୍‌ରେ ଦେଖାଯିବ ।' ସେ ତାକୁ କହୁଥିଲା ।

ଆଠ ବର୍ଷର ଝିଅ ଶାରଦା ସବୁବେଳେ ଏହା ହିଁ ହବାର ସ୍ୱପ୍ନ ଦେଖୁଥିଲା । କସ୍ତୁରୀ ବିଲରେ ଖଟିବାକୁ ଯାଉଥିଲା । କାବା ଦାସର ମୃତ୍ୟୁ ପରେ ପୁତ୍‌ଲୀବାଇର ଆଣ୍ଠୁ ଦିଟାଯାକ ଗଣ୍ଠିବାତ ଯୋଗୁଁ ଅଚଳ ହୋଇଗଲା । ସେ ଆଉ ଆଦୌ ଚାଲୁ ନଥିଲା । ସେ ଟିକେ ଆରାମ ପାଇବା ଲାଗି ବାଡ଼ି ପଟକୁ ଯାଇ ବସୁଥିଲା । ତା'ର ଦୃଷ୍ଟିଶକ୍ତି ପୂରାପୁରି ନଷ୍ଟ ହେଇଯାଇଥିଲା । ମୋହନ ଦାସ କମ୍ପ୍ୟୁଟର କେନ୍ଦ୍ରରେ ହର୍ଷବର୍ଦ୍ଧନ ସୋନିକୁ ଭେଟିଲା । ଆଇନ ସମ୍ବନ୍ଧିତ କିଛି କାଗଜପତ୍ର ଟାଇପ୍ ଓ ନକଲ କରିବା ଲାଗି ସେଠାକୁ ଆସିଥିଲେ । ମୋହନ ଦାସ ଏଣିକି ଖୁବ୍ ଜଲଦି ଟାଇପ୍ କରିପାରୁଥିଲା । ସେ ଟାଇପ୍ କରୁ ତା' ଜୀବନର ଏଇ କଥା ସବୁ ତାଙ୍କୁ କହି ଚାଲିଥିଲା ।

ମୁଁ ଯେଉଁ ଆଦର୍ଶଗତ ଦଳ ପାଇଁ ବିଂଶ ଶତାବ୍ଦୀର ଶେଷ ଭାଗ ଆଡ଼କୁ କାମ କରୁଥିଲି, ହର୍ଷବର୍ଦ୍ଧନ ସେଇ ଦଳର ଆଦର୍ଶ ଦ୍ୱାରା ପ୍ରେରିତ ହୋଇ କାମ କରୁଥିଲେ । ତାଙ୍କ ଜୀବନରେ ଅନେକ ଉତ୍ଥାନ ପତନ ବି ଆସିବା ସହ ଅନେକ ଦ୍ୱନ୍ଦ୍ୱର ସେ ସାମ୍ନା କରିଥିଲେ ତାଙ୍କ ଜୀବନରେ । ତାଙ୍କର ବାପା ଜଣେ ମାଧ୍ୟମିକ ସ୍କୁଲ ଶିକ୍ଷକ ଥିଲେ ଓ ତାଙ୍କର ଗୋଟିଏ ଦୋକାନ ଥିଲେ ମଧ୍ୟ ସେ ଜଣେ ମୁକ୍ତ ଚିନ୍ତକ ତଥା ସମ୍ବେଦନଶୀଳ ବ୍ୟକ୍ତି ଥିଲେ । ତାଙ୍କର ବଡ଼ ଭାଇ ଶ୍ରୀବର୍ଦ୍ଧନ ଇଂଜିନିୟରିଂ କଲେଜରେ ସର୍ବ ପ୍ରଥମ ପାଶ୍ କରିଥିଲେ ବି ଛଅ ବର୍ଷ କାଳ ତାଙ୍କୁ କୌଣସି ଚାକିରି ନମିଳିବାରୁ ପାଞ୍ଚବର୍ଷ ତଳେ ସେ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିଲେ । ଏ ଘଟଣା ହର୍ଷବର୍ଦ୍ଧନଙ୍କୁ ଗଭୀର ଭାବେ ଆଘାତ ଦେଇଥିଲା ଓ ସ୍କୁଲରେ ପଢୁଥିବା

Digitized by PPRACHIN, SOA

ସମୟରେ ସେ ଏଇ ବୈପ୍ଳବିକ ଆନ୍ଦୋଳନରେ ଯୋଗଦେଇଥିଲେ । ପରେ ସେ ନିଜ ଜାତି ବାହାରରେ ଜଣେ ଝିଅକୁ ବାହା ହୋଇଥିଲେ ଓ ଏହା ଫଳରେ ତାଙ୍କର ଘର ସହ ସଂପର୍କ ଛିନ୍ନ ହୋଇଥିଲା ।

ଦଳୀୟ କାମ କରିବା ସହ ସେ ସ୍ଥାନୀୟ ଅଦାଲତରେ ମଧ୍ୟ ଓକିଲାତି କରୁଥିଲେ । ମୋହନ ଦାସ ଠାରୁ ସବୁକଥା ଶୁଣିବା ପରେ ସେ ତା' ପାଇଁ ଲଢ଼ିବାକୁ ନିଷ୍ପତ୍ତି ନେଲେ ।

'ତୁମ ପାଖରେ କେତେ ଟଙ୍କା ଅଛି ?' ମୋହନ ଦାସର ଏକଦା ବ୍ଲୁ ରଂଗର ଥିବା ଏବର ତଳିପକା ପ୍ୟାଣ୍ଟକୁ ଦେଖୁଦେଖୁ ସେ ପଚାରିଲେ । ଏକଥା ବି କହିଲେ 'ମୁଁ ତୁମ ପାଇଁ ଲଢ଼ିବି ଏବଂ ନ୍ୟାୟ ମଧ୍ୟ ଦେବି ।'

ଗୋଟିଏ ମୁହୂର୍ତ୍ତ ପାଇଁ ମୋହନ ଦାସ ବିଶ୍ୱାସ କରିପାରିଲାନି ଯେ କେହି ଜଣେ ତା' ସପକ୍ଷରେ ଲଢ଼ିବାକୁ ଅଣ୍ଟା ଭିଡ଼ିଛି । ତା'ର କଣ୍ଠ ଥରି ଉଠିଲା ।

"ମୋ' ପକେଟରେ ଏବେ ଅଶି ଟଙ୍କା ଅଛି । କିଛି ଦିନ ଭିତରେ ଆଉ ଚାଳିଶି ଟଙ୍କା ମୁଁ ଯୋଗାଡ଼ କରିପାରିବି । ତା' ଛଡ଼ା ଇମ୍ରାନ୍‌କୁ ବି ମାଗିଲେ ଶହେ କି ଦୁଇ ଶ' ଟଙ୍କା ଉଧାର ଦେବ ।' ସେ କହିଲା ।

ହର୍ଷବର୍ଦ୍ଧନ ବୁଝିଗଲେ ମୋହନ ଦାସକୁ ଚାରିଶହରୁ ଅଧିକ ଟଙ୍କା ସମ୍ଭବତଃ ଯୋଗାଡ଼ କରିପାରିବ ନାହିଁ । ଅଥଚ ଏଇ ମୋକଦ୍ଦମା ଚଳାଇବା ଲାଗି ଅନ୍ୟୁନ ପାଞ୍ଚ ହଜାର ଟଙ୍କା ଦରକାର । ଗୋଟିଏ ସରକାରରୁ ଆଉ ଗୋଟିଏ ସରକାର ଦ୍ୱାରା ପ୍ରଣୀତ ଆର୍ଥିକ ନୀତି ଗାଁ ଗଣ୍ଡାର ଆର୍ଥିକ ଅବସ୍ଥାକୁ ଅତ୍ୟନ୍ତ ଦୁର୍ବଳ କରିବା ସହ ଶହଶହ ଇଥିଓପିଆ, ରୁଆଣ୍ଡା ଏବଂ ଘାନା ସୃଷ୍ଟି କରି ଚାଲିଥିବାବେଳେ, ଭାରତର ମହାନଗରୀମାନଙ୍କୁ ଆମେରିକୀୟ ସହର ସହ ସମକକ୍ଷ କରାଇବାରେ ସହାୟକ ହେଉଛି । ଦିଲ୍ଲୀ, ଲକ୍ଷ୍ନୌ, ବମ୍ବେ, ଭୋପାଳ, କଲିକତା ଓ ପାଟନା ବିଶ୍ୱ ବିଦ୍ୟାଳୟମାନଙ୍କର ଅଧ୍ୟପକମାନେ ଯେତେବେଳେ ମାସକୁ ଚାଳିଶି କିମ୍ବା ପଚାଶ ହଜାର ଟଙ୍କା ଦରମା ପାଉଛନ୍ତି, ଯେତେବେଳେ ଜଣେ ସାମ୍ବାଦିକ ଗୋଟେ ଲେଖା ପ୍ରସ୍ତୁତ କରିବା ପାଇଁ ଅତିକମ୍‌ରେ ପାଞ୍ଚଶ'ରୁ ହଜାରେ ଟଙ୍କା ପର୍ଯ୍ୟନ୍ତ ନେଉଛନ୍ତି, ଛୋଟ ଗାଁ ଅଥବା ସହରରେ ମୋହନ ଦାସ ପରି ଲୋକମାନେ କଠିନ ପରିଶ୍ରମ ବଦଳରେ ମାସକୁ ଚାରିଶହ ଟଙ୍କା ଏକାଠି କରିବାକୁ ଚେଷ୍ଟା କରୁଛନ୍ତି ।

ହର୍ଷବର୍ଦ୍ଧନ ଏଥର ନିଜେ ପଇସା ଯୋଗାଡ଼ କଲେ, ସେ ନିଜ ହାତରୁ ହଜାରେ ଟଙ୍କା ଦେଲେ, ଦୁଇଜଣ ବଂଧୁଙ୍କ ପାଖରୁ ଦୁଇହଜାର ଟଙ୍କା ଉଧାର ନେଲେ,

Digitized by PPRACHIN, SOA

ଲବଂ ଲାୟନ୍ସ କ୍ଲବ୍ ତରଫରୁ ମଧ କିଛି ଦାନ ସଂଗ୍ରହ କଲେ । ଏଥର କାମଟି ସେ ହାତକୁ ନେଲେ ନିଜେ । ଅବଶେଷରେ ମୋହନ ଦାସର ମକଦ୍ଦମା ପ୍ରଥମ ଶ୍ରେଣୀ ବିଚାରପତି ଗଜାନନ ମାଧବ ମୁକ୍ତିବୋଧଙ୍କ କୋର୍ଟରେ ବିଚାର ପାଇଁ ଆସିଲା । ବିଚାରପତି ମହୋଦୟ ସିଗାରେଟ୍ ବଦଳରେ ବିଡ଼ି ଟାଣୁଥିଲେ । ତାଙ୍କ ଗାଲରେ ହନୁହାଡ଼ ପଦାକୁ ବାହାରି ଆସିଥିଲା ଏବଂ ଆଖିପତା ତଳେ ଲୋଚାକୋଚା ଗାର ପଡ଼ି ସାରା ମୁହଁ ଯାକ ମାଡ଼ି ଯାଇଥିଲା ।

ମକଦ୍ଦମା ଥିଲା ମୋହନ ଦାସ, ପିତା କାବା ଦାସ, ଜାତି ବିଶ୍ୱକର୍ମା, ଗ୍ରାମ ପୂରବନାରା, ଜିଲ୍ଲା ଅନୁପପୁର, ମଧ୍ୟପ୍ରଦେଶ, ବନାମ -ବିଶ୍ୱନାଥ, ପିତା ନଗେନ୍ଦ୍ରନାଥ, ଜାତି ବ୍ରାହ୍ମଣ, ଗ୍ରାମ ବିଛିଆଟୋଲା, ବର୍ତ୍ତମାନର ଠିକଣା; ଲେନିନ୍ ନଗର, ଓରିଏଣ୍ଟାଲ୍ କୋଲ ମାଇନ୍ସ, ଜିଲ୍ଲା ଦୁର୍ଗ, ଛତିଶଗଡ଼ ।

କାହିଁକି ଜୁନିୟର ଡିପୋ ସୁପରଭାଇଜର ମୋହନ ଦାସକୁ ବିଛିଆଟୋଲାର ବିଶ୍ୱନାଥ ବୋଲି ଚିହ୍ନିତ କରାନଯିବ ବୋଲି ସାକ୍ଷ୍ୟ ପ୍ରମାଣ ଦେବା ଲାଗି ମାନ୍ୟବର ଅଦାଲତ ଓରିଏଣ୍ଟାଲ୍ କୋଲ୍ ମାଇନ୍ସ ସଂସ୍ଥା ତଥା ଏହାର ଜେନେରାଲ୍ ମ୍ୟାନେଜର ଏସ୍.କେ. ସିଂହ ଏବଂ ଶ୍ରମ କଲ୍ୟାଣ ଅଧିକାରୀ ଏ.କେ. ଶ୍ରୀବାସ୍ତବଙ୍କୁ ନିର୍ଦ୍ଦେଶ ଦେଲେ । ଅନୁପପୁର ଓ ଦୁର୍ଗ ଜିଲ୍ଲା କମିଶନରଙ୍କୁ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୁଇ ସପ୍ତାହ ମଧ୍ୟରେ ବିବରଣୀ ଦାଖଲ କରିବା ଲାଗି ନିର୍ଦ୍ଦେଶ ଦେଲେ ।

ବିଡ଼ିପିଆ ବିଚାରପତିଙ୍କ ଅଦାଲତରେ ହାଜର ହେବା ଲାଗି ନିର୍ଦ୍ଦେଶ ଓରିଏଣ୍ଟାଲ୍ କୋଲ୍ ମାଇନ୍ସରେ ଏକ ଶିହରଣ ସୃଷ୍ଟି କଲା । ସ୍ଥାନୀୟ ଖବରକାଗଜମାନେ ବଡ଼ ବଡ଼ ଅକ୍ଷରରେ ଛାପିବା ଆରମ୍ଭ କଲେ 'ପ୍ରକୃତ ମୋହନ ଦାସ କିଏ ?' 'ଆଜତକ୍' ଏବଂ 'ଏନ୍‌ଡିଟିଭି'ର ସ୍ଥାନୀୟ ପ୍ରତିନିଧିମାନେ ଏ ଘଟଣାର ଅନୁସନ୍ଧାନ କରି ବିଭିନ୍ନ ସାକ୍ଷାତକାର ଓ ବିବରଣୀ ଭୋପାଳ ଓ ଦିଲ୍ଲୀ ପଠାଇଥିଲେ । ମାତ୍ର ଏ ଘଟଣାଟି ଜାତୀୟସ୍ତରର ଘଟଣା ନହୋଇ ଥିବାରୁ ଅଥବା ବଡ଼ ରାଜନୀତିକ ନେତା କିମ୍ବା ଦିଲ୍ଲୀ, ଭୋପାଳ ଓ ଲକ୍ଷ୍ନୌର କୌଣସି ଅଧିକାରୀ ଏଥିରେ ସଂପୃକ୍ତ ନଥିବାରୁ ଏହା ମୁଖ୍ୟ ସମ୍ବାଦର ମାନ୍ୟତା ପାଇପାରିନଥିଲା ।

(ଏ ଘଟଣା ସେତିକିବେଳର ଯେତେବେଳେ ବିଧୂଭୂଷଣ ଚୋପ୍ରାଙ୍କ ଚଳଚ୍ଚିତ୍ର 'ମୁନ୍ନାଭାଇ ଏମ୍‌ବିବିଏସ୍' ବଜାରରେ ଖୁବ୍ ଚହଳ ପକାଇଥିଲା, ଜର୍ଜ ବୁଶ୍ ଓ ଟୋନି ବ୍ଲେୟାର୍ ପୁନର୍ବାର ନିର୍ବାଚନରେ ବିଜୟୀ ହେଇ କ୍ଷମତାସୀନ ହୋଇଥିଲେ । ଦାଢ଼ି

Digitized by PPRACHIN, SOA

ରଖି ବୁଲା ଫକୀରଙ୍କ ପରି ଦେଖାଯାଉଥିବା ବନ୍ଦୀ ସଦ୍ଦାମ ହୁସେନ୍ ବନ୍ଦୀଶାଳାରେ କବିତା ଲେଖିବା ଆରମ୍ଭ କରିଥିଲା ଆରବୀ ଭାଷାରେ । ମଣ୍ଡଳ କମିଶନ୍ ଖ୍ୟାତି ପ୍ରାପ୍ତ ଭାରତରେ ଭୂତପୂର୍ବ ପ୍ରଧାନମନ୍ତ୍ରୀ ଭି.ପି.ସିଂହ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲେ, ତାଙ୍କର ବୃକକ୍ ମଧ୍ୟ ନଷ୍ଟ ହୋଇ ଯାଇଥିବାରୁ ଜୟପ୍ରକାଶଙ୍କ ପରି ଡାଏଲେସିସ୍ ଦରକାର ପଡୁଥିଲା । ସେ ନିଃସଂଗ ଜୀବନ ବିତାଇବା ସହ ତୈଳଚିତ୍ର ଆଙ୍କୁ ଥିଲେ ।

ସେଇସମୟ ଯେତେବେଳେ ପାଟଣାର ଜିଲ୍ଲାପାଳ ବନ୍ୟା ଦୁର୍ଗତଙ୍କ ପାଇଁ ଆସିଥିବା କୋଟିକୋଟି ଟଙ୍କା ନିଜେ ଆତ୍ମସାତ୍ କରିନେଇଥିଲେ । ସେଇସମୟ ଯେତେବେଳେ ନୂଆ ସରକାରଙ୍କ ଦ୍ୱାରା ଏପରି ଜଣେ ବ୍ୟକ୍ତିଙ୍କୁ ଚଳଚ୍ଚିତ୍ର ପ୍ରମାଣପତ୍ର ସମିତିରେ ଅଧ୍ୟକ୍ଷ ପଦରେ ନିଯୁକ୍ତି ଦିଆ ଯାଇଥିଲା ଯିଏ ଜଣେ ନବାବଙ୍କ ଗାଡ଼ିରେ ମହଜୁଦ୍ ଥିବା ଗୋଟିଏ ମଲା କୃଷ୍ଣସାର, ଠେକୁଆ, ଟର୍ଚ୍ଚ, ଶିକାର ପାଇଁ ବନ୍ଧୁକ ଆଦି ଦୃଶ୍ୟକୁ ଏହି ଚଳଚ୍ଚିତ୍ରରୁ ହଟାଇବା ପାଇଁ ଅସମର୍ଥ ଥିଲେ ।

ଏପରି ଏକ ସମୟ ଯେତେବେଳେ ହିନ୍ଦୀ ଭାଷା ଓ ସାହିତ୍ୟ ସମ୍ବନ୍ଧୀୟ ପଦବୀମାନଙ୍କରେ ନିଜର ସଂପର୍କୀୟ ତଥା ନିକଟବର୍ତ୍ତୀ ଲୋକମାନଙ୍କୁ ନିଯୁକ୍ତିକାରୀମାନେ ଚାକିରିରେ ଭର୍ତ୍ତି କରୁଥିଲେ ଏବଂ ଏ ସଂପର୍କରେ ଲୋକସଭାରେ କେବେ ବି ପ୍ରଶ୍ନ ଉଠି ନଥିଲା କିମ୍ବା କୌଣସି ସିବିଆଇ ଅନୁସନ୍ଧାନ ମଧ୍ୟ ହୋଇନଥିଲା ।

ଯେତେବେଳେ ଶାସନରେ ଥିବା ପ୍ରତି ସରକାରଙ୍କ ଅଧୀନରେ ଥିବା ମାନବ ସଂସାଧନ ବିକାଶ ମନ୍ତ୍ରଣାଳୟ ଏକ ରୁଗ୍‌ଣ ସରକାରୀ ସଂସ୍ଥା ପାଲଟିବା ସହ ବହୁଳ ସଂଖ୍ୟାରେ ବିଦ୍ୱାନ, ଶିକ୍ଷକ, ସମାଜତତ୍ତ୍ୱବିଦ୍, ଲେଖକ, ବୁଦ୍ଧିଜୀବୀ, ଐତିହାସିକ ଓ କଳାକାର ସୃଷ୍ଟି କରୁଥିଲା, ଯେତେବେଳେ ଯୁବ ମସ୍ତିଷ୍କ ତଥା ହୃଦୟ ପାଇଁ ସଂଘର୍ଷମୟ ପରିସ୍ଥିତିରେ ବାରମ୍ବାର ପାଠ୍ୟପୁସ୍ତକମାନ ରଚନା କରାଯାଉଥିଲା । ଯେତେବେଳେ ଭାରତ ସାରା ବିଶ୍ୱର ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର ତାଲିକାରେ ସତର ସ୍ଥାନରେ ଥିଲା, ପରମାଣୁ ଶକ୍ତି ଉତ୍ପାଦନ କ୍ଷମତା ଥିବା ଷଷ୍ଠ ରାଷ୍ଟ୍ର ଭାବେ ବିଶ୍ୱରେ ମାନ୍ୟତା ପାଇଥିଲା, ଲୋକ ସଂଖ୍ୟାରେ ବିଶ୍ୱରେ ଦ୍ୱିତୀୟ ଏବଂ ଦାରିଦ୍ର୍ୟ ଦେଶମାନଙ୍କ ସୂଚକାଙ୍କରେ ବଂଗଳାଦେଶ ଠାରୁ ସାମାନ୍ୟ ଆଗରେ ରହିଥିଲା ।)

ଦୁଇଟି କାରଣରୁ ହର୍ଷବର୍ଦ୍ଧନ ଏବଂ ମୋହନ ଦାସ ବିଶ୍ୱାସ କରୁଥିଲେ ଯେ ସେମାନଙ୍କୁ ନ୍ୟାୟ ନିଶ୍ଚିତ ଭାବେ ମିଳିବ । ପ୍ରଥମଟି ହେଲା, ସେମାନଙ୍କ ବିଚାରପତି ବିଡ଼ି ପିଉଥିଲେ, ରାସ୍ତାକଡ଼ ଦୋକାନରୁ ଗରମ ଚା' ପିଉଥିଲେ ଏବଂ ଏକଦମ୍

Digitized by PPRACHIN, SOA

ଦୁର୍ନୀତିମୁକ୍ତ ବ୍ୟକ୍ତି ଥିଲେ । ଏହାଛଡ଼ା, ସତ୍ୟ ହିଁ ସେମାନଙ୍କ ସପକ୍ଷରେ ଥିଲା । ସେମାନେ ପ୍ରକୃତ ମୋହନ ଦାସ ପାଇଁ ଲଢୁଥିଲେ ।

କସ୍ତୁରୀ ଜୀବନର ଶୁଷ୍କ ବୃକ୍ଷରେ ସବୁଜପତ୍ର କଅଁଳିବା ଆରମ୍ଭ କରିଥିଲା । ପୁତ୍‌ଲୀବାଈ ପୂର୍ବପରି ଅନ୍ଧୁଣୀ ଥିଲା ଏବଂ ଗୋଟାଏ ଲୋଚାକୋଚା ଗୁଡ଼ି ପରି ଗୋଟାଏ କୋଣରେ ପଡ଼ି ରହିଥିଲା ।

ମକଦ୍ଦମା ଶୁଣାଣି ଦିନ ମୋହନ ଦାସ ଖୁବ୍ ତରତର ହେଇ ଖାଉଥିଲା, କାରଣ ସେ ନିର୍ଦ୍ଧାରିତ ସମୟ ପୂର୍ବରୁ ଅଦାଲତକୁ ଯିବା ଲାଗି ପ୍ରସ୍ତୁତ ହେଉଥିଲା । ବିଡ଼ିପିଆ ହାକିମଙ୍କର ବିଳମ୍ବକୁ ବରଦାସ୍ତ କରୁନଥିବାର ବଦ୍‌ନାମ୍ ରହିଗଲା । ଠିକ୍ ସେତିକିବେଳେ ପୁତ୍‌ଲୀବାଈ ରଡ଼ିଛାଡ଼ିଲା 'ଆରେ ଦେବଦାସ, ଜଲ୍‌ଦି ଘର ଭିତରେ ଦେଖ । ମତେ ଲାଗୁଛି ମନର ମଇନା ନୂଆ ବସା ବାନ୍ଧିଲାଣି ।' ଯେତେବେଳେ ମୋହନ ଦାସ କୋର୍ଟ ଯିବା ଲାଗି ଘରୁ ଗୋଡ଼ କାଢ଼ିଲା, ପୁତ୍‌ଲୀବାଈ ଗୀତ ଗାଇବା ଆରମ୍ଭ କଲା । ଓରିଏଣ୍ଟାଲ୍ କୋଲ୍ ମାଇନ୍‌ସର ଜେନେରାଲ୍ ମ୍ୟାନେଜର ନିଜେ ଅଦାଲତରେ ହାଜର ହେଲେ ନାହିଁ । ଶ୍ରମିକ କଲ୍ୟାଣ ଅଧିକାରୀ ଶ୍ରୀବାସ୍ତବ ହାଜର ହେବା ସଂଗେସଂଗେ ସେ କରିଥିବା ତଦନ୍ତ ବିବରଣୀ ଅଦାଲତଙ୍କ ଯାଞ୍ଚ ନିମନ୍ତେ ପେଶ୍ କଲେ । ହର୍ଷବର୍ଦ୍ଧନ ବିଛିଆଟୋଲାର ଯେଉଁ ଦି'ଜଣ ସାକ୍ଷୀଙ୍କୁ ଆସିବା ପାଇଁ ଠିକ୍ କରିଥିଲା ଏବଂ କୋଲିୟାରୀରେ କାମ କରୁଥିବା ମୋହନ ଦାସ ପ୍ରକୃତରେ ବିଷନାଥ ବୋଲି ଶପଥପତ୍ର ଦାଖଲ କରିବାର ଥିଲା, ସେ ଦୁଇଜଣ ଅଦାଲତରେ ଆଦୌ ହାଜର ହେଲେନାହିଁ । ତୃତୀୟ ସାକ୍ଷୀଟି ଆସିଲା । ମାତ୍ର ସେ ତା'ର ବୟାନ ବଦଳାଇ ଦେଲା ଏବଂ ଅଦାଲତରେ ବିଷନାଥକୁ ହିଁ ମୋହନ ଦାସ ବୋଲି ଚିହ୍ନିତ କଲା । ସେ ହର୍ଷବର୍ଦ୍ଧନ ଏବଂ ମୋହନ ଦାସକୁ ଆଂଗୁଠି ଦେଖାଇ କହିଲା ଏମାନେ ମୋ' ପାଖକୁ ଆସି ପାଞ୍ଚ ହଜାର ଟଂକା ଲାଞ୍ଚ ଯାଚୁଥିଲେ ଏବଂ ମିଛ ସାକ୍ଷୀ ଦେବାକୁ ପ୍ରବର୍ତ୍ତାଉଥିଲେ । ସେମାନଙ୍କର ସମସ୍ତ ଚେଷ୍ଟା ଫସର ଫାଟିଗଲା ଓ ଜିଲ୍ଲାପାଳଙ୍କ ନିଷ୍ପତ୍ତି ହିଁ ସେମାନଙ୍କର ଶେଷ ଭରସା ଥିଲା ।

ମାସକ ପରେ ପରବର୍ତ୍ତୀ ଶୁଣାଣି ହେଲା । ମୋହନ ଦାସ ଓ ହର୍ଷବର୍ଦ୍ଧନ ଦୁହେଁ ଏ ଶୁଣାଣିରେ ଚକିତ ହୋଇଗଲେ । ଓରିଏଣ୍ଟାଲ୍ କୋଲ୍ ମାଇନ୍‌ସରେ ଜୁନିୟର ଡିପୋ ସୁପରଭାଇଜର ଭାବେ କାମ କରୁଥିବା ମୋହନ ଦାସର ପରିଚୟକୁ ସନ୍ଦେହ କରିବା ଭଳି କୌଣସି ପ୍ରମାଣ ଜିଲ୍ଲାପାଳଙ୍କ ପାଖରେ ନଥିଲା । ସାଧାରଣତଃ ଘଟଣା ଏଇପରି ହୋଇଥାଏ: ଯେତେବେଳେ ଜିଲ୍ଲାପାଳ ଅନୁସନ୍ଧାନ ପାଇଁ କୌଣସି ଅଦାଲତର ଆଦେଶ

Digitized by PPRACHIN, SOA

ପାଆନ୍ତି ସେ ତାଙ୍କ ଅଧସ୍ତନ ଅଫିସରଙ୍କୁ ତଦନ୍ତ ପାଇଁ ଆଦେଶ କରନ୍ତି ଓ ଏଇପରିକ ତଳକୁ ତଳକୁ ଯାଇ ଶେଷରେ ଘଟଣାର ଅନୁସନ୍ଧାନ ରାଜସ୍ୱ ନିରୀକ୍ଷକଙ୍କ ପାଖରେ ପହଞ୍ଚେ । ରାଜସ୍ୱ ନିରୀକ୍ଷକ ହେଉଛନ୍ତି ସର୍ବନିମ୍ନ ସ୍ତରରେ ସରକାରଙ୍କ ଆଖି, କାନ ଓ ନାକ । ଯେଉଁ ରାଜସ୍ୱ ନିରୀକ୍ଷକଙ୍କ ପାଖରେ ଏ ମକଦ୍ଦମାର ଅନୁସନ୍ଧା ପାଇଁ ଯାଇଥିଲା, ବିଜୟ ତିୱାରୀ ବିଷନାଥକୁ ପୋଲିସ୍ ଗାଡ଼ିରେ ନେଇ ତାଙ୍କୁ ଭେଟିଲା, ସେମାନେ ତାଙ୍କୁ ମଦ ପିଆଇବା ସହ କୁକୁଡ଼ା ମାଂସର ତରକାରୀ ମଧ ଖୁଆଇଲେ ଓ ତାଙ୍କ ପକେଟରେ ଦଶ ହଜାର ଟଙ୍କାର ଗୋଟାଏ ବିଡ଼ା ଭର୍ତ୍ତି କରିଦେଲେ ।

ରାଜସ୍ୱ ନିରୀକ୍ଷକ କମଳ କିଶୋର ଦୁହିଁଙ୍କ ଗୋଡ଼ତଳେ ପଡ଼ିଗଲା ଏବଂ କହିଲା 'ତୁମକୁ ମୁଁ କେମିତି ଭୁଲିପାରିବି ? ଏଇତକ ଟଙ୍କା ବଦଳରେ, ମାଦୁର୍‌ଚୋଦ୍ ମୁଁ ମଇଁଷିକୁ ହାତୀ, ଜମିକୁ ରାସ୍ତା, ଆଉ ସମଲିଂଗୀକୁ ଛଅଟା ପିଲାର ମାଆ ବନେଇ ଦେଇପାରିବି ।' ସେ ଟଂକା ବିଡ଼ାଟା ନିଜ ବ୍ୟାଗ୍ ଭିତରେ ରଖିଦେଲା, ମ୍ୟାକ୍‌ଡୋଏଲ୍ ନମ୍ବର-୧ ବ୍ରାଣ୍ଡ ମଦରୁ ଗୋଟେ ପେଗ୍ ଏକା ଲହସରେ ଢୋକି ଦେଲା ଏବଂ ସେଇଠି ବସି ପନ୍ଦର ମିନିଟ୍ ଭିତରେ ଜିଲ୍ଲାପାଳଙ୍କ ପାଇଁ ଆବଶ୍ୟକ ହେଉଥିବା ଅନୁସନ୍ଧାନ ବିବରଣୀ କାଗଜରେ ଲେଖି ପକାଇଲା । ସ୍ୱାଧୀନତାର ଷାଠିଏ ବର୍ଷ ପରେ ବି ବ୍ରିଟିଶ୍ ସରକାରଙ୍କ କଳଂକି ଲଗା ପ୍ରଶାସନିକ ବ୍ୟବସ୍ଥାର କ୍ରୀତଦାସମାନେ ନଗେନ୍ଦ୍ରନାଥର ପୁଅ ବିଶ୍ୱନାଥକୁ କାବା ଦାସର ପୁଅ ମୋହନ ଦାସରେ ପରିଣତ କରିଦେଲେ ।

ମୋହନ ଦାସ ପୁଣି ଥରେ ଭାଂଗି ପଡ଼ିଲା । ସେ ମଲେୟା ମା' ଠାକୁରାଣୀଙ୍କ ମନ୍ଦିର ସାମ୍ନାରେ ଘଣ୍ଟାଘଣ୍ଟା ଧରି ପ୍ରାର୍ଥନା କଲା । ଉଚ୍ଚ ଜାତିର ଲୋକମାନେ ସେଠାକୁ ଆଦୌ ଯାଉନଥିଲେ । ସେମାନଙ୍କ ପାଇଁ ଅଲଗା ଭଗବାନ ଥିଲେ । ସେଠି ବ୍ରାହ୍ମଣ ପଣ୍ଡିତ ନ'ଥିଲେ, ଥିଲେ ଜଣେ ଗୋସେଇଁ । ଦଳିତ ଓ ଆଦିବାସୀଙ୍କ ସଂସ୍ପର୍ଶରେ ଆସିଥିବାରୁ, କୁହାଯାଏ, ସେ କୁଆଡ଼େ ନୀଚ ସ୍ତରର ବ୍ରାହ୍ମଣ ହୋଇଯାଇଥିଲେ ।

ସେଇ ସମୟରେ ନିଜ ସ୍ୱାଂଗରେ ଗୋଟେ ଦାଆ ଧରି କସ୍ତୁରୀ ବାହାରକୁ ଯିବା ଆସିବା କରୁଥିଲା । ସେ ଜାଣିଥିଲା ଦିଟା ପିଲାର ମା'ହେବା ପରେ ବି ସେ ଗାଁରେ ସବୁଠୁ ସୁନ୍ଦରୀ ଥିଲା ଏବଂ ଉଚ୍ଚ ଜାତିର ଲୋକ ଗୁଡ଼ାକ ତା' ଉପରେ ଛଞ୍ଚାଣ ପରି ଦୃଷ୍ଟି ପକାଉଥିଲେ । ଦିନେ ଜଣେ ସ୍ତ୍ରୀ ଲୋକର କାମ ସରିବା ପରେ ଯେତେବେଳେ ତା' ଜାଗାରେ ସେ କାମ କରିବାକୁ ଯାଉଥିଲା ବୁଦାମୂଳେ ସେମାନେ ଖସ୍‌ଖସ୍ ଶବ୍ଦ ଶୁଣିପାରିଲା । ସେ ଠିଆ ହୋଇ ପଡ଼ିଲା ଓ ଅଣ୍ଟାରୁ ଦାଆ କାଢ଼ିଲା ।

Digitized by PPRACHIN, SOA

'କିଏ ସେ ବୁଦାରେ ଲୁଚିଛି ? ତୋ' ଗରମ ଏଇନେ ନିକାଲି ଦେବି, ହାରାମୀ !' ସେ ଚିଲ୍ଲେଇଲା ।

ଅନ୍ୟ ମାଇପିମାନେ ସେ ବୁଦା ମୂଳକୁ ଘେରି ଗଲେ । ହଠାତ୍ ଗୋଟେ ଚଡ଼ି ପିନ୍ଧା ଫୁଙ୍ଗୁଳା ଦିହରେ ସେ ବୁଦା ଭିତରୁ ବିଜୟ ତିୱାରୀ ବାହାରିଲା ଓ ଦୌଡ଼ିବାକୁ ଲାଗିଲା । ତା' ଫୁଙ୍ଗୁଳା ଦିହ ଗୋଟେ ତରଭୁଜ ଭଳି ଦେଖା ଯାଉଥିଲା । ସବୁ ମାଇପିମାନେ ତା' ପଛରେ ଗୋଡ଼େଇ ଗୋଡ଼େଇ ବିଧା ଗୋଇଠା ମାରୁଥିଲେ ଆଉ ଚିଲ୍ଲାଉଥିଲେ । 'ଡାକ ଆଜି ସେ ଟିଭିବାଲାଙ୍କୁ, ଯା ଫଟୋ ନିଅନ୍ତୁ । ଦୌଡ଼ି, ଦୌଡ଼ି କେମିତି ପୁଲିସଟି ଚଡ଼ିରେ ଝାଡ଼ା ଫେରିଲାଣି ।' ବିଜୟ ତିୱାରୀର ଭଗବାନଙ୍କ ପ୍ରତି ଖୁବ୍ ଡର ହେଇଯାଇଥିଲା । ଯଦି ସତକୁ ସତ ମୋହନ ଦାସ ଆଉ ତା' ଓକିଲ ସାମ୍ବାଦିକମାନଙ୍କ ସହ କଥା ହୁଅନ୍ତି, ତା' ଅବସ୍ଥା ସତରେ କଣ ହେବ ?

(ଏସବୁ ଘଟଣା ଘଟିଥିଲା ସେଇ ସମୟରେ ଯେତେବେଳେ ଏସିଆ ମହାଦେଶର ଇତିହାସରେ ପ୍ରଥମ ଥର ପାଇଁ ଜଣେ ମହିଳା କମ୍ୟୁନିଷ୍ଟ ଦଳର ପଲିଟିବ୍ୟୁରୋର ସଦସ୍ୟ ହୋଇଥିଲେ । ଆଉ ଜଣେ ମହିଳା ଭାରତର ପ୍ରଧାନମନ୍ତ୍ରୀ ପଦକୁ ଅଗ୍ରାହ୍ୟ କରିଦେଇଥିଲେ । ଯେତେବେଳେ ଅନବରତ ହସୁଥିବା ତିନିଜଣ ମହିଳା ପୃଥିବୀର ସବୁଠୁ ଚର୍ଚ୍ଚିତ ଚଳଚ୍ଚିତ୍ର ଉତ୍ସବରେ ବିଚାରପତି ଭାବେ ସ୍ଥାନ ପାଇଥିଲେ, ଯେଉଁଠି ଋତ୍ୱିକ ଘଟକଙ୍କ 'ସୁବର୍ଣ୍ଣରେଖା' ଓ 'କୋମଳ ଗାନ୍ଧାର' କିମ୍ବା ଶୈଳେନ୍ଦ୍ରଙ୍କ 'ତିସ୍‌ରୀ କସମ୍' ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇପାରିନଥିଲା ।

ସେଇ ସମୟ ଯେତେବେଳେ ଜଣେ ଆମେରିକୀୟ ମହିଳା ଅଧିକାରୀ ଆବୁ ଘ୍ରାଇବ୍ ଜେଲ୍‌ରେ ଇରାକୀ ବନ୍ଦୀମାନଙ୍କୁ ଲଂଗଳା କରି ବନ୍ଦୀମାନଙ୍କର ଏକ ପିରାମିଡ୍ କଲେ ଏବଂ ଆମେରିକାର ଜାତୀୟ ପତାକା ଧରି ନିଜେ ପିରାମିଡ୍‌ର ଶୀର୍ଷକୁ ଚଢ଼ିଗଲେ । ସେଇ ସମୟ ଯେତେବେଳେ ଲିଂଗ ହିଁ ଶକ୍ତିର ପରିପ୍ରକାଶ ଭାବେ ଗ୍ରହଣ କରାଯାଉଥିଲା । ସେଇ ସମୟ ଯେତେବେଳେ ଉତ୍ତର-ପୂର୍ବର ଜଣେ ମହିଳାଙ୍କୁ ଦିଲ୍ଲୀର ଧଉଲାକୁଆଁ ପାଖରୁ କାର୍ ଭିତରୁ ଟାଣି ନିଆଯାଇଥିଲା । ସେଥିରେ ପାଞ୍ଚଜଣ ଆରୋହୀ ଅଢ଼େଇ ଘଣ୍ଟା ଧରି ଉକ୍ତ ମହିଳାଙ୍କୁ ଧର୍ଷଣ କରିଥିଲେ । କାର୍‌ଟି ଭିଆଇପି ଗଳିରେ ଯିବା ଆସିବା କରୁଥିଲା । ଇମ୍ଫାଲ୍‌ରେ ମନୋରମା ଧର୍ଷଣରେ ଉତ୍‌କ୍ଷିପ୍ତ କୃଷ୍ଣ ଉପାସକ ମୈତ୍ରେୟୀ ମହିଳା ପ୍ରତିବାଦ ସ୍ୱରୂପ ଲଂଗଳା ହେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

Digitized by PPRACHIN, SOA

ସେଇ ସମୟରେ ଯେତେବେଳେ ଦୁଇଜଣ ମହିଳା ସରଦାର ସରୋବର ଯୋଜନା ବିରୁଦ୍ଧରେ ଲଢ଼େଇକରି ହାରି ଯାଇଥିଲେ ଏବଂ ଚାଳିଶ ହଜାର ଦଳିତଙ୍କ ଘର ପାଣିରେ ବୁଡ଼ି ଯାଇଥିଲା । ହାରି ଯାଇଥିବା ଏବଂ ବାସଚ୍ୟୁତ ହୋଇଥିବା ନାରୀମାନଙ୍କ ଚେହେରା ହିଁ ସବୁ ସମୟରେ ଟିଭି ପର୍ଦ୍ଦାରେ ଦେଖା ଦେଉଥିଲା ।

ସେଇ ସମୟ ଯେତେବେଳେ ମୁଁ ଦିଲ୍ଲୀରୁ ବୈଶାଳୀ ଏବଂ ଗାଜିଆବାଦ୍‌ର ଝଣ୍ଡାପୁର ଅଂଚଳକୁ ଚାଲି ଯାଇଥିଲି, ଯେଉଁଠି ସଫଦର ହାସ୍‌ମୀଙ୍କୁ ହତ୍ୟା କରାଯାଇଥିଲା ଓ ସେ ଯାଗା ମୋ' ଛାତ ଉପରୁ ସ୍ପଷ୍ଟ ଦେଖାଯାଉଥିଲା ।)

ବିଷନାଥ ହିଁ ହେଉଛି ମୋହନ ଦାସ, ଏହାର ପର୍ଯ୍ୟାପ୍ତ ପ୍ରମାଣ ବିଚାରପତି ମୁକ୍ତିବୋଧଙ୍କ ପାଖରେ ରହିଥିଲା । ତା' ହେଲେ ତାଙ୍କ ପାଖରେ ଯେଉଁ ଗରିବ ଲୋକଟି ଠିଆହୋଇ ନିଜକୁ ମୋହନ ଦାସ ବୋଲି ଦାବି କରୁଥିଲା ସେ ପ୍ରକୃତରେ କିଏ ? ଅବଶ୍ୟ ବର୍ତ୍ତମାନର ମକଦ୍ଦମା ସହିତ ସେ କଥାର କୌଣସି ସଂପର୍କ ନାହିଁ । ଯଦି କେହି ଆଉ ଗୋଟେ ମକଦ୍ଦମା ଦାୟର କରେ ତେବେ ସେ ଘଟଣାକୁ ଭିନ୍ନ ଭାବରେ ବିଚାର କରାଯାଇପାରେ ।

ହର୍ଷବର୍ଦ୍ଧନ ଲଗାତର ତିନିରାତି ଶୋଇ ପାରିଲାନି । ସେ ମୋ' ପାଖକୁ ଇ-ମେଲ୍ ପଠାଇଲା । ସେ ଲେଖିଥିଲା: ସବୁ କଥାର ଗୋଟେ ସୀମା ଅଛି । ସମସ୍ତେ ଜାଣନ୍ତି ଯେ ମୋ' ମହକିଲ୍ ହେଉଛି ପ୍ରକୃତ ମୋହନ ଦାସ । ମାତ୍ର ସେ କଥା ପ୍ରମାଣ କରିବା ଲାଗି ମୋ' ପାଖରେ କିଛି ତଥ୍ୟ ହିଁ ନାହିଁ । ଆମ ଦୁହିଁଙ୍କୁ ଧମକ ମିଳି ସାରିଲାଣି । ରାସ ବିହାରୀ ରାୟଙ୍କୁ ବିଷନାଥ ତା'ର ଓକିଲ ଭାବେ ଠିଆ କରେଇଛି । ଶାସକ ଦଳର ଜଣେ ତୁଂଗ ନେତା, ନଗରପାଳିକା, ସରକାରୀ ତଥା ବେସରକାରୀ ସଂସ୍ଥାର ମୁଖ୍ୟ ମଧ୍ୟ । ମୋହନ ଦାସର ପାଞ୍ଚ ଜଣ ବନ୍ଧୁ ତା' ସପକ୍ଷରେ କୋର୍ଟରେ ସାକ୍ଷୀ ଦେବାକୁ ରାଜି ହେଇଛନ୍ତି, ମୁଁ ସେମାନଙ୍କୁ ଯେମିତି ରାସ୍ତା କଡ଼ରୁ ଉଠେଇ ଆଣିଛି, ଏଇମିତି ଲାଗୁଛନ୍ତି ସେମାନେ ।

ହୋଇପାରେ ମୋତେ ହାକିମ୍‌ଙ୍କୁ ଦେଖା କରିବାକୁ ପଡ଼ିବ । ସେ ଜଣେ ମରାଠୀ ଲୋକ, ମାତ୍ର ତାଙ୍କର ହିନ୍ଦୀ ଖୁବ୍ ଖରାପ । ସେ ବିଡ଼ି ପିଅନ୍ତି ଏବଂ କୋର୍ଟରେ ଶେଷରେ ରାସ୍ତା କଡ଼ରୁ ଠେଲା ଗାଡ଼ିରୁ ଗରମ ଚା ପିଅନ୍ତି । ତାଙ୍କ କପାଳର କାନମୁଣ୍ଡା ପାଖରେ ଗୋଟେ ବଡ଼ ଶିରା ଅଛି । ଯେତେବେଳେ ସେ ଗଭୀର ଚିନ୍ତାରେ ଥାନ୍ତି ସେ ଶିରା ଧପଧପ୍ ହୁଏ । ମୋର ଭୟ ହୁଏ, ଦିନେ ନା' ଦିନେ ସେ ଶିରାଟା

Digitized by PPRACHIN, SOA

ଫାଟିଯିବ । ମୁଁ ଦେଖିଛି, ଯେବେ ବି ଅଦାଲତରେ ସେ ମୋହନ ଦାସଙ୍କୁ ଦେଖିଛନ୍ତି ତାଙ୍କ ଆଖିରେ ଏକ ଅସୁସ୍ଥ ଭାବ ଉକୁଟି ଉଠେ । ସେଇଟା ଗୋଟେ ଗୁପ୍ତଚରର ଆଖିପରି । ସବୁରି ହୃଦୟର ଗୋପନ ପ୍ରଦେଶରେ ତାହା ପ୍ରବେଶ କରିପାରେ ଏବଂ ସମସ୍ତ ଗୋପନୀୟ ଭାବନାକୁ ଅକ୍ଲେଶରେ ପଢ଼ିପାରେ । ମୁଁ ଶୁଣିଥିଲି ଯେ ବହି ସବୁକୁ ଖୁବ୍ ଭଲ ପାଆନ୍ତି ଏବଂ ରାତି ତିନିଟା ଯାଏ ବହି ପଢ଼ନ୍ତି ।

'ଆଉ ଗୋଟେ ଆଶ୍ଚର୍ଯ୍ୟ କଥା ମୁଁ ଶୁଣିଛି ତାଙ୍କ ସଂପର୍କରେ । ସେ ହେଉଛନ୍ତି ପ୍ରଥମ ଶ୍ରେଣୀୟ ବିଚାରପତି ଅଥଚ ସରକାର ତାଙ୍କ ପଛରେ ସିବିଆଇ ଲଗାଇଛି ।

ହର୍ଷବର୍ଦ୍ଧନ ଏଥର ଆଗେଇବା ଲାଗି ସ୍ଥିର କଲେ । ଜଣେ ହାକିମଙ୍କୁ ଭେଟିବା ଏକ ବିପଦପୂର୍ଣ୍ଣ ବ୍ୟାପାର । ବିଶେଷ କରି ଏପରି ରହସ୍ୟମୟ ଚରିତ୍ରଙ୍କ ସହିତ । ମାତ୍ର ସେ ତାଙ୍କୁ ଭେଟିବା ଲାଗି ଦୃଢ଼ ପରିକର ହେଲେ ।

ମାତ୍ର ସେତେବେଳେ ସେ ବିଚାରପତି ମୁକ୍ତିବୋଧଙ୍କୁ ଭେଟିଲେ ତାଙ୍କର ଧାରଣା ହେଲା ଯେ ସେ ତାଙ୍କୁ ଭେଟୁ ଏମିତି ସେ ଚାହୁଁଥିଲେ ଏବଂ ସେଥିଲାଗି ସେ ଆସିବାକୁ ବାଧ ହୋଇଥିଲେ ।

'ବସ, ବସ । ମୁଁ ଏବେ ଚା ବନାଏ ।' ଗୋଟେ ଚଉକି ଟାଣି ଆଣି ଦେଇ ବିଚାରପତି ରୋଷେଇଘରେ ପଶିଗଲେ ।

ହର୍ଷବର୍ଦ୍ଧନ ଚାରିଆଡ଼କୁ ଆଖି ପକେଇଲେ । ଘର ସାରା ସବୁ ଜିନିଷ ଛିନ୍‌ଛତ୍ର ହେଇ ପଡ଼ିଥିଲା । ଚାରିଆଡ଼େ କେବଳ ଖୋଲା ବହି, ପାଖରେ ପେନ୍‌ସିଲ୍, କାର୍ଡ଼ ଆଉ ଗଛର ପତ୍ର ପଡ଼ିଥିଲା ବହିରେ ଚିହ୍ନ ଦେବା ଲାଗି । କାନ୍ଥ ଉପରେ ଝୁଲୁଥିଲା ଗାନ୍ଧୀ ଆଉ ମାର୍କ୍ସଙ୍କ ଚିତ୍ର ଏବଂ ତା' ପାଖକୁ ଲାଗି ରଖାଯାଇଥିଲା ଥାକଥାକ ଆଇନ୍ ବହି ଏବଂ ଲାଗୁଥିଲା ବର୍ଷବର୍ଷ ଧରି ସେ ବହିର ପୃଷ୍ଠା ଯେମିତି କେହି ଖୋଲି ନଥିଲା । ଗୋଟେ କଣରେ ରହିଥିଲା ଗାନ୍ଧୀଙ୍କର ଏକ ମୂର୍ତ୍ତି । ଏଇଟା ହିଁ ଥିଲା ଗୋଟେ ଘର ଯେଉଁଠି ଜଣେ ଲୋକ ହିଁ ରହୁଥିଲା । ସେ ଖବର ପାଇଥିଲେ ଯେ ଏକ ବିଚାରପତିଙ୍କର କେବଳ ଆଦିବାସୀ ତଥା ଅନୁନ୍ନତ ଅଂଚଳରେ ନିଯୁକ୍ତି ହେଉଥିଲା ଯେଉଁଠାରେ ବଡ଼ ବଡ଼ ବ୍ୟବସାୟୀ ଓ କ୍ଷମତାଶାଳୀ ଲୋକଙ୍କ ବିରୁଦ୍ଧରେ କୌଣସି ମକଦ୍ଦମା ରୁଜୁ କରିବାର ଆବଶ୍ୟକତା ହିଁ ନଥିଲା ।

Digitized by PPRACHIN, SOA

ବିଚାରପତି ହାତରେ ଚା ଓ କିଛି ବିସ୍କୁଟ ଧରି ଘର ଭିତରକୁ ପଶିଲେ । ଚା ବହୁତ କଡ଼ା, ଅଧିକ ସିଝି ଯାଇଥିଲା । ସମ୍ଭବତଃ ରାସ୍ତା କଡ଼ର ଚା ଥିଲା । ସେମାନେ ଚୁପ୍‌ଚାପ୍ ବସିଲେ ।

କଥାବାର୍ତ୍ତା ଆରମ୍ଭ କରିବା ଭଳି ସାହସ ହର୍ଷବର୍ଦ୍ଧନଙ୍କର ନଥିଲା । ତାଙ୍କ ସାମ୍ନା କାନ୍ଥରେ ବନ୍ଦ ହେଇ ଯାଇଥିବା ଗୋଟେ କାନ୍ଥ ଘଣ୍ଟା ଝୁଲୁଥିଲା, ଲାଗୁଥିଲା, ଯେମିତି ଅନେକବର୍ଷ ତଳୁ ସେଇଟା ଅକାମୀ ହେଇ ପଡ଼ିଛି । ପାଖରେ ଗୋଟେ କ୍ୟାଲେଣ୍ଡର ଝୁଲୁଥିଲା ଯୋଉଥିରେ ପଗଡ଼ି ପିନ୍ଧିଥିବା ବାଲ୍ ଗଂଗାଧର ତିଳକଙ୍କ ଛବି ଥିଲା । କ୍ୟାଲେଣ୍ଡରଟି ଥିଲା ୧୯୬୪ ମସିହାର ।

'ମୁଁ ଜାଣେ, ନିଜକୁ ଦାବୀ କରୁଥିବା ହିଁ ପ୍ରକୃତ ମୋହନ ଦାସ ।' ବିଚାରପତି କହିଲେ ଖୁବ୍ ନରମ ସ୍ୱରରେ । ଯିମିତି ଲାଗୁଥିଲା ତାଙ୍କ ସ୍ୱର କୂଅ ଭିତରୁ ବାହାରୁଛି । ସେ ଏଥର ଚା'ର ଏକ ଲମ୍ୱା ସୁଡୁକା ନେଲେ ଏବଂ କହିଲେ: ଆର ଲୋକଟା ଗୋଟେ ଛଦ୍ମବେଶୀ । ମୋହନ ଦାସର ପରିଚୟ ସେ ଲୋକଟା ଚୋରି କରିଛି । ସେଇଟା ଗୋଟେ ଠକ, ଅପରାଧୀ, ବଦ୍‌ମାସ । ତାଙ୍କର ସ୍ୱର ଥିଲା କ୍ଷୀଣ, ଖୁର ଭଳି ଧାରୁଆ । ସେ ପକେଟରୁ କଠାଏ ବିଡ଼ି ବାହାର କରି, ଭୁଲ ଭାବରେ ଜଳାଇଲେ ଏବଂ ଲମ୍ୱା ଶ୍ୱାସ ଭିତରକୁ ନେଲେ ।

ହର୍ଷବର୍ଦ୍ଧନଙ୍କର ମନେ ହେଲା ଯେ ସେ ଏକ ସମୟ ଯନ୍ତ୍ର ପିଠିରେ ବସି ଯାଇଛନ୍ତି ଏବଂ ତାହା ତାଙ୍କୁ ପାଶ୍ଚାତ୍ ଗତିରେ ନେଇ ଚାଲିଛି ।

'ମୁଁ ସେଇକଥା ହିଁ କହିବାକୁ ଆସିଛି । କିନ୍ତୁ ପ୍ରକୃତ ମୋହନ ଦାସ କିଏ ଆପଣ କେମିତି ଜାଣିଲେ ?' ସେ ପଚାରିଲେ ।

'ବହୁତ ସହଜ, ଯଦି ଆପଣ ଟିକିଏ ସ୍ୱର୍ଣକାତର ଆଉ ଆପଣଙ୍କର ମସ୍ତିଷ୍କ ଥାଏ ।' ସେ ଉତ୍ତର ଦେଲେ । ବିଚାରପତି ମୁକ୍ତିବୋଧ ହଠାତ୍ ଭାବପ୍ରବଣ ହୋଇଗଲେ ଏବଂ ବିଡ଼ିରୁ ଲମ୍ୱା ଶ୍ୱାସଟିକୁ ନେଲେ ।

'ମୁଁ ତିନିରାତି ହେଲା ଶୋଇ ପାରିନି । ଏଇଟା ଗୋଟେ ଅଦ୍ଭୁତ ଏବଂ ଉତ୍ତେଜିତ ଅବସ୍ଥା ।' ତାଙ୍କ ବିଡ଼ି ନିଭି ସାରିଥିଲା ସେତେବେଳକୁ । ତାଂକ ଆଖିପତା ତଳକୁ ନଇଁ ଯାଇଥିଲା ଏବଂ ସେ ଆତ୍ମମୟ ହୋଇ ଯାଇ କହୁଥାନ୍ତି –

'ପୂରା ବ୍ୟବସ୍ଥାଟା ଭୁଶୁଡ଼ି ପଡ଼ିଲାଣି । ନ୍ୟୁୟର୍କର ଯମଜ ଅଟ୍ଟାଳିକା ପରି... । ବର୍ତ୍ତମାନ ନାଗରିକ ଏବଂ ଗରିବ ଜନତାଙ୍କ ପାଇଁ କେବଳ ରହିଛି ଅରାଜକତା

Digitized by PPRACHIN, SOA

ଏବଂ ଦୁର୍ଗତି । ମୁଁ ଭାବୁଛି ଏତେ ଆମେ ପୁଂଜି ଓ କ୍ଷମତାର ଏକ ନୂଆ ଅବତାରକୁ ସାମ୍ନା କରୁଛୁ । ମୋହନ ଦାସକୁ ଏକ ସାଧାରଣ ନ୍ୟାୟ ମିଳୁନି କାରଣ ସେ କାହାକୁ କିଣିପାରୁନାହିଁ ।'

ତାଙ୍କ ହାତର ଆଂଗୁଠି ଥରୁଥିଲା । ତାଙ୍କ କାନମୁଣ୍ଡ ପାଖର ଶିରା ଖୁବ୍ ଜୋର୍‌ରେ ଧପ୍‌ଧପ୍ ହେବାକୁ ଲାଗିଲା । ସେ ହଠାତ୍ ଠିଆ ହେଇ ପଡ଼ିଲେ ଏବଂ ଆଂଗୁଠି ସନ୍ଧିରେ ଥିବା ଅଧାଜଳା ବିଡ଼ିରେ ପୁଣି ଥରେ ନିଆଁ ଧରେଇଲେ ।

କୌଣସି ଅପରାଧ ଜନିତ ଶାସ୍ତି ଶାଶ୍ୱତ ନୁହେଁ । ଗୋଟାଏ ବୌଦ୍ଧିକ ତଥା ଦାର୍ଶନିକ ବ୍ୟବସ୍ଥା ଯାହା ମନେହୁଏ ବୈପ୍ଲବିକ ଏବଂ ଗୋଟେ ସମୟରେ ମନେହୁଏ ଏକ ନିରର୍ଥକ ଆସ୍ଫାଳନ ତଥା ଏକାନ୍ତ ଠକାମୀ । ସମଗ୍ର ଇତିହାସ ହିଁ ଏ ଘଟଣାର ଅବତାରଣା କରେ, ତଥାପି...।'

ସେ ଖୁବ୍ ଜୋରରେ ଏଥର ବିଡ଼ି ଟାଣିଲେ ଏବଂ ପାଟିରେ ଧୂଆଁ ଅଧିକାଂଶ ସମୟ ଯାଏ ପୂରାଇ ରଖିଲେ ଓ ତାଙ୍କ ନିଶ୍ୱାସରେ ନିକୋଟିନ୍‌ର ପ୍ରଭାବକୁ ଅନୁଭବ କରିବାକୁ ଚେଷ୍ଟା କଲେ । ଗୋଟାଏ କର୍କଶ ସ୍ୱରରେ ଏଥର କହିଲେ,

'ମଣିଷ ଭିତରେ ଗୋଟେ ଏପରି ଶକ୍ତି ଅଛି ତାହା କୌଣସି ଶକ୍ତିଦ୍ୱାରା ନିଶ୍ଚିହ୍ନ ହୋଇପାରିବ ନାହିଁ । କୌଣସି ଉପାୟରେ ବି, କୌଣସି ବୟସରେ । ତାହା ହେଉଛି, ନ୍ୟାୟ ପାଇବାର ଆଶା । ଏହାକୁ କେହି ଧ୍ୱଂସ କରିପାରିବ ନାହିଁ । ଏହା ଅବିନଶ୍ୱର, ଅମର । ଏହା ସମୟାତୀତ ।'

ଲିଭି ଯାଇଥିବା ବିଡ଼ିକୁ ସେ ଝରକା ଦେଇ ବାହାରକୁ ଫୋପାଡ଼ିଦେଲେ । ହର୍ଷବର୍ଦ୍ଧନ ଖୁବ୍ ଆମୋଦିତ ହେଉଥିଲେ । କିମିତିଆ ଲୋକଟା ଇଏ ? ଆଇନ ଅଦାଲତ ବିଭାଗରେ ଏପରି ଏକ ବିଚିତ୍ର ଚରିତ୍ର ଦେଖିବା ଆଜିକାଲି ପ୍ରାୟତଃ ଅସମ୍ଭବ ବ୍ୟାପାର ।

ବିଚାରପତି ଘରର ଉପର ତଳ ହେଉଥିଲେ । ହଠାତ୍ ସେ ଅଟକି ଗଲେ ଏବଂ ତାଙ୍କ ଆଖିରେ ଏକ ଅଦ୍ଭୁତ ଉଲ୍ଲାସ ଝଟକି ଉଠିଲା: ଘରକୁ ଯାଅ ହର୍ଷବର୍ଦ୍ଧନ । ବ୍ୟସ୍ତ ହୁଅନାହିଁ । ମୁଁ ଜାଣେ ତମେ ବି ମୋ' ଭଳି ଅନେକ ରାତି ହେଲା ଶୋଇନାହଁ । କହୁକହୁ ଠୋ ଠୋ ହସିବାକୁ ଲାଗିଲେ ।

Digitized by PPRACHIN, SOA

'ଶାନ୍ତିରେ ଯାଆ ଏଥର, ସାଥୀ । ଗୋଟେ ମଲାଘୋଡ଼ା ପରି ଶୋଇଯାଅ ଘରେ । ମୁଁ କିଛି ଗୋଟେ କରିବାକୁ ଯାଉଛି ।' ଏତିକି କହି ସେ ହର୍ଷବର୍ଦ୍ଧନ କାନ୍ଧରେ ତାଙ୍କ ହାତ ଥାପୁଡ଼େଇଲେ । ହର୍ଷବର୍ଦ୍ଧନ ତାଙ୍କ ହାତର ଓଜନ ଆଦୌ ଅନୁଭବ କଲେ ନାହିଁ । ଲାଗୁଥିଲା ଯିମିତି ଗୋଟେ କାଗଜ, ଅଥବା ଫୁଲ କିମ୍ଵା ସ୍ଵପ୍ନର ଓଜନ ତାଙ୍କୁ ଛୁଇଁଦେଲା । ସେ ହର୍ଷବର୍ଦ୍ଧନଙ୍କ କାନରେ ଫୁସ୍ ଫୁସ୍ କରି କହିଲେ, 'ମୋର ଗୋଟେ କ୍ଷମତା ଅଛି । କେବଳ ଗୋଟାଏ ମାତ୍ର କ୍ଷମତା । ସେଇଟା ହେଉଛି ମୁଁ ଗୋପନରେ ଅଦାଲତୀୟ ଅନୁସନ୍ଧାନ କରିପାରିବି । ମୁଁ ନିଜେ ଏହାର ଅନୁସନ୍ଧାନ କରିବି ।' ଯେତେବେଳେ ହର୍ଷବର୍ଦ୍ଧନ ଘରୁ ପଦାକୁ ଆସିଲା, ତା'ର ମନେହେଲା ସେ ତା' ନିଜ ସମୟ ପାଖକୁ ଫେରି ଆସିଛି ଏବଂ ସ୍ୱପ୍ନର ଗୁମ୍ଫା ଭିତରୁ ଏକ ଦୀର୍ଘ ଯାତ୍ରା ପରେ ନିଜ ପୃଥିବୀକୁ ଫେରିଆସିଛି ।

ଚାରିଦିନ ପରେ, ଧୋକାବାଜି, ଠକେଇ, ଚୋରି, ନକଲି ବ୍ୟକ୍ତିତ୍ୱ ତଥା ହଡ଼ପ ଅଭିଯୋଗରେ ବିଚାରପତି ମୁକ୍ତିବୋଧଙ୍କ ଆଦେଶକ୍ରମେ ବିଶ୍ୱନାଥ ଏବଂ ତାର ବାପା ନଗେନ୍ଦ୍ରନାଥଙ୍କୁ ହାତ କଡ଼ା ପକାଗଲା । ଦୁଇ ସପ୍ତାହ ମଧ୍ୟରେ ସେମାନଙ୍କ କର୍ମଚାରୀ ମୋହନ ଦାସ ଓରଫ ବିଶ୍ୱନାଥ ସଂପର୍କରେ ପୂର୍ଣ୍ଣ ବିବରଣୀ ଦେବାପାଇଁ ଓରିଏଣ୍ଟାଲ୍ କୋଲ୍ ମାଇନ୍‌ସ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଗଲା । ଯେଉଁ ମ୍ୟାନେଜର ଓ ଅଫିସରମାନେ ଏଇ ମକଦ୍ଦମାକୁ ନେଇ ଧୋକାବାଜିରେ ଲିପ୍ତ ଥିଲେ ସେମାନଙ୍କ ବିରୁଦ୍ଧରେ ମୁକ୍ତିବୋଧଙ୍କ ଅଦାଲତରେ ବିଭାଗୀୟ ତଦନ୍ତ ପରେ ଆଇନ ସମ୍ମତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁନ ନିର୍ଦ୍ଦେଶ ଦିଆଗଲା ।

ଘଟଣାଟି ଚହଳ ପକାଇଦେଲା ଚାରିଆଡ଼େ । ମିଛ ମୋହନ ଦାସ ଆରେଷ୍ଟ ହେବା ଖବର ସମ୍ବାଦପତ୍ରର ଶିରୋନାମାରେ ପ୍ରକାଶ ପାଇଲା । ଶ୍ରମିକ ସଂଗଠନ, କାରଖାନା କର୍ତ୍ତୃପକ୍ଷ ଭୟଭୀତ ହୋଇ ଯାଇଥାନ୍ତି । ଅନେକ ଅଧିକାରୀ ଦୀର୍ଘ ଛୁଟିରେ ଚାଲି ଯାଉଥିଲେ । ପ୍ରତିଟି ଲେନିନ୍ ନଗର, ଶାସ୍ତ୍ରୀନଗର ଓ ତିଳକ ନଗରରେ ହଜାରହଜାର ବିଶ୍ୱନାଥ ରହୁଥିଲେ । ଯେଉଁମାନେ ନିଜ ପାଇଁ ଗୋଟେଗୋଟେ ପରିଚୟ ଚୋରି କରି ଆଣିଥିଲେ । ବିଚାରପତି ମୁକ୍ତିବୋଧଙ୍କ ଗୁପ୍ତ ଅନୁସନ୍ଧାନ ହିଁ ସେମାନଙ୍କ ଉପରେ ନଜର ପକେଇଲା ।

ବିଚାରପତି ବିଳମ୍ବିତ ରାତି ଯାଏଁ ପଢ଼ାପଢ଼ି କରୁଥାନ୍ତି ।

ମୋହନ ଦାସ: ଆଉ ମୋ' ବାପା ନାଁ କଣ ?

ବୀରନ୍ ବୈଗା: ସେ ମରିଗଲାଣି । ତା' ନାଁ ଥିଲା କାବା ଦାସ ।

Digitized by PPRACHIN, SOA

ମୋହନ ଦାସ: ହଁ, ମୁଁ ମୋହନ ଦାସ ମର୍ତ୍ତ୍ୟରେ ଆଉ ମୋ' ବାପା କାବା ଦାସ ସ୍ୱର୍ଗରେ । ତା' ହେଲେ କୋଉ ମାଦୁର୍‌ଚୋଦ୍ ଏବେ ଅନୁପପୁର ଜେଲ୍‌ରେ ଘଣା ପେଲୁଛି ?

ବୀରନ୍ ବୈଗା: (ଉପରକୁ ଡିଆଁ ମାରିବା ସହ ବଡ଼ ପାଟିରେ କହିଲା) ବିଷନାଥ ୪୨୦, ତା' ବାପା ଡବଲ ୪୨୦, ତା' ସ୍ତ୍ରୀ ୪୨୦ । ଲନିନ୍ ନଗରର ସମସ୍ତ ଅଧିକାରୀ ୪୨୦ ।

ଢ଼ୋଲ ଖୁବ୍ ଜୋର୍‌ରେ ପିଟା ଚାଲିଥାଏ ଆଉ ତା' ସାଂଗକୁ ହର୍ମୋନିୟମ୍‌ର ମୂର୍ଚ୍ଛନା ।

(ଗୋଟେ ଦୁଃଖମୟ, ଆଶାହୀନ ତଥା ରଂଗହୀନ କାହାଣୀର ପରିପ୍ରେକ୍ଷୀରେ ଏଇ ହସଖୁସିର ପରିବେଶ ନିରର୍ଥକ ଲାଗୁନାହିଁ କି ? ଆପଣ ଠିକ୍ ଭାବିଛନ୍ତି । ମାତ୍ର ଆମ ଅଲକ୍ଷ୍ୟରେ କିଛି ସୁଖଦ ମୁହୂର୍ତ୍ତ ଆସେ ଯାହା ଦାରିଦ୍ର୍ୟ ତଥା ଅନ୍ୟାୟର ଶିକାର ହୋଇଥିବା ବ୍ୟକ୍ତିଙ୍କ ଜୀବନକୁ ରଂଗୀନ୍ କରି ଦେଇ ଥାଏ ।

ଯେତେବେଳେ ମନ ମଇନାର ବସାରେ ଛୋଟ ଛୁଆମାନଙ୍କ ଉପରେ କ୍ଷମତା ଓ ଅର୍ଥର ଛଞ୍ଚାଣ କୁଦିପଡ଼େ, କିଛି ସମୟ ପରେ କେବଳ ଦେଖିବାକୁ ମିଳିଥାଏ ରକ୍ତର ଛିଟା ଏବଂ କୁନି ପକ୍ଷୀମାନଙ୍କ ପରର ଟୁକୁଡ଼ା ସେ ରକ୍ତଛିଟାର ଇତିହାସ କେବେ ବି ଲେଖାଯାଏ ନାହିଁ ମାନବ ସମ୍ବଳ ବିକାଶ ମନ୍ତ୍ରଣାୟ ଆନୁକୂଲ୍ୟରେ ଲେଖା ଯାଉଥିବା ଇତିହାସ ବହି ମାନଙ୍କରେ । ନିଜ ସମୟର ରକ୍ତରଂଜିତ ଘଟଣାକୁ ଲୁଚାଇ ରଖିବା କାମ ହେଉଛି ଐତିହାସିକର ।)

ଆଶା କରିନଥିବା ଅନେକ ଘଟଣା ଘଟିଗଲା ସେଇ ମାସରେ । ଦିଲ୍ଲୀ ସହରଠାରୁ ୧୦୫୦ କି.ମି. ଦୂରରେ ଘଟୁଥିବା ଏଇ ଘଟଣାର ଟେର୍ ବି ଆପଣ ପାଇନଥିବେ । ଯାହା ଏଇ କାହାଣୀରେ କୁହାଯାଇଛି । ବିଚାରପତି ମୁକ୍ତିବୋଧଙ୍କର ରାଜନନ୍ଦଗାଁକୁ ବଦଳି ହେଇଯାଇଛି । ଶାସକ ଦଳର ଜଣେ ଟାଣୁଆ ନେତା ଭାବେ ପରିଚିତ ତଥା ବିଷନାଥର ଓକିଲ ରାସ ବିହାରୀ ରାୟ ଗୋଟିଏ ଥର ଶୁଣାଣିରେ ବିଷନାଥ ଓ ତା'ର ବାପାକୁ ଜେଲ୍‌ରୁ ଜାମିନ୍‌ରେ ନେଇ ଆସିଲେ । ଏକଥା ବି ତାଙ୍କ ଦ୍ୱାରା ସମ୍ଭବ ହୋଇ ପାରିଲା ଯେ ପୁଲିସର କାଗଜ ନଥିପତ୍ରରେ କେବଳ ମୋହନ ଦାସ ଓ କାବା ଦାସ ଦୋଷୀ ଭାବେ ରହିଲେ: ମୋହନ ଦାସ ଓରଫ୍ ବିଷନାଥ ଓ କାବା ଦାସ ଓରଫ୍ ନଗେନ୍ଦ୍ରନାଥ । ଜେଲ୍‌ରୁ ଖଲାସ ହେବାବେଳେ

Digitized by PPRACHIN, SOA

ଯେଉଁ ନଥିପତ୍ର ପ୍ରସ୍ତୁତ କରାଯାଇଥିଲା ସେଥିରେ 'ଓରଫ୍' ନାଁ ସବୁ ଖୁବ୍ ଅସ୍ପଷ୍ଟ ଭାବେ ଲେଖା ଯାଇଥିଲା ।

ଏଇ ସମୟରେ ଖବର ପହଂଚିଲା ବିଚାରପତି ମୁକ୍ତିବୋଧଙ୍କର ରାଜନନ୍ଦଗାଁରେ । ମସ୍ତିଷ୍କରୁ ରକ୍ତସ୍ରାବ ବାହାରିଛି ଏବଂ ସେ ବିଳାସପୁରର ଆପୋଲୋ ହସ୍ପିଟାଲ୍‌ରେ ଅଚେତ୍ ଅବସ୍ଥାରେ ପଡ଼ିଛନ୍ତି । ମୁକ୍ତିବୋଧଙ୍କ ପାଖରେ କଂଗ୍ରେସ ସରକାରର ମନ୍ତ୍ରୀ ଶ୍ରୀକାନ୍ତ ବର୍ମା ଓ ଘନିଷ୍ଠ ବନ୍ଧୁ ନେମିଚାନ୍ଦ ଜୈନ୍ ରହିଛନ୍ତି । ସେ ମୃତ୍ୟୁ ସହ ଯୁଦ୍ଧ କରୁଥିଲେ ଏବଂ ବାସ୍ତରୀ ଘଣ୍ଟା ପରେ ଶେଷ ନିଶ୍ୱାସ ତ୍ୟାଗ କଲେ । ତାଙ୍କର ଶେଷ ଶବ୍ଦ ଥିଲା: 'ହେ' ରାମ... ।' ମୋହନ ଦାସ ହର୍ଷବର୍ଦ୍ଧନଙ୍କ ସହ ମିଶି ବେଜାଏ କାନ୍ଦିଲା । ସେମାନଙ୍କ ଜୀବନରୁ ଗୋଟେ ଆଲୁଅ ଯିମିତି ଲିଭିଗଲା ।

ଏବେ ବିଷନାଥ ଓ ତା' ସ୍ତ୍ରୀ ପାଖରେ କୁଡ଼କୁଡ଼ ପଇସା । କୋଲିୟାରୀରେ ସେମାନେ ଏବେ ଦଲାଲି କାମ କରୁଛନ୍ତି । ଏବେ ବି ସେ ବିଜୟ ତିୱାରୀର ଘନିଷ୍ଠ ବନ୍ଧୁ । ବିଜୟ ତିୱାରୀ ଯା ଭିତରେ ଗୋଟେ ରାଜନୀତିକ ନେତା ବନିଯାଇଛି ଏବଂ ଜିଲ୍ଲାସ୍ତରୀୟ ନିର୍ବାଚନ ଲଢୁଛି । ବହୁତ ବଡ଼ବଡ଼ ଲୋକଙ୍କ ସାଥିରେ ତାର ସଂପର୍କ ରହିଛି । ଯେଉଁମାନେ ତାକୁ ସାହାଯ୍ୟ ବି କରୁଛନ୍ତି ।

'ପ୍ରକୃତ ମୋହନ ଦାସ କିଏ, ସେ କଥା ଆମେ ସ୍ଥିର କରିବୁ । ଶଳା, ମାଦୁର୍‌ଚୋଦ୍, ଦି କଉଡ଼ିଆ ଛୋଟଲୋକ, ଦରିଦ୍ର - ଆମ ମୁହଁରେ ଚୂନ କାଳି ବୋଳିଛି । ଏବେ, ଆମେ ତାକୁ ଠିକ୍ କରିବୁ ।'

ସପ୍ତାହକ ତଳେ ଯେବେ ମୁଁ ଗାଁକୁ ଯାଇଥିଲି ହର୍ଷବର୍ଦ୍ଧନଙ୍କ ସହ ମୋର ଦେଖାହେଲା । ଏକ ଅସ୍ୱାଭାବିକ ଅବସ୍ଥାରେ ଥିଲା ସେ । ଆଖି ଗୁଡ଼ାକ ଲାଗୁଥିଲା ଏକଦମ୍ ରକ୍ତ ରଂଜିତ ।

'ମୁଁ ଶୋଇପାରୁନି । କ'ଣ କିଛି ବୁଝିପାରୁନି । ବିଷନାଥ ସଂପର୍କରେ ସମସ୍ତେ ଯାହା କହୁଥିଲେ ପୁରାପୁରି ସତ । ସେଇଟା ଗୋଟେ ବିଷଧର ଗୋଖର ସାପ ।' ସେ କହିଲା ।

ସେ ପୁଣି ଏକ ଦୀର୍ଘଶ୍ୱାସ ନେଲା ଏବଂ କହିଲା 'ଲେନିନ୍ ନଗରରେ ପ୍ରତି ଦୁଇ ତିନି ଦିନରେ ଗୋଟେ ଲେଖା ଅସାମାଜିକ କାଣ୍ଡ ଭିଆଉଛି ବିଷନାଥ । କାହାର ବେକରୁ ସୁନାହାର ଛିଣ୍ଡେଇ ନେଲେଣି ତ କାହାକୁ ପିଟାପିଟି କଲେଣି । ତା' ସ୍ତ୍ରୀ ଏବେ ଚିଟ୍‌ଫଣ୍ଡ ଚଳଉଛି ଆଉ ତା'ଠୁ ପଇସା ଉଧାର ନେଇଥିବା ଘରେ ଜବରଦସ୍ତ ପଶି ଜିନିଷପତ୍ର

Digitized by PPRACHIN, SOA

ନେଇଯାଉଛି । ଲୋକେ ଯାଇ ଥାନାରେ ଏତଲା ଦେଉଛନ୍ତି । ମାତ୍ର ନାଁ ଲେଖୁଛନ୍ତି ମୋହନ ଦାସର । କାରଣ ସେଇ ନାଁରେ ତାକୁ ସମସ୍ତେ ଜାଣନ୍ତି । ତା' ପରେ ପୋଲିସ୍ ଆସୁଛି ପୁରବନାରା ଗାଁକୁ ଏବଂ ଅସଲି ମୋହନ ଦାସକୁ ଧରି ନେଉଛି ।'

ହର୍ଷବର୍ଦ୍ଧନ ପ୍ରକୃତରେ ଅସହାୟ ହେଇ କାନ୍ଦୁଥିଲା ।

'ଇନ୍‌ସ୍ପେକ୍ଟର ବିଜୟ ତିୱାରୀର ସହାୟତାରେ ବିଷନାଥ ହିଁ ପୋଲିସ୍‌କୁ ଲାଞ୍ଚ ଦେଉଥିଲା । ସେମାନେ ମୋହନ ଦାସକୁ ନିସ୍ତୁକ ମାଡ଼ ମାରିଲେ । ସେ ଆଉ ଚାଲି ପାରିଲାନି । ଚାରିଦିନ ତଳେ ତା' ମାଆ ପୁତ୍‌ଲୀବାଇ କୂଅରେ ପଡ଼ି ମରିଗଲା । ଘରେ ଚୁଲି ଜଳାଇବା ପାଇଁ କସ୍ତୁରୀକୁ ହାଡ଼ଭଂଗା ପରିଶ୍ରମ କରିବାକୁ ପଡୁଥିଲା ।

ମୁଁ ଦେଖିଲି ମୋହନ ଦାସ ଆମ ଆଡ଼କୁ ଆସୁଛି । ରଂଗ ଉଡ଼ିଯାଇଥିବା ତାଳିପକା ପ୍ୟାଣ୍ଟ ଆଉ ସାର୍ଟ ବି ନଥିଲା । କେବଳ ପିନ୍ଧିଥିଲା ଆଣ୍ଠୁଲୁଚୁ ନଥିବା ଗୋଟେ ଲୁଗା । ମୁଣ୍ଡ ଚନ୍ଦା ହୋଇ ଯାଇଥିଲା ଏବଂ ଆଖିରେ ଥିଲା ଗୋଲ୍ ଫ୍ରେମର ଚଷମା । ଗୋଟେ ବୁଢ଼ା ଲୋକପରି ବାଡ଼ିଧରି ଚାଲୁଥିଲା ସେ ।

ରାମ୍ ରାମ୍ ଦାଦା । ସେ ମୋତେ ନମସ୍କାର କଲା । ତା'ର ବୟସ ବଢ଼ିଯାଇଥିଲା । ପରାଜୟ ଓ ଯନ୍ତ୍ରଣାର ଗ୍ଲାନିରେ ତା' ଚେହେରା ମଉଳି ଯାଇଥିଲା ଏବଂ ଗୋଟେ ଅଶି ବର୍ଷର ବୁଢ଼ା ପରି ଦେଖାଯାଉଥିଲା । ସେ ନଥ୍ କରି ତଳେ ବସିଗଲା ଆଉ ଭୋଭୋ ହେଇ କାନ୍ଦିଲା । ତାପରେ ଆମର ଜାତୀୟ ଭାଷା ହିନ୍ଦୀରେ କହିଲା 'ମୋତେ ବଂଚାଅ ।' ଯେକୌଣସି ଅଦାଲତକୁ ଯାଇ ମୁଁ ଶପଥପାଠ କରିବାକୁ ରାଜିଅଛି ଯେ ମୁଁ ମୋହନ ଦାସ ନୁହେଁ । ଅଥବା ମୋ' ବାପା କାବା ଦାସ ନୁହେଁ । ସେ ଆଦୌ ମରିନାହିଁ । ବିଷନାଥ କହିବାରୁ ପୋଲିସ୍‌ବାଲା ମୋତେ ପିଟିଛନ୍ତି । ସେମାନେ ମୋର ସବୁ ହାଡ଼ ଭାଂଗି ଦେଇଛନ୍ତି । ଏବେ ମୋତେ ନିଶ୍ୱାସ ନେବାକୁ ବି କଷ୍ଟ ହେଉଛି ।

ତା' ଓଠ ଖଣ୍ଡିଆ ହେବା ଆଉ ମୁହଁ ଫୁଲିଯିବା ମୁଁ ଦେଖି ପାରୁଥିଲି । ହେଇପାରେ ଥାନାରେ ସେମାନେ ତା' ଦାନ୍ତ ବି ଭାଂଗି ଦେଇଛନ୍ତି । ତା' କଣ୍ଠସ୍ୱର ଥରୁଥିଲା: ଯିଏ ଚାହୁଁଛି ସିଏ ମୋହନ ଦାସ ହଉ, ମୁଁ ଆଦୌ ମୋହନ ଦାସ ହେବାକୁ ଚାହେଁନା । ମୁଁ କେବେ ବି ଗ୍ରାଜୁଏଟ୍ ନୁହେଁ । କେବେ ବି ମୁଁ କ୍ଲାସ୍‌ରେ ପ୍ରଥମ ହେଇନି । କେବେ ବି କୌଣସି ଚାକିରି ପାଇଁ ମୋର ଯୋଗ୍ୟତା ନଥିଲା । ମୋତେ ଟିକେ ଶାନ୍ତିରେ ବଂଚିବାକୁ ଦିଅ । ଦୟାକରି ମୋତେ ଈର୍ଷା କରନାହିଁ ।

Digitized by PPRACHIN, SOA

ଯାହା ପାରୁଛ ମୋଠୁ ନିଅ । ମୋ' ନିଜ ଗୋଡ଼ରେ ମୋତେ ଠିଆହେବାକୁ ଦିଅ । ଦାଦା ଦୟାକରି ମୋତେ ସାହାଯ୍ୟ କର ।

ମୋହନ ଦାସର ବାର ବର୍ଷର ପୁଅ ଦେବଦାସ ଦଶ ଦିନ ହେଲା ଘରକୁ ଫେରିନି । ଅନେକ କହୁଛନ୍ତି ବିଷନାଥ ତାକୁ ହରଣଚାଳ କରିନେଇଛି । ଆଉ କେତେକ କହୁଛନ୍ତି ସେ ବମ୍ବେ ପଳେଇଯାଇଛି ।

ଏବଂ କେହିକେହି କହୁଛନ୍ତି ପଅରଦିନ ତାକୁ ବସ୍ତରର ଜଂଗଲରେ ବୁଲୁଥିବା ଦେଖିଛନ୍ତି ।

(ଏ କାହାଣୀ ସେଇ ସମୟର ଯେତେବେଳେ ରାଘବ ନାମକ ତିରିଶ୍ ବର୍ଷର ଏକ ତୀରନ୍ଦାଜି ଭରୁଚ ନିକଟରେ ଥିବା ଏକ ବଡ଼ କୁଦ ଉପରକୁ ଚଢ଼ି ଠିଆ ହେଉଥିଲା । ଅନେକ ରାତି ସେଠି ବିତାଇବା ସହ ସେ ବାଉଁଶ ତୀର ତିଆରିକଲା। ଆକାଶ ଉପରକୁ ସେ ତୀରକୁ ବିନ୍ଧୁଥିଲା ଏବଂ ତଳକୁ ଖସି ଆସୁଥିବା ତୀରକୁ ଧାଇଁଯାଇ ତୋଳୁଥିଲା। ଏକ...ଦୁଇ...ତିନି କିଏ ଜାଣେ କେତେ ବାଟ ସେ ଏମିତି ଆକାଶକୁ ତୀର ବିନ୍ଧୁଥିଲା, ପୁଣି ଦୌଡ଼ି ଯାଇ ମାଟିରୁ ତାକୁ ଟେକି ଆଣୁଥିଲା ? ଏବେ କିନ୍ତୁ ତା'ର ତୀର ପାଣି ଭିତରକୁ ବିନ୍ଧୁଥିଲା । ମାତ୍ର ସେ ତୀରକୁ ଖୋଜି ପାଇବା କାଠିକର ପାଠ ଥିଲା । କାରଣ ସେ କୁଦ ଆଉ ପାହାଡ଼ ଭିତରେ ଥିବା ଆଖି ପାଉନଥିବା ସମତଳ ଭୂମିରେ ଭର୍ତ୍ତି ହୋଇଥିଲା ବିସ୍ତୃତ ଜଳରାଶି । ଚାରିଆଡ଼େ ବନ୍ୟା । ଧ୍ୱଂସର ତାଣ୍ଡବଲୀଳା ଯିମିତି ପୃଥିବୀରେ ଆରମ୍ଭ ହୋଇଯାଇଛି । ବୁଡ଼ି ଯାଉଛି ଗାଁ ଗଣ୍ଡା, ବୁଡ଼ି ଯାଉଛି ପଡ଼ିଶା ଘର ସବୁ । ବୁଡ଼ି ଯାଉଛି ସମସ୍ତ ସ୍ମୃତିମାନ ।

ମାତ୍ର ତିରିଶ ବର୍ଷର ଯୁବକ ରାଘବ ବାରମ୍ବାର ଆକାଶକୁ ତୀର ବିନ୍ଧିଚାଲିଥିଲା ଓ ଦଉଡ଼ି ଯାଇ ମାଟିରୁ ଗୋଟାଇ ଆଣୁଥିଲା । ଦୌଡ଼ୁଦୌଡ଼ୁ ଦିନେ ପାଣି ଭିତରକୁ ଚାଲିଗଲା ।

ଏବେ ରାଘବ କେଉଁଠି ? ଏବେ ସେ ସେଇଠି, ଯେଉଁଠି କେବଳ ରହିଚି ପାଣି । ସୀମାହୀନ ଓ ଅତଳ ଗଭୀର ପାଣି ଚାରିଆଡ଼େ । ସେମାନେ କୁଆଡ଼େ ସେ ପାଣିରୁ ବିଜୁଳି ଉତ୍ପାଦନ କରିବେ ।

ଭରୁଚରେ କୁଆଡ଼େ ବହୁତ ଇଲିସି ମାଛ ଥିଲା । ଇଲିସି ଭାରତର ସବୁ ନଦୀମାଛ ଭିତରେ ଶ୍ରେଷ୍ଠ । ପୃଥିବୀର ମାଛ ମାନଙ୍କ ଭିତରେ ଅନନ୍ୟ । ସ୍ୱଚ୍ଛ ଆଉ

Digitized by PPRACHIN, SOA

ଚଳନ୍ତା ପାଣିରେ ହିଁ ସେମାନେ ବଢ଼ନ୍ତି । ଏବେ ସେମାନେ କିନ୍ତୁ ନଦୀବନ୍ଧର ସ୍ଥିର ତଥା ଦୂଷିତ ପାଣିଯୋଗୁଁ ମରିବା ଆରମ୍ଭ କରୁଥିବେ ।

ଏ କାହାଣୀ ସେଇ ସମୟର ଯେତେବେଳେ ମୁଁ ଲେଖୁଥିବା ଭାଷା ମୋତେ ବନ୍ଦୀ କରି ରଖିଛି ଆବୁ ଘ୍ରାଇବ୍ ଜେଲ୍‌ରେ ଜଣେ ଇରାକୀକୁ ରଖିବା ପରି । ୧୯୪୩ ମସିହାରେ ଜର୍ମାନୀରେ ଜଣେ ଇହୁଦୀକୁ ଗ୍ୟାସ୍ ଚାମ୍ବରରେ ରଖିବା ପରି, ସ୍ଥିର ପାଣିରେ ଗୋଟେ ମୃତ ଇଲିସି ମାଛକୁ ରଖିବା ପରି ଅଥବା ତୀରନ୍ଦାଜି ରାଘବ ପରି ଯିଏ ନିରନ୍ତର ତୀର ବିନ୍ଧି ଚାଲିଛି ।

ଏଇ ସମୟ ଯେତେବେଳେ ମୋହନ ଦାସ, ମୁଁ, ଆପଣ ଓ ବିଷନାଥ ଆଜିର ଜଣେ ଲେଖାଁ ବାସ୍ତବ ଚରିତ୍ର । ସମସ୍ତେ ଜାଣନ୍ତି ବର୍ତ୍ତମାନର ସମୟ ହେଉଛି ଏକବିଂଶ ଶତାବ୍ଦୀର ପ୍ରଥମ ଦଶକ ଏବଂ କ୍ଷମତାରେ ଥିବା ବ୍ୟକ୍ତିମାନେ ହିନ୍ଦୀକଥା ସାହିତ୍ୟର ସମ୍ରାଟ ପ୍ରେମଚନ୍ଦଙ୍କ ଦେଢ଼ଶ' ବାର୍ଷିକୀ ପାଳନ କରୁଛନ୍ତି ।

ହେଲେ, ସତ କୁହନ୍ତୁ, ମୋହନ ଦାସର ଗାଁ ପୂରବନାରା ଆପଣଙ୍କୁ 'ପୋରବନ୍ଦର' ନାଆଁଟି ମନେ ପକେଇ ଦେଉନାହିଁ ?

Digitized by PPRACHIN, SOA

ମନୁ ଦାଶ ଜଣେ ପ୍ରେମିକ - ସାହିତ୍ୟର ପ୍ରେମିକ । ଯଶ ପାଇଁ ନୁହେଁ, ଜୀବନ ପାଇଁ ସାହିତ୍ୟ - ଏଥିରେ ବିଶ୍ୱାସ କରୁଥିବା ମନୁ ଦାଶଙ୍କ ସାହିତ୍ୟ - ଜୀବନ ବ୍ୟାପ୍ତ ଓ ବିସ୍ତୃତ । ୧୯୭୪ରୁ ଚର୍ଚ୍ଚିତ 'ଅନାମ' କାବ୍ୟ ଆନ୍ଦୋଳନ ସହ ସଂପୃକ୍ତ ଏହି ଲେଖକ କବି, ଗାଳ୍ପିକ, ସ୍ତମ୍ଭକାର, ସଂପାଦକ ଓ ଅନୁବାଦକ ଭାବେ ବେଶ୍ ପ୍ରସିଦ୍ଧି ଲାଭ କରିଛନ୍ତି । 'ଆଞ୍ଜୁଳେ ସମୁଦ୍ରର ଢେଉ' ଓ 'କଳା ହରିଣ' କବିତା ସଂକଳନର ସ୍ରଷ୍ଟା ମନୁ ଦାଶଙ୍କ 'କଣ୍ଢେଇ ନାଚ' ଗଳ୍ପ ସଂକଳନ ସମେତ 'ଗୁଡ଼୍‌ଲିର ଜେଜେବାପା', 'ପ୍ରିୟ ଗଣକ', 'ଭୀରୁ ଭାରତ' ଓ 'ବଞ୍ଚିବାର ବାଟ' ଭଳି ପ୍ରବନ୍ଧ ସଂକଳନ ପ୍ରକାଶ ପାଇଛି । ଉଦୟନ ବାଜପେୟୀ, କେଦାରନାଥ ସିଂହ, ଗୁଲ୍‌ଜାର ଓ ନମିତା ଗୋଖ୍‌ଲେଙ୍କ ପରି ଚର୍ଚ୍ଚିତ ଓ ପ୍ରସିଦ୍ଧ ଲେଖକଙ୍କୁ ସେ ଅନୁବାଦ କରିଛନ୍ତି । ମିନିଗଳ୍ପ ସଂକଳନ 'ଜଣେ ଆତଙ୍କବାଦୀ ସହ ଗୋଟିଏ ସଂଧ୍ୟା'ର ସର୍ଜନାକାର ମନୁ ଦାଶ ମଧ୍ୟ 'ନାଇଣ୍ଟି ନାଇନ୍ ୱାର୍ଡସ' ଓ 'ଧଉଳି ରିଭ୍ୟୁ'ର ସଂପାଦକ ।

ଉଦୟ ପ୍ରକାଶଙ୍କ ବହୁ ଚର୍ଚ୍ଚିତ 'ମୋହନ ଦାସ' ଶ୍ରୀ ଦାଶଙ୍କ ଲେଖନୀର ଆଉ ଏକ ସଫଳ ପରିପ୍ରକାଶ ।

Digitized by PPRACHIN, SOA

ପକ୍ଷୀଘର ପ୍ରକାଶନୀ

9 788192 084107

MOHAN DAS

Novel by Uday prakash

Translated by- Manu Dash

A Pakshighar Publication 2013

₹ 70.00

Digitized by PPRACHIN, SOA